

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୩ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 September 2026
Vol.No. 36 ■ No.231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ବନ୍ୟାରେ ଛାରଖାର ନେପାଳ: ଭାରତ-ଚୀନ୍-ଆମେରିକାଠାରୁ ମାଗିଲା ଜଳବାୟୁ କ୍ଷତିପୂରଣ



ନୂଆଦିଲ୍ଲୀ,୨/୯ : ନେପାଳରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ଓ ବିପର୍ଯ୍ୟୟ ଏବେ ଏକ ଆନ୍ତର୍ଜାତୀୟ ବିବାଦର ରୂପ ନେଇଛି । ଭୋଟକୋଶୀ ନଦୀରେ ଆସିଥିବା ଭୟଙ୍କର ବନ୍ୟାରେ ତିନିଟି ଜିଲ୍ଲାର ଅନେକ ଗାଁ ସମ୍ପୂର୍ଣ୍ଣ ଭାବେ ଭାସି ଯାଇଥିବା ବେଳେ ରାଜଧାନୀ କାଠମାଣ୍ଡୁରେ ମଧ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ବିପର୍ଯ୍ୟୟ ପାଇଁ ବିଶ୍ୱର ପ୍ରମୁଖ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକାରୀ ରାଷ୍ଟ୍ର ଭାରତ, ଆମେରିକା ଓ ଚୀନ୍‌କୁ ଦାୟୀ କରି ନେପାଳ ସରକାର ଏବେ 'ଜଳବାୟୁ କ୍ଷତିପୂରଣ' ଦାବି କରିଛନ୍ତି। ନେପାଳର ଏହି ପଦକ୍ଷେପ ବିଶ୍ୱ ରାଜନୀତିରେ ଏକ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ନେପାଳରେ ଜରୁରୀକାଳୀନ ଟିମ୍ ଏପର୍ଯ୍ୟନ୍ତ ୧,୧୦୦ ରୁ ଅଧିକ ମୃତଦେହ ଉଦ୍ଧାର କରିସାରିଥିବା ବେଳେ ପ୍ରାୟ ୪,୫୦୦ ଲୋକ ଏବେ ମଧ ନିଖୋଜ ଅଛନ୍ତି । ଏଭଳି ଏକ ସଙ୍କଟ ସମୟରେ ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନଲ ଏକ ବଡ଼ କୂଟନୈତିକ ଅଭିଯାନ ଆରମ୍ଭ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ବିପର୍ଯ୍ୟୟ ପରବର୍ତ୍ତୀ ସହାୟତାକୁ ବିଶ୍ୱ ସମୁଦାୟ ଦାନ ଭାବେ ନୁହେଁ, ବରଂ ନୈତିକ ଦାୟିତ୍ୱ ଭାବେ ବିବେଚନା କରିବା ଉଚିତ୍ । ଗ୍ରୀନହାଉସ୍ ଗ୍ୟାସ ନିର୍ଗମନରେ ନେପାଳର ଅବଦାନ ନଗଣ୍ୟ ହୋଇଥିବା ସତ୍ତ୍ୱେ, ବିଶ୍ୱ ଉଷ୍ଣତା ବୃଦ୍ଧି ଯୋଗୁଁ ଦ୍ରୁତ ହିମବାହ ତରଳିବା ଏବଂ ଚରମ ବିପର୍ଯ୍ୟୟର ପରିଣାମ ନେପାଳକୁ ଭୋଗିବାକୁ ପଡୁଛି । ବୈଦେଶିକ ମନ୍ତ୍ରୀ ଖାନଲଙ୍କ ଅନୁଯାୟୀ, ଚୀନ୍ ବିଶ୍ୱରେ ସବୁଠାରୁ ଅଧିକ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ କରୁଥିବା ବେଳେ ଆମେରିକା ଦ୍ୱିତୀୟ ଏବଂ ଭାରତ ତୃତୀୟ ସ୍ଥାନରେ ରହିଛି। ଏହି ତିନି ରାଷ୍ଟ୍ରର କାର୍ଯ୍ୟକଳାପ ଯୋଗୁଁ ଜଳବାୟୁ ପରିବର୍ତ୍ତନ ଘଟୁଥିବାରୁ ନେପାଳ ଭଳି ବିପର୍ଯ୍ୟସ୍ତ ରାଷ୍ଟ୍ରଗୁଡ଼ିକୁ କ୍ଷତିପୂରଣ ଦେବା ସେମାନଙ୍କର ଏକ ଐତିହାସିକ ଦାୟିତ୍ୱ। କାଠମାଣ୍ଡୁ ଏହି ପ୍ରସଙ୍ଗକୁ ଆନ୍ତର୍ଜାତୀୟ ଫୋରମରେ ଦୃଢ଼ତାର ସହ ଉଠାଇବ ଏବଂ ପ୍ରମୁଖ ନିର୍ଗମନକାରୀଙ୍କଠାରୁ ଆର୍ଥିକ କ୍ଷତିପୂରଣ ଲୋଡ଼ିବ ବୋଲି ସେ ଜଣାଇଛନ୍ତି । ନେପାଳ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ଆନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ କ୍ଷତିପୂରଣ ଦାବି ପତ୍ର ପଠାଯାଇଛି । ହିମାଳୟର ହିମବାହ ଯଦି ଶେଷ ହୋଇଯାଏ, ତେବେ ଗଙ୍ଗା ଓ ତ୍ରିଶୂଳୀ ଭଳି ନଦୀ ଉପରେ ନିର୍ଭର କରୁଥିବା ଦକ୍ଷିଣ ଏସିଆର ପ୍ରାୟ ୨୦୦ କୋଟି ଲୋକଙ୍କ ଜଳ ସୁରକ୍ଷା ବିପଦରେ ପଡ଼ିବ । ତେଣୁ ନେପାଳ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଏସୀୟ ସଭ୍ୟତାର ସୁରକ୍ଷା ପାଇଁ ଏହି ଲଢ଼େଇ ଲଢୁଛି ବୋଲି ମନ୍ତ୍ରୀ ଖାନଲ ପ୍ରକାଶ କରିଛନ୍ତି ।

## ଉତ୍ତର ଓଡ଼ିଶାକୁ ପୁଣି ବନ୍ୟା ବିପଦ: ଫୁଲୁଛି ସୁବର୍ଣ୍ଣରେଖା



ବାଲେଶ୍ୱର, ୨/୯ (ନି.ପ୍ର): ବନ୍ୟାରେ ଆଉଟୁ ପାଉଟୁ ହେଉଛି ଉତ୍ତର ଓଡ଼ିଶା। ଗାଁ ଗଣ୍ଡାରୁ ବନ୍ୟା ପାଣି ଛାଡିନଥିବା ବେଳେ ପୁଣି ସୁବର୍ଣ୍ଣରେଖାରେ ବନ୍ୟା। ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗାଲୁଡିହ ବ୍ୟାରେଜର ୧୩ଟି ଗେଟ୍ ଦେଇ ସୁବର୍ଣ୍ଣରେଖାରେ ପଶୁଛି ବନ୍ୟା ପାଣି। ସଂଧ୍ୟା ବଢିବା ସହ ବଢୁଛି ବନ୍ୟା ଭୟ। ଜଳେଶ୍ୱର ବ୍ଲକ୍ ରାଜଘାଟଠାରେ ସୁବର୍ଣ୍ଣରେଖାର ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ବନ୍ୟାପାଣି ୧୧.୬୩ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଭୋଗରାଇ ବ୍ଲକର ୧୩ଟି ପଞ୍ଚାୟତର ୬୫ଟି ଗାଁ, ବାଲିଆପାଳ ବ୍ଲକର ୬୦ଟି ଓ ଜଳେଶ୍ୱର ବ୍ଲକର ୧୨ଟି ଗାଁ ବନ୍ୟା ଘେରକୁ ଚାଲିଆସିଛି। ଅନେକ ଘରେ ପାଣି ପଶିଥିବାରୁ ଦହଗଞ୍ଜ ହେଉଛନ୍ତି ଲୋକେ। ବାଲେଶ୍ୱର ଜିଲ୍ଲାପାଳ ଆଜି ଭୋଗରାଇ ଓ ବାଲିଆପାଳ ବ୍ଲକର ବନ୍ୟାଞ୍ଚଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ସେପଟେ ପାଓ୍ୱାର୍ ବୋଟ୍ ନଥିବାରୁ ବାଲିଆପାଳ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତର ନୟାବାଲି ଗାଁରେ ଦୁଇଜଣ ରୋଗୀଙ୍କୁ ଅଗ୍ନିଶମ ବାହିନୀ ସହାୟତାରେ ମେଡିକାଲକୁ ପଠାଯାଇଛି। ସେପଟେ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଆଜି ରାତି ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପାଇଁ ସତର୍କର ରାତି। ପାଣି ବଢ଼ିବା ସହ କିଛି ତଳିଆ ଅଞ୍ଚଳରେ ପାଣି ପଶିବା ନେଇ ସତର୍କ କରାଇଛନ୍ତି। ସୁବର୍ଣ୍ଣରେଖାରେ କାଲି ଯାଏ ବିପଦ ସଂକେତ ଉପରେ ଜଳ ପ୍ରବାହିତ ହେବ। ଅପରାହ୍ନ ପରେ ଧୀରେ ଧୀରେ ପାଣି କମିବ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ବାଲିଆପାଳ ଏବଂ ଭୋଗରାଇ ବ୍ଲକର ୨୫ଟି ପଞ୍ଚାୟତ ବନ୍ୟା ଘେରରେ ଅଛି। ପ୍ରଶାସନ ଗ୍ରାଉଣ୍ଡ ଜିରୋରେ ଅଛି, ରନ୍ଧା ଖାଦ୍ୟ ଦିଆଯାଉଛି। ସେପଟେ ବୈତରଣୀ ନଦୀରେ କ୍ରମାଗତ ବନ୍ୟାରେ ଏବେ ବି ଘାଣ୍ଟି ହେଉଛନ୍ତି ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ଗାଁର ଲୋକ। ମାସେରୁ ଅଧିକ ସମୟ ଧରି ବନ୍ୟା ଘେରରେ ରହିଛି ଯାଜପୁର ଜିଲ୍ଲାର ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୯ଟି ପଞ୍ଚାୟତ। ନଦୀରେ ବାରମ୍ବାର ବନ୍ୟା ଯୋଗୁ ଦଶରଥପରୁ ବ୍ଲକର ◆◆ପୃଷ୍ଠା ୭

## ପିୟୁସିସି ଜରିମାନା କମାଇଲେ ସରକାର: ଗାଡ଼ି ମାଲିକଙ୍କୁ ବଡ଼ ଆଶ୍ୱସ୍ତି




ଭୁବନେଶ୍ୱର, ୨/୯ (ନି.ପ୍ର): ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା ଚଟଉଉ ନେଇ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା। ଗାଡ଼ି ମାଲିକଙ୍କ ଉପରେ ଜରିମାନାର ବୋଝ କମାଇଲା ପରିବହନ ବିଭାଗ। ପୂର୍ବରୁ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ନଥିଲେ ପଡୁଥିଲା ୧୦ ହଜାର ଟଙ୍କା ଜରିମାନା। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର ଏହି ପରିମାଣକୁ ହ୍ରାସ କରିଛନ୍ତି। ◆◆ପୃଷ୍ଠା ୭

## ସେପ୍ଟେମ୍ବର ୭ରୁ କେଦାରନାଥ ହେଲି ସେବା ପାଇଁ ଖୋଲିବ ୱିଣ୍ଡୋ

ନୂଆଦିଲ୍ଲୀ,୨/୯ : ଚାରଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ କେଦାରନାଥ ଧାମ ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ହେଲି ସେବା ସେପ୍ଟେମ୍ବର ୧୫ ରୁ ପୁନର୍ବାର ଆରମ୍ଭ ହେବ। ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ ପ୍ରାଧିକରଣ (ୟୁସିଏଡିଏ) ଏଥିପାଇଁ ପ୍ରସ୍ତୁତି ଜୋରଦାର କରିଛି ଏବଂ ସେପ୍ଟେମ୍ବର ୭ ରୁ ପ୍ରଥମ ଟିକେଟ୍ ବୁକିଂ ୱିଣ୍ଡୋ ଖୋଲିବାକୁ ପ୍ରସ୍ତୁତ। ◆◆ପୃଷ୍ଠା ୭

## କାଠଗଡ଼ାରେ ଡିଜିପି ଚୟନ: ଆଜି ବି ହୋଇପାରିଲାନି ସୁପ୍ରିମକୋର୍ଟରେ ଶୁଣାଣି

### ସେପ୍ଟେମ୍ବର ୭ରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର, ୨/୯ (ନି.ପ୍ର): କିଏ ହେବେ ଓଡ଼ିଶାର ପରବର୍ତ୍ତୀ ଡିଜିପି ? ସୁପ୍ରିମକୋର୍ଟ କାଠଗଡ଼ାରେ ଆଜି ବି ଅଟକିଲା ଏହି ପ୍ରଶ୍ନକୁ ଲାଗି ରହିଥିବା ଅନିଶ୍ଚିତତା । ଆଜି ହେବାକୁ ଥିବା ମାମଲାର ଶୁଣାଣିକୁ ଶେଷ ମୁହୂର୍ତ୍ତରେ ଆଉ ଥରେ ଘୁଞ୍ଚାଇ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ସେପ୍ଟେମ୍ବର ୭ରେ ହେବ ପରବର୍ତ୍ତୀ ଶୁଣାଣି। ଓଡ଼ିଶା ପୁଲିସ ଡିଜି ନିଯୁକ୍ତିକୁ ନେଇ ଆଇନଗତ ଲଢ଼େଇ ଏବେ ଆହୁରି ଲମ୍ବା ହୋଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ବେଞ୍ଚରେ ଏହି ମାମଲାର ଶୁଣାଣି ହେବାକୁ ଥିଲା। କିନ୍ତୁ ପିଟିସନର୍ ପକ୍ଷରୁ ରିଜଏଣ୍ଡର୍ ଦାଖଲ ହୋଇଥିବାରୁ କୋର୍ଟ ଏହାକୁ ଅଧ୍ୟୟନ କରିବା ପାଇଁ ସମୟ ନେଇଛନ୍ତି। ଯାହା ଫଳରେ ଆଜିର ଶୁଣାଣି ଆସନ୍ତା ସୋମବାରକୁ ଘୁଞ୍ଚିଛି ଓ ସବୁଠାରୁ ବଡ଼ କଥା ୟୁପିଏସ୍‌ସି ମଧ ଏହି ମାମଲାରେ ଅପେକ୍ଷା କରିବ। ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁସାରେ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ୟୁପିଏସ୍‌ସି କମିଟି ଓଡ଼ିଶା ଡିଜିପି ପଦ ପାଇଁ କୌଣସି ତାଲିକା ଦେଇପାରିବ ନାହିଁ । ଆବେଦନକାରୀଙ୍କ ଅଭିଯୋଗ ଥିଲା, ଓଡ଼ିଶା ସରକାର ଡିଜିପି ଚୟନ ପାଇଁ ପ୍ରଥମେ ଯେଉଁ ଅଧିକାରୀମାନଙ୍କ ନାମ ତାଲିକା ୟୁପିଏସ୍‌ସିକୁ ପଠାଇଥିଲେ, ◆◆ପୃଷ୍ଠା ୭

## ସେପ୍ଟେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ଜୟଶଙ୍କର ୟୁକ୍ରେନ ଏବଂ ପୋଲାଣ୍ଡ ଗସ୍ତ

ନୂଆଦିଲ୍ଲୀ,୨/୯ : ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସେପ୍ଟେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ୟୁକ୍ରେନ ଏବଂ ପୋଲାଣ୍ଡକୁ ସରକାରୀ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ସେ ଉଭୟ ଦେଶର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଂଚଳିକ ବିକାଶକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଏହି ଗସ୍ତ ସମୟରେ ଜୟଶଙ୍କର ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଏବଂ ପୋଲାଣ୍ଡର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ରାଡୋସ୍ଲାବ ସିକୋର୍ସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ।

## ୭୬ଗ୍ରାମ ବ୍ରାଉନ ସୁଗାର ଜବତ: ୩ ବାଇକ୍ ସମେତ ୫ଗିରଫ

ଖୋର୍ଦ୍ଧା, ୨/୯ (ନି.ପ୍ର): ଶିଳ୍ପାଂଚଳ ଥାନା ପୋଲିସ ବ୍ରାଉନ ସୁଗାର କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି ।ଗିରଫ ମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ତରତୁଆର ପ୍ରଶାନ୍ତ ବଡ଼ଜେନା (୨୪), ବୈକୁଣ୍ଠ ବିହାରର ବିକ୍ରମ ନାୟକ(୨୧), ଗୌଡପୁଟ ର ଶୁଭ୍ରାଂଶୁ ବରାଳ(୨୪), ଠେଙ୍ଗାହାଟ ନିକଟ ଶାଗୁଆନ ବଗିଚାର ସୁଭାଶିଷ ସ୍ୱାଇଁ(୨୩)ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଗୌଡଗୋଠ ଗାଁ ର ନରେନ୍ଦ୍ର ବେହେରା(୩୪) ବର୍ତମାନ ତରତୁଆ ରିଜର୍ଭ ପଡ଼ିଆ ଗେଟ ନିକଟରେ ରହୁଥିଲା ।ତେବେ ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ବୁଲେଟ୍, ଦୁଇଟି ବାଇକ,୫ଟି ପଲିଥିନ ପ୍ୟାକ,୪ଟି ମୋବାଇଲ ଜବତ କରିଛି । ପୋଲିସ ସୁଚନା ମୁତାବକ ଆଜି ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ବ୍ରାଉନ ସୁଗାର କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା।

## ଜଳଶକ୍ତି ଶୀର୍ଷ ସମ୍ମିଳନୀରେ ଓଡ଼ିଶାର ଜଳସେଚନ ସଫଳତା କହିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝି



ଭୁବନେଶ୍ୱର, ୨/୯ (ନି.ପ୍ର): ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪,୦୦୦ କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି। ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ଶୀର୍ଷ ସମ୍ମିଳନୀରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି ଆର୍ ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ଜଳସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମାଝିଙ୍କ ଉପସ୍ଥାପିତ ତଥ୍ୟାନୁସାରେ, ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି। ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ଆଇଏସ୍‌ଏସ୍ ପ୍ରକଳ୍ପ ଏବଂ ୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିଅମ୍, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍ ବୋରୱେଲ୍ ଏବଂ ୮,୯୧୭ଟି ସୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି। ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦,୦୦୦ରୁ ଉର୍ଦ୍ଧ୍ୱ 'ପାଣି ପଞ୍ଚାୟତକୁ ସଶକ୍ତ କରାଯାଉଛି। ଏହି ସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ୍ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବହୁ ପ୍ରତୀକ୍ଷିତ 'କାନୁପୁର ପ୍ରକଳ୍ପ'ର ସଫଳ ସମାପ୍ତି ◆◆ପୃଷ୍ଠା ୭

## ରୁଷ ଏୟାରସ୍ପେସ ବ୍ୟବହାର ନକରିବାକୁ ସବୁ ଏୟାରଲାଇନ୍ସକୁ ଚେତାବନୀ ଦେଲେ ଜେଲେନସ୍କି



ନୂଆଦିଲ୍ଲୀ,୨/୯ : ରୁଷ-ୟୁକ୍ରେନ ଯୁଦ୍ଧ ଆଉ କେବଳ ସ୍ଥଳ ଏବଂ ସାମରିକ ଘାଟି ପର୍ଯ୍ୟନ୍ତ ସୀମିତ ନାହିଁ। ରୁଷୀୟ ଆକାଶମାର୍ଗ ଏବଂ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ ଏହାର ପ୍ରଭାବ ବୃଦ୍ଧି ପାଇଛି। ସେପ୍ଟେମ୍ବର ୧ ରାତିରେ, ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏକ ଭିଡିଓରେ ଚେତାବନୀ ଜାରି କରିଥିଲେ। ସେ ବିମାନ କମ୍ପାନି, ବୀମା କମ୍ପାନି ଏବଂ ରୁଷୀୟ ଆକାଶମାର୍ଗର ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସତର୍କ ସୂଚନା ଜାରି କରିଥିଲେ। ସେ କହିଥିଲେ ଯେ, ୟୁକ୍ରେନୀୟ ଡ୍ରୋନ୍ କାର୍ଯ୍ୟକଳାପ ଯୋଗୁଁ ରୁଷୀୟ ଆକାଶ କ୍ରମଶଃ ବିପଦପୂର୍ଣ୍ଣ ହେଉଛି। ଯୁଦ୍ଧ ସମୟରେ ସେଠାରେ ବେସାମରିକ ବିମାନର ସୁରକ୍ଷା ନେଇ ଆଶଙ୍କା ବୃଦ୍ଧି ପାଇପାରେ। ସେ ବିମାନ କମ୍ପାନି ଏବଂ ଯାତ୍ରୀମାନଙ୍କୁ ଏହି ବିପଦକୁ ଗମ୍ଭୀରତାର ସହ ନେବାକୁ ଅନୁରୋଧ କରିଛନ୍ତି। ରୁଷୀୟ ସମାଚାର ଏଜେନ୍ସି ଅନୁଯାୟୀ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଜେଲେନସ୍କିଙ୍କ ଚେତାବନୀ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଁ ଏପରି ମନ୍ତବ୍ୟ ଶୁଣିନାହିଁ, କିନ୍ତୁ ଯଦି ଏହା ସାର୍ବଜନୀନ ଭାବରେ କୁହାଯାଇଛି, ତେବେ ଏହା ରାଷ୍ଟ୍ର ଆତଙ୍କବାଦକୁ ପ୍ରୋତ୍ସାହିତ କରିବାର ଏକ ସିଧାସଳଖ ପ୍ରୟାସ। ମୁଁ ଏହା ଦର୍ଶାଇବାକୁ ଚାହୁଁଛି ଯେ ସେମାନେ ଆମକୁ ଆଲୋଚନା ଏବଂ ବ୍ୟକ୍ତିଗତ ବୈଠକ ପୁଣି ଆରମ୍ଭ କରିବାକୁ କହୁଛନ୍ତି। ଆମେ ଏଭଳି ଆତଙ୍କବାଦୀଙ୍କ ସହିତ ଆଲୋଚନା କରିବାକୁ ଚାହୁଁନାହୁଁ। ◆◆ପୃଷ୍ଠା ୭

# କୋଲାବିରାଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର: ୪୬ଟି ଅଭିଯୋଗ ମଧ୍ୟରୁ ୩ଟିର ସଦ୍ୟ ସମାଧାନ

ଝାରସୁଗୁଡା,୨/୦୯ (ନି.ପ୍ର): କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଏକ ବ୍ଲକସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ସାଧାରଣ ଜନତାଙ୍କ ବିଭିନ୍ନ ଆପତି ଓ ଅଭିଯୋଗର ଶୁଣାଣି କରିଥିଲେ। ତାଙ୍କ ସହିତ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ରହି ଆବେଦନଗୁଡ଼ିକର ସମୀକ୍ଷା କରିଥିଲେ।

ଆଜିର ଏହି ଶିବିରରେ ମୋଟ ୪୬ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଗ୍ରାମବାସୀଙ୍କ ତରଫରୁ ଦାଖଲ ହୋଇଥିବା ଅଭିଯୋଗ ଥିଲା। ସେଥିମଧ୍ୟରୁ ୩ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଜମି ପଟ୍ଟା ପ୍ରଦାନ, ଜମିଜମା ରେକର୍ଡର ଦ୍ୱିତୀୟ କଲମ ସଂଶୋଧନ, ଜବରଦଖଲ ଉଚ୍ଛେଦ, ଗଛ କଟା ସମ୍ପର୍କିତ ବିବାଦ, ଡ୍ରେନେଜ୍ ସମସ୍ୟା, ରାସ୍ତା ନିର୍ମାଣ, କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ଗ୍ରାମାଚଂଳରେ ମଦ ଭାଟି ବନ୍ଦ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଲୋକେ ଦାବି ଜଣାଇଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୮ କିଲୋଗ୍ରାମ କଇଁଛ ମାଂସ ଜବତ: ୨ ଗିରଫ

ମାଲକାନଗିରି,୨/୦୯ (ନି.ପ୍ର): ମାଲକାନଗିରି ବନ ବିଭାଗ ପ୍ରାୟ ୮ କିଲୋଗ୍ରାମ କଇଁଛ ମାଂସ ଜବତ କରିବାସହ ଦୁଇ ବନ୍ୟପ୍ରାଣୀ ଚାଲାଣକାରୀଙ୍କୁ ଗିରଫ କରିଛି ! ଅବୈଧ ବନ୍ୟପ୍ରାଣୀ ପରିବହନ ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇ ମୋଟୁ ରେଞ୍ଜର ଅଧିକାରୀମାନେ ଗତକାଲି ଅପରାହ୍ନ ରେ ମୋଟୁର କୋଣ୍ଟା ବ୍ରିଜ୍ ନିକଟରେ କଇଁଛ ମାଂସ ଚାଲାଣ ହେଉଥିବା ଚିହ୍ନଟ କରିଥିଲେ। ଅଭିଯୁକ୍ତମାନଙ୍କୁ ସୁକାମା ଜିଲ୍ଲାର ୱାର୍ଡ ୯୫ରୁ ଗିରଫ କରାଯାଇଥିଲା। ଦୁଇ ଅଭିଯୁକ୍ତଙ୍କଠାରୁ ପ୍ରାୟ ୮କିଲୋଗ୍ରାମ ନରମ କଇଁଛ ମାଂସ ଜବତ କରାଯାଇ ଅଟକ ରଖାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ମୋଟୁ ରେଞ୍ଜର ଓଆର୨୯,୨୬/୨୭ ରେ ବନ୍ୟପ୍ରାଣୀଙ୍କ ଅବୈଧ ଦଖଲ ଏବଂ ପରିବହନ ପାଇଁ ଏକ ଜଙ୍ଗଲ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଭଦ୍ରକ,୨/୦୯ (ନି.ପ୍ର): ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନସ୍ଥ କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ବିପିନ ବିହାରୀ ଉ.ପ୍ରା. ବିଦ୍ୟାଳୟ ଭଗାରାମର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ନାଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଭଗାରାମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅବସର ପ୍ରାପ୍ତ ପ୍ରାଧାନଶିକ୍ଷକ ପ୍ରଣୟ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କାଦବରାଙ୍ଗ ଗ୍ରାମ ପଂଚାୟତ ସରପଂଚ ପ୍ରତିନିଧି ଭାଗୀରଥି ସେଠୀ,ମୁଖ୍ୟ ବକ୍ତା ଭାବେ କାଦବରାଙ୍ଗ ସଂଯୁକ୍ତ ବିଦ୍ୟାଳୟ ଅଧକ୍ଷ ବିମଳ ଦାସ, ବିଶିଷ୍ଟ ଅତିଥି ଭାବେ ଅଲୋଷ୍ଟା ଜିଲ୍ଲା ସଂପାଦକ ଗୟାଧର ଦାସ,ସମ୍ମାନୀତ ଅତିଥି ଭାବେ ପଂଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଅଦ୍ୱୈତ ପ୍ରକାଶ ଦାସ,ଅଲୋଷ୍ଟା ବ୍ଲକ ସଂପାଦକ ଜଗନ୍ନାଥ ମଲ୍ଲିକ,ଶିକ୍ଷାବିତ୍ ଉପେନ୍ଦ୍ର ବିଶ୍ୱାଳ,କାଦବରାଙ୍ଗ କ୍ଲଷ୍ଟର ସିଆରସିସି ପ୍ରଦୀପ ପଲେଇ, ବିଦ୍ୟାଳୟ ପ୍ରଥମ ସଂପାଦକ ରବିନ୍ଦ୍ର ନାୟକ,ପ୍ରଥମ ସଭାପତି ଦୁର୍ଯ୍ୟୋଧନ ମହୁରୀ,ବନ୍ତଲା ନୋଡ଼ାଲ ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବିଶ୍ୱାଳ,ଏନ୍‌ପିଏସ୍ ସଂଘ ସଭାପତି ମଳୟ ଜେନା,ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ନାଇକ, ଦୁଇ ବିଦ୍ୟଳୟ ସଭାପତି, ୱାର୍ଡ଼ ସଭ୍ୟା ପ୍ରମୁଖ ଯୋଗ ଦେଇ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିଦ୍ୟାଳୟ ପ୍ରତି ଥିବା ସହଯୋଗୀତା ଓ ଆଦର୍ଶ ଗୁଣ ବିଷୟରେ ଅବଲୋକନ କରିଥିଲେ । ସଭା ପ୍ରରମ୍ଭରେ ବିଦ୍ୟାଳୟ ଶିକ୍ଷକ ତଥା ତୋଫାବିବି କ୍ଲଷ୍ଟର ସିଆରସିସ ନିରଜଂନ ଖିଲାର ଅତିଥି ପରିଚୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ସହକାରୀ ଶିକ୍ଷକ ବିଭୂତିଭୂଷଣ ଯେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ନାଥଙ୍କୁ ଅତିଥି,ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ତରଫରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା ।

# କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ: ୨ଟି ପ୍ରକଳ୍ପ ଉଦ୍‌ଘାଟିତ, ୭ ପ୍ରକଳ୍ପର ଶିଳାନ୍ୟାସ

କେନ୍ଦ୍ରାପଡ଼ା,୨/୦୯ (ନି.ପ୍ର): କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି। ଉଦୟନଗରସ୍ଥିତ ଜିଲ୍ଲା ସଂସ୍କୃତିଭବନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ରାଜ୍ୟର ପ୍ରଥମ ପୌରପାଳିକା କେନ୍ଦ୍ରାପଡ଼ାକୁ ଏକ ଆଦର୍ଶ ପୌରପାଳିକା ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ପୌରପାଳିକା ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌରପାଳିକା ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବର୍ଷିୟାନ ରାଜନୀତିଜ୍ଞ ତଥା ପୂର୍ବତନ ଉପ ନଗରପାଳ ସ୍ୱର୍ଗତ କୁଞ୍ଜ ବିହାରୀ ପୃଷ୍ଟିଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା। ସ୍ୱାୟତ ଶାସନର ଜନକ ଲର୍ଡ଼ ରିପନଙ୍କ ଦୂରଦୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ଆଧାର ହେଉଛି ସ୍ୱାୟତ ଶାସନ ବ୍ୟବସ୍ଥା ବୋଲି ଜିଲ୍ଲା ପରିଷଦ ସଭାନେତ୍ରୀ ସୁଶ୍ରୀ ଦାସ ମତବ୍ୟକ୍ତ କରିଥିଲେ। ଡ୍ରେନଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ ମୂଲ୍ୟବୋଧ ଭିତିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ନୂତନ ପୌର କାର୍ଯ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ୭କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାଷୀ ମାଧ୍ୟମରେ ୨ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ୭ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡରେ ୮୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ଫେଜ-୧ ଓ ଫେଜ-୨ ମାର୍କେଟ କମ୍ପ୍ଲେକ୍ସ ଏବଂ ୭ନମ୍ବର ୱାର୍ଡର ଗୌଡ଼ଗୋପରେ ୮୨.୯୧ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ପୌରସଂସ୍ଥା ପ୍ରଶାସନିକ ସଂପ୍ରସାରଣ ଗୃହ, ବିକ୍ରୟ କାଉଂଟର ଏବଂ ଖତ ଟ୍ରିଟମେଂଟ ପ୍ଲାଂଟକୁ ଉଦ୍‌ଘାଟନ କରିଥିଲେ। ଏହାବ୍ୟତିତ ୬୫.୪୩ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଗୋପବନ୍ଧୁ ପାଠାଗାରାର ଉପର ମହଲା ନିର୍ମାଣ, ୫୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନୂଆ ବସ୍‌ଷ୍ଟାଣ୍ଡରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଉର୍ଦ୍ଧ୍ୱ ପାଠାଗାର ଗୃହର ଉପର ମହଲାରେ ୬୫.୨୭ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ବହୁମୁଖୀ ସଂସ୍କୃତି ହଲ ନିର୍ମାଣ,୨କୋଟି ୫୮ଲକ୍ଷ ୮୮ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ୨୧ନମ୍ବର ୱାର୍ଡ଼ର ଉଦୟନଗର ଠାରେ ଥିବା ପୁରୁଣା କଲ୍ୟାଣ ମଣ୍ଡପର ନବୀକରଣ ଓ ବହୁମୁଖୀ ହଲ ନିର୍ମାଣ, ଏକକୋଟି ୪୯ଲକ୍ଷ ୮୦ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ତିନିମୁହାଣି ଠାରୁ ନୂଆ ବସ୍‌ଷ୍ଟାଣ୍ଡ ଆଡ଼କୁ ଥିବା ମୁଖ୍ୟ ରାସ୍ତାର ଉନ୍ନତିକରଣ, ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଏମ୍‌ପି ଅନୁଦାନ ପାଣ୍ଠିରୁ ପ୍ରଦତ ୫୨ଲକ୍ଷ ୧୮ହଜାର ଟଙ୍କାରେ ତୁଳସୀ ମହାବିଦ୍ୟାଳୟର ଦୁଇଟି ଶ୍ରେଣୀକକ୍ଷର ନିର୍ମାଣ, ୫୦ଲକ୍ଷ ୩୫ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ୫ନମ୍ବର ୱାର୍ଡ଼ ତୁଳସୀ ମହାବିଦ୍ୟାଳୟର ନିକଟରେ ଶ୍ରୀବଳଦେବଜୀଉ ପାଠାଗାର ଗୃହ ନିର୍ମାଣ ପ୍ରଭୃତି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ମଧ୍ୟ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ଼ରେ କରିଥିଲେ। ଏହି ଉତ୍ସବରେ କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀରାମ ଦାଶ, ସାମ୍ବାଦିକ ଅକ୍ଷୟ କୁମାର ପତି ଓ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କବି ଓ ପ୍ରାବନ୍ଧିକ ଡ. ବିରଜା ପ୍ରସାଦ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅବସରପ୍ରାପ୍ତ ୫ଜଣ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ପ୍ରଶାନ୍ତ କୁମାର ନାୟକ, ବନମାଳି ସାହୁ, ରାଜଲକ୍ଷ୍ମୀ ସିଂହ, କୃପାସିନ୍ଧୁ ସିଂହ, ନିରଞ୍ଜନ ନାୟକ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଭାବଗ୍ରାହୀ କଳାନିକେତନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇ ଥିଲା। ଏହି ବୈଠକରେ ବୁଦ୍ଧିଜୀବୀ, ସାଧାରଣ ଜନତା, ସ୍ୱଚ୍ଛସାଥି, ମହିଳା ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପାଧ୍ୟକ୍ଷା ଆକବରୀ ଖାତୁନ ଧନ୍ୟବାଦ ଅର୍ପଣ କରିଥିବାବେଳେ ବରିଷ୍ଠ କର୍ମଚାରୀ ଅଶୋକ ସାହୁ ଓ ପ୍ରତିମା ବାରିକ ମଂଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲି ବେହେରା, ଜ୍ୟୋତିରଞ୍ଜନ ରାଉତ, ଅଭୟ କୁମାର ଦାସ, ଶୁଚିସ୍ମିତା ଜେନା, ଶ୍ରୀଦେବୀ ପରିଡ଼ା, ମୋନାଲି ସାହୁ, ମଧୁସ୍ମିତା ଷଡଙ୍ଗୀ, ମଧୁସ୍ମିତା ଧଳ ପ୍ରମୁଖ ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ପୌରପାଳିକା ପକ୍ଷରୁ ସକାଳେ ରାମଧୂନ, ପ୍ରଭାତଫେରୀ, ପତାକା ଉତୋଳନ, ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା।

# ଚଳିତବର୍ଷ ପୁରୀ ଜିଲ୍ଲାରେ ଆବଶ୍ୟକତାଠାରୁ ଅଧିକ ବର୍ଷା

ପୁରୀ ,୨/୦୯ (ନି.ପ୍ର): ଚଳିତ ବର୍ଷ ପୁରୀ ଜିଲ୍ଲାରେ ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷା ର ପରିମାଣ ବିଗତ ବର୍ଷ ତୁଳନାରେ ଅଧିକ ରହିଛି । ଜୁନ ମାସରେ ଚଳିତ ବର୍ଷ ୫୦.୩ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ରେ ଏହାର ପରିମାଣ ୬୯୩.୧ ମିମି ଓ ଅଗଷ୍ଟ ମାସରେ ୩୬୫.୨ ମିମି ବର୍ଷା ହୋଇଛି। ମୋଟ ଉପରେ ଏହି ତିନି ମାସରେ ବର୍ତ୍ତମାନ ସୁଦ୍ଧା ୧୧୦୫.୬ ମିମି ବର୍ଷା ହୋଇଛି। ଜିଲ୍ଲାରେ ସାଧାରଣ ଭାବେ ଏହି ତିନି ମାସରେ ମୋଟ ୮୩୮.୪ ମମି ବର୍ଷା ଅର୍ଥାତ ଜୁନ ମାସରେ ୧୭୪.୬,ଜୁଲାଇ ମାସରେ ୩୧୧.୫ ମିମି ଓ ଅଗଷ୍ଟ ମାସରେ ୩୫୨.୩ ମିମି ବର୍ଷା ହେବା କଥା। ତେବେ ୮୩୮.୪ ମିମି ତୁଳନାରେ ଚଳିତ ବର୍ଷ ଏହି ତିନି ମାସରେ ଅଧିକ ୨୬୭.୨ ମିମି ବା ମୋଟ ୧୧୦୫.୬ ମିମି ବର୍ଷା ରେକର୍ଡ ହୋଇଛି।୨୦୨୩ ମସିହା ଜୁନ ରେ ୧୦୮.୨,ଜୁଲାଇରେ ୧୭୫.୨ ଓ ଅଗଷ୍ଟ ରେ ୨୭୯.୮ ମିମି। ଏହି ଭଳି ମୋଟ ୫୬୩ ୨ ମିମି ବର୍ଷା ହୋଇଥିଲା। ୨୦୨୪ ଜୁନରେ ୧୧୦.୩ ଜୁଲାଇ ରେ ୧୮୪.୧ ଓ ଅଗଷ୍ଟ ରେ ୩୦୬.୪ ମିମି, ଏହି ଭଳି ମୋଟ ୬୦୦.୮ ମିମି ବର୍ଷା ହୋଇଥିଲା।୨୦୨୫ ବର୍ଷ ରେ ଜୁନ ମାସରେ ୧୫୩.୯ ମିମି,ଜୁଲାଇରେ ୧୩୩.୯ ମିମି, ଅଗଷ୍ଟ ରେ ୨୦୯.୫ ମିମି, ଏହି ଭଳି ମୋଟ ୪୯୭.୩ ମିମି ବର୍ଷା ରେକର୍ଡ କରାଯାଇଥିଲା।

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା,୨/୦୯ (ନି.ପ୍ର): ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଆଇନଗତ ସୁରକ୍ଷା, ନ୍ୟାୟିକ ଅଧିକାର ତଥା ଉପଲବ୍ଧ ସରକାରୀ ସହାୟତା ବ୍ୟବସ୍ଥା ସମ୍ପର୍କରେ ସଚେତନତା ଓ ଦକ୍ଷତା ବୃଦ୍ଧି ନିମନ୍ତେ 'ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫' ଉପରେ ଏକ ଏକଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଡିଏମ୍‌ଏଫ୍ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ତତ୍ତ୍ୱାବଧାନ ତଥା ମହିଳା ସଶକ୍ତୀକରଣ ଜିଲ୍ଲା କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ସେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ବିଧିବଦ୍ଧ ଭାବେ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭିକ୍ଟୋରିଆ ଏକ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଘରୋଇ କଳହ ତଥା ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଉପଯୁକ୍ତ ସମୟରେ ଆଇନଗତ ସହାୟତା ଓ ଥଇଥାନ ସୁବିଧା ଯୋଗାଇଦେବା ପାଇଁ ପ୍ରଶାସନ, ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସମ୍ବଳ ବ୍ୟକ୍ତି ଭାବେ ସ୍ୱେଚ୍ଛାସେବୀ ସଂଗଠନ 'ସେହେଡ଼ାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଆଇନ ପରାମର୍ଶଦାତା ସାଜଦା ବେଗମ ଏବଂ ପୋଲିସ ବିଭାଗ ତରଫରୁ ହେମାଙ୍ଗିନୀ ଗର୍ଡ଼ିଆ ଯୋଗଦେଇ ଆଇନଗତ ଦିଗଗୁଡ଼ିକ ଉପରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୦୦୫ ଆଇନର ଲକ୍ଷ୍ୟ, ସୁରକ୍ଷା ଅଧିକାରୀ, ପୋଲିସ, ସେବା ଯୋଗାଣକାରୀ ସଂସ୍ଥା, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ଆଶ୍ରୟ ଗୃହ ମଧ୍ୟରେ ଥିବା କାର୍ଯ୍ୟଧାରା ସମ୍ପର୍କରେ ତଥ୍ୟ ରଖାଯାଇଥିଲା। ସମ୍ବଳ ବ୍ୟକ୍ତି ଆନନ୍ଦିନୀ ପାଢ଼ୀ ପାୱାରପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଘରୋଇ ଘଟଣା ରିପୋର୍ଟ ପ୍ରସ୍ତୁତି ପ୍ରଣାଳୀ, କୋର୍ଟଙ୍କ ବିଭିନ୍ନ ନିର୍ଦ୍ଦେଶନାମା, କ୍ଷତିପୂରଣ ଏବଂ ଆଇନଗତ ସୁବିଧା ବିଷୟରେ ବ୍ୟବହାରିକ ଧାରଣା ଦେଇଥିଲେ। ଏଥିସହ କେସ୍ ଷ୍ଟଡି ଆଲୋଚନା ଓ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି ଡିଆଇଆର ଡ୍ରାଫ୍ଟିଂ ଓ ସୁରକ୍ଷା ଯୋଜନା ପ୍ରସ୍ତୁତି ଉପରେ ଗ୍ରୁପ୍ ଅଭ୍ୟାସ କରାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଆଇସିଡିଏସ୍ ପ୍ରକଳ୍ପର ସିଡିପିଓ, ଲେଡି ସୁପରଭାଇଜର, ଡିଏଲ୍‌ଏଫ୍ ଓ ବିଏଲ୍‌ଏଫର କର୍ମକର୍ତ୍ତା, ୱାନ୍ ଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନର ପ୍ରତିନିଧି, ଡିଏଲ୍‌ଏସ୍‌ଏର ପାରା ଲିଗାଲ୍ ଭଲ୍ୟୁଣ୍ଟିୟର, ଅଙ୍ଗନୱାଡ଼ି କର୍ମୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ସୁରକ୍ଷା-ତଥା-ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ଯାଜ୍ଞସେନୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଓବାଦୀଙ୍କ ଭୟରେ ୧୫ବର୍ଷ ହେଲା ନିଜ ଭିଟାମାଟିକୁ ଫେରିନାହାନ୍ତି ବିସ୍ଥାପିତ ପରିବାର

ମାଲକାନଗିରି,୨/୦୯ (ନି.ପ୍ର): ସ୍ୱାଧୀନ ଭାରତରେ ଲୋକେ ନିଜ ଇଚ୍ଛାରେ ଚଳପ୍ରଚଳ କରୁଛନ୍ତି, ନିଜ ଜମି ଓ ଘରକୁ ଉପଭୋଗ କରୁଛନ୍ତି। ହେଲେ ମାଲକାନଗିରିରେ ଏମିତି କିଛି ପରିବାର ଅଛନ୍ତି, ଯେଉଁମାନେ ନିଜ ଭିଟାମାଟିର ସ୍ୱାଧୀନତା ଆଜି ବି ଖୋଜୁଛନ୍ତି। ଦିନେ ମାଓବାଦୀଙ୍କ ଭୟ ଓ ଧମକରେ ଜୀବନ ବଞ୍ଚାଇବା ପାଇଁ ଘରଦ୍ୱାର ଛାଡ଼ିଥିବା ଏହି ପରିବାରଗୁଡ଼ିକ ଦୀର୍ଘ ୧୫ ବର୍ଷ ପରେ ମଧ୍ୟ ନିଜ ଗାଁକୁ ଫେରିପାରୁନାହାନ୍ତି। ଦିନେ ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଥିବା ମାଲକାନଗିରିର ସ୍ୱାଭିମାନ ଅଞ୍ଚଳ ଆଜି ମାଓମୁକ୍ତ। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଅଞ୍ଚଳରେ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। କିନ୍ତୁ ଏହି ବିକାଶର ମଧ୍ୟରେ ନିଜ ଭିଟାମାଟି ହରାଇଥିବା ପରିବାରଙ୍କ ଯନ୍ତ୍ରଣା ଏବେ ବି ଅସମାପ୍ତ। ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ, ଯୋଡ଼ାଆମ୍ବ, ରାଲେଗଡ଼ା ଆଦି ଅନେକ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ମାଓବାଦୀଙ୍କ ଭୟ ଓ ଧମକରେ ଚିତ୍ରକୋଣ୍ଡା ଓ କୁଡୁମୁଲୁଗୁମ୍ମା ଅଞ୍ଚଳକୁ ପଳାଇ ଆସିଥିଲେ। କେତେକ ପରିବାରର ସଦସ୍ୟଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ଅଭିଯୋଗ ମଧ୍ୟ ରହିଛି। ସେହି ସମୟରେ ପ୍ରଶାସନ ପକ୍ଷରୁ ଏହି ପରିବାରଗୁଡ଼ିକୁ ରହିବା ପାଇଁ ଅନାବାଦି ସରକାରୀ ଜାଗା ଓ କିଛି ସୁବିଧା ଯୋଗାଇ ଦିଆଯାଇଥିଲା। ସରକାରୀ ଜାଗାରେ ଏହି ପରିବାର ଗୁଡିକ ଆଜି ବି ମାଟି ଓ ଟିଣଛପର ଘରେ ଦିନ କାଟୁଛନ୍ତି। କୁଲି ମଜୁରୀ କରି ପରିବାର ଚଳାଉଛନ୍ତି। ଏଠାରେ ସେମାନଙ୍କ ପାଖରେ ନାହି ଚାଷ ଜମି କି ନିଜ ନାମରେ ଖଣ୍ଡିଏ ପଟ୍ଟା ଜମି। ଯାହା ଥିଲା ତାହା ଗାଁରେ ହିଁ ରହି ଯାଇଛି। ନିଜ ଗାଁରେ ଥିବା ଜମିକୁ ମଧ୍ୟ ଅନ୍ୟମାନେ ଦଖଲ କରିନେଇଥିବା ନେଇ ବିସ୍ଥାପିତ ପରିବାରମାନେ ଅଭିଯୋଗ କରିଛନ୍ତି। ତେଣୁ ମାଓବାଦୀ ଭୟ ନଥିଲେ ମଧ୍ୟ ଜମି ଓ ଘର ସମସ୍ୟା ଯୋଗୁଁ ସେମାନେ ନିଜ ଗାଁକୁ ଫେରିବାକୁ ସାହସ କରିପାରୁନାହାନ୍ତି। ଏହି ପରିବାର ଗୁଡିକ ବର୍ତ୍ତମାନ ସ୍ଥାୟୀ ଜାଗା, ଘର, ଆବାସ ଏବଂ ନିଜ ଗାଁରେ ଥିବା ଜମି ଫେରାଇଦେବାକୁ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା କହିଛନ୍ତି, ସ୍ୱାଭିମାନ ଅଞ୍ଚଳ ଏବେ ମାଓମୁକ୍ତ ହୋଇଥିବାରୁ ପରିବାରଗୁଡ଼ିକ ନିଜ ଗାଁର ଜମିରେ ଚାଷ କରିବାକୁ ଆଗେଇ ଆସନ୍ତୁ। ଯେଉଁମାନେ ଏଠାରେ ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ମଧ୍ୟ ସହାୟତା ଯୋଗାଇବା ସହ ଜମି ଓ ଅନ୍ୟାନ୍ୟ ସୁବିଧା ଦେବା ଦିଗରେ ପଦକ୍ଷେପ ନିଆଯିବ। ବନ୍ଧୁକ ମୂନର ଶାସନ ହଟିଲା, ବିକାଶ ଧାରାରେ ସ୍ୱାଭିମାନ ଅଞ୍ଚଳ ବିକଶିତ ମଧ୍ୟ ହେଲା। କଳା ପତାକା ଉଡୁଥିବା ସ୍ଥାନରେ ବର୍ତ୍ତମାନ ଫର ଫର ହୋଇ ତ୍ରିରଙ୍ଗା ଉଡିଲା। କିନ୍ତୁ ମାଓମୁକ୍ତି ପରେ ଏବେ ଏହି ପରିବାରଙ୍କ ପାଇଁ ଭିଟାମାଟିର ସ୍ୱାଧୀନତା କେବେ ଫେରିବ, ତାହା ଏହି ପରିବାର ଗୁଡିକ ପାଇଁ ସ୍ୱପ୍ନ ହୋଇ ରହିଗଲା।

# ପାଇପ୍ ଲାଇନ୍ ଫାଟି ବାହାରୁଛି ବିଷାକ୍ତ କେମିକାଲ୍

ମାଲକାନଗିରି ,୨/୦୯ (ନି.ପ୍ର): ପାଇପ୍ ଲାଇନ୍ ଫାଟିବା ପରେ ବାହାରୁଛି ବିଷାକ୍ତ କେମିକାଲ୍ । ଏହି ରାସ୍ତା ଦେଇ ଯାଉଥିବା ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଘଟିଛି ଚିତ୍ରକୋଣ୍ଡା ପାବୁଲିଗୁଡା ନିକଟରେ । ଏ.ଏମ୍ ଆଣ୍ଡ ଏନ୍.ଏସ୍ କମ୍ପାନୀର ପାଇପ୍ ଲାଇନ୍ ଫାଟି ଯାଇଛି ।ସୂଚନା ଅନୁସାରେ, ପାଇପ୍ ଫାଟିବା ପରେ ବିଷାକ୍ତ କେମିକାଲ୍ ବାହାରୁଛି । ରାସ୍ତା ଉପରେ କେମିକାଲ୍ ବୋହିବା ଯୋଗୁଁ ଏହି ରାସ୍ତା ଦେଇ ଯାଉଥିବା ଲୋକେ ବହୁ ଅସୁବିଧାରେ ପଡୁଛନ୍ତି । କେମିକାଲ୍ ରାସ୍ତା କଡ଼ରେ ଥିବା ଚାଷଜମି ଆଡ଼କୁ ମଧ୍ୟ ଯାଉଛି ଫଳରେ ଚାଷ ଜମି ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ମାଟିର ଗୁଣବତ୍ତା ନଷ୍ଟ ହେବାର ଆଶଙ୍କା ରହିଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ରଙ୍କୁ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା ,୨/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.)ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର ୩୧ ଅଗଷ୍ଟ ୨୦୨୬ରେ କମ୍ପାନୀ ସେବାରୁ ସେବାନିବୃତ୍ତ ହୋଇଛନ୍ତି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ସଶ୍ରଦ୍ଧ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ୩୧ ଅଗଷ୍ଟରେ 'ମନ୍ଥନ' ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର.ଏସ.ପି.ର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡି.ଆଇ.ସି.) ଶ୍ରୀ ଆଲୋକ ବର୍ମା ଶ୍ରୀ ମିଶ୍ରଙ୍କୁ ସେବା ପ୍ରମାଣପତ୍ର ଓ ସୌଜନ୍ୟମୂଳକ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ବି କେ ଗିରି, କାର ?ୟନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ ଡେଭେଲପମେଣ୍ଟ-ସି.ଏମ.ଏଲ.ଓ.), ଶ୍ରୀ ବି ଆର ପାଲାଇ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ୱାର୍କସ), ଶ୍ରୀ ଅନିଲ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏମ.ଏମ.), ଶ୍ରୀ ଏମ ପି ସିଂ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ), ଶ୍ରୀ ଏସ ପାଲ ଚୌଧୁରୀ, କାର ?ୟନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟସ), ଡାକ୍ତର ଜେ କେ ଆଚାର୍ଯ୍ୟ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଏମ.ଏଣ୍ଡ.ଏଚ.ଏସ.), ଶ୍ରୀ ରାଜେଶ ଦାସଗୁପ୍ତା, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ



(ଏଫ.ଏଣ୍ଡ.ଏ.) ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏଫ.ଏଣ୍ଡ.ଏ.)ଙ୍କ ଅତିରିକ୍ତ ଦାୟିତ୍ୱ ଏବଂ ଆର.ଏସ.ପି.ର ବହୁ ସଂଖ୍ୟକ ମୁଖ୍ୟ ମହାପ୍ରବନ୍ଧକ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ (ଏଚ.ଆର.-ଏଲ.ଏଣ୍ଡ.ଡି. ଏବଂ ଓ.ଡି.) ଶ୍ରୀ ଆର କେ ବର୍ମାଙ୍କ ମାର୍ଗଦର୍ଶନରେ ଉପ-ପ୍ରବନ୍ଧକ (ଏଚ.ଆର.-ଓ.ଡି.) ଶ୍ରୀ ବିଜ୍ଞାନ ପାତ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସେହିଦିନ ସନ୍ଧ୍ୟାରେ ହୋଟେଲ ଦୀପ୍ତିଠାରେ ଅନ୍ୟ ଏକ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା, ଯେଉଁଥିରେ ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀମାନେ ଶ୍ରୀ ତରୁଣ ମିଶ୍ର ଏବଂ ଦୀପିକା ମହିଳା ସଂହତିର ଉପ-ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଆଲୋକ ବର୍ମା, ଦୀପିକା ମହିଳା ସଂହତିର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ଶ୍ରୀ ବି କେ ଗିରି, ଶ୍ରୀ ବି ଆର ପାଲାଇ, ଶ୍ରୀ ଅନିଲ କୁମାର, ଶ୍ରୀ ଏମ ପି ସିଂ, ଶ୍ରୀ ଏସ ପାଲଚୌଧୁରୀ ଏବଂ ଦୀପିକା ମହିଳା ସଂହତିର ସମସ୍ତ ଉପ-ସଭାନେତ୍ରୀ ଯଥା ଶ୍ରୀମତୀ ସ୍ମିତା ଗିରି, ଡାକ୍ତର (ଶ୍ରୀମତୀ) ପ୍ରତିଜ୍ଞା ପାଲାଇ, ଶ୍ରୀମତୀ ବନ୍ଦନା ସିଂ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ନବନୀତା ପାଲଚୌଧୁରୀ ମଞ୍ଚାସୀନ ହୋଇ ଶ୍ରୀ ଓ ଶ୍ରୀମତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ମିଶ୍ରଙ୍କ ଗୌରବମୟ କର୍ମଜୀବନକୁ ଉନ୍ମୋଚିତ କରୁଥିବା ମାନପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ (ଏଚ.ଏସ.ଏମ. ଓ ସହାୟକ) ଶ୍ରୀ ସୁବ୍ରତ କୁମାର ଏହି ମାନପତ୍ର ପାଠ କରିଥିଲେ।

ନିଜ ଅଭିଭାଷଣରେ ଶ୍ରୀ ଆଲୋକ ବର୍ମା, ଶ୍ରୀ ମିଶ୍ରଙ୍କୁ ଜଣେ ଅତ୍ୟନ୍ତ ମେଧାବୀ ଏବଂ ସାହସୀ ଅଧିକାରୀ ଭାବେ ବର୍ଣ୍ଣନା କରିଥିଲେ, ଯିଏ କଠିନ ନିଷ୍ପତ୍ତି ନେବାରେ କେବେ ପଛଘୁଞ୍ଚା ଦେଇନଥିଲେ। ସେ ଆହୁରି ମଧ୍ୟ କହିଥିଲେ, 'ଶ୍ରୀ ମିଶ୍ରଙ୍କ ସ୍ପଷ୍ଟବାଦୀ ସ୍ୱଭାବ ଏବଂ ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତା ତାଙ୍କ କନିଷ୍ଠମାନଙ୍କ ପାଇଁ ଏକ ପଥପ୍ରଦର୍ଶକ ସାଜିଛି।' ଏହି ଅବସରରେ ଶ୍ରୀ ତରୁଣ ମିଶ୍ର ଭାବବିହ୍ୱଳ ହୋଇ ନିଜର ଶୈଶବ, ଯୌବନ ଏବଂ ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାରେ କର୍ମଜୀବନର ପ୍ରାରମ୍ଭିକ ଦିନଗୁଡ଼ିକୁ ମନେ ପକାଇଥିଲେ, ଯାହା ତାଙ୍କ ବ୍ୟକ୍ତିତ୍ୱକୁ ଗଢ଼ିତୋଳିଥିଲା। କନିଷ୍ଠମାନଙ୍କୁ ସଶକ୍ତ କରିବା ଏବଂ ସଠିକ୍ ସମୟରେ ସଠିକ୍ ବ୍ୟକ୍ତିଙ୍କୁ ସଠିକ୍ ସୁଯୋଗ ଦେବା ଉପରେ ନିଜର ବିଶ୍ୱାସକୁ ଦୋହରାଇ ଶ୍ରୀ ମିଶ୍ର କହିଥିଲେ ଯେ, ସେ ପ୍ରଚୁର ଆଶାବାଦ ସହ ସେଲ୍‌ରୁ ବିଦାୟ ନେଉଛନ୍ତି ଏବଂ ଏହାର ଅତ୍ୟନ୍ତ ପ୍ରତିଭାବାନ ମାନବ ସମ୍ବଳ ବଳରେ କମ୍ପାନୀ ଆଗାମୀ ଦିନରେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବ। ନିଜର ବକ୍ତବ୍ୟ ଶେଷ କରି ଶ୍ରୀ ତରୁଣ ମିଶ୍ର କହିଥିଲେ, 'ସେଲ୍‌ରେ ମୋର ୩୭ ବର୍ଷର ଦୀର୍ଘ ଅସାଧାରଣ ଯାତ୍ରା ଏବଂ ସାରା ଜୀବନର ସ୍ମୃତି ରହିଛି। ସେବାନିବୃତ୍ତ ହୋଇ ମୁଁ କମ୍ପାନୀ ଛାଡୁଛି ସତ, କିନ୍ତୁ ଏଠାରୁ ମିଳିଥିବା ଭଲପାଇବା, ସମ୍ପର୍କ ଏବଂ ବିଶ୍ୱାସରୁ ମୁଁ କେବେ ବି ଅବସର ନେଇପାରିବି ନାହିଁ।' ସମ୍ପର୍କ ବିଭାଗ ଦ୍ୱାରା ଶ୍ରୀ ମିଶ୍ରଙ୍କ ଜୀବନୀ ଓ ସଫଳତା ଉପରେ ପ୍ରସ୍ତୁତ ଏକ ଆକର୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯାହା ସନ୍ଧ୍ୟାଟିକୁ ସ୍ମୃତିମୟ କରିତୋଳିଥିଲା। ମୁଖ୍ୟ ମହାପ୍ରବନ୍ଧକ (ଏଚ.ଆର.) ଶ୍ରୀ ମାନସ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ମହାପ୍ରବନ୍ଧକ (ଟି.ଏସ. ଏବଂ ସି.ଏସ.ଆର.) ଶ୍ରୀ ଟି ଜି କାଣେକର ଧନ୍ୟବାଦ ଅର୍ପଣ କରିଥିଲେ। ସହ ମହାପ୍ରବନ୍ଧକ (ଏଚ.ଆର.) ମିସ୍ ସଙ୍ଗୀତା ଏମ ସିନ୍ଦୁର ଏବଂ ସହ ପ୍ରବନ୍ଧକ (ଏଚ.ଆର.) ମିସ୍ ଦିବ୍ୟା ସାହୁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଏକ ମନୋଜ୍ଞ ସଙ୍ଗୀତ କାର୍ଯ୍ୟକ୍ରମ ସହ ସମାରୋହ ଉଦ୍‌ଯାପିତ ହୋଇଥିଲା। ଆର.ଏସ.ପି.ରୁ ବିଦାୟ ନେବା ପୂର୍ବରୁ ଶ୍ରୀ ମିଶ୍ର ବିଭିନ୍ନ ଅବସରରେ ମାନବ ସମ୍ବଳ ବିଭାଗର ବହୁ ସଂଖ୍ୟକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ୩୧ ଅଗଷ୍ଟରେ 'ସମାଧାନ' ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କାର୍ଯ୍ୟନିର୍ବାହୀଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଶ୍ରୀ ମିଶ୍ରଙ୍କ ସହ ମତବିନିମୟ କରିଥିଲେ। ସେହିଦିନ ପୂର୍ବାହ୍ନରେ ସେ ନଗର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ଭେଟିଥିଲେ। ଏହା ପୂର୍ବରୁ, ୨୮ ଅଗଷ୍ଟ ୨୦୨୬ରେ ଟାଉନ୍ ସର୍ଭିସେସ୍ କାର୍ଯ୍ୟାଳୟରେ ଏହିପରି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସେ ଟାଉନ୍ ସର୍ଭିସେସ୍ ଏବଂ ସି.ଏସ.ଆର.ର କର୍ମଚାରୀ ଓ କାର୍ଯ୍ୟନିର୍ବାହୀମାନଙ୍କ ସହ ଆଲୋଚନା କରିଥିଲେ।

ଧାରାବାହିକ:

ଭାଗ-୫୫

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ଚକ୍ଷୁକୁ ସୂର୍ଯ୍ୟ ଏବଂ ସୂର୍ଯ୍ୟଙ୍କୁ ଚକ୍ଷୁରେ ସଂଯୁକ୍ତ କରି ଉଭୟର ସଂଯୋଗ ମଧ୍ୟରେ ମୋତେ ଧ୍ୟାନ କଲେ ଯୋଗୀ ସୂକ୍ଷ୍ମଦର୍ଶୀ ହୋଇ ସମଗ୍ର ବିଶ୍ୱକୁ ଦର୍ଶନ କରେ । ମନ ଓ ଦେହକୁ ପ୍ରାଣ ବାୟୁ ସହିତ ମୋଠାରେ ସଂଯୁକ୍ତ କରି ଧ୍ୟାନ କଲେ ସାଧକ ନିଜର ମନ ସହିତ ଦେହକୁ ମଧ୍ୟ ଯଦୃଚ୍ଛ ଘେନି ଯାଇପାରେ । ଏହାକୁ ମନୋଜକ ସିଦ୍ଧି କୁହାଯାଏ । ଏହାଦ୍ୱାରା ଯୋଗୀ ଯେ କୌଣସି ରୂପ ଧାରଣ କରିପାରେ । ଅନ୍ୟର ପ୍ରାଣହୀନ ଶରୀରରେ ନିଜକୁ ପ୍ରବେଶ କରାଇ ପୁନର୍ଜୀବିତ କରିପାରେ । ଯୋଗୀ ଦେହରୁ ଦେହାନ୍ତରକୁ ଗମନ କରିପାରେ; ଏହାକୁ କାୟା ପ୍ରବେଶ ସିଦ୍ଧି କହନ୍ତି । ଯୋଗାସନରେ ବସି ମୋର ବ୍ରହ୍ମମୟ ରୂପକୁ ଧ୍ୟାନକରି ଯୋଗ ମାଧ୍ୟମରେ ପ୍ରାଣକୁ ଦୃଢ କମଳରେ ସ୍ଥାପନ କରି ତାକୁ ବ୍ରହ୍ମରନ୍ଧ୍ର ଭେଦ କରାଇ ପରମ ବ୍ରହ୍ମ ସହିତ ମିଳିତ କରାଇଲେ ଯୋଗୀର ଇଚ୍ଛାମୃତ୍ୟୁ ହୁଏ । ମୋତେ ସତ୍ୟ ରୂପେ ଧ୍ୟାନ କଲେ ଅମର ସିଦ୍ଧି ଯୋଗ ଲାଭ ହୁଏ ଓ ଦେବତ୍ୱର ପ୍ରାପ୍ତି ହୁଏ । ମୋତେ କଳ୍ପବୃକ୍ଷ ରୂପେ ଧ୍ୟାନ କଲେ ସର୍ବସଂକଳ୍ପ ସିଦ୍ଧି ହୁଏ । ମୁଁ ଏହି ବିଶ୍ୱ ବ୍ରହ୍ମାଣ୍ଡର ଏକମାତ୍ର ହର୍ତ୍ତାକର୍ତ୍ତା, ସର୍ବପ୍ରକାର ସିଦ୍ଧି, ମୁକ୍ତି, ମୁକ୍ତିସାଧକ ଜ୍ଞାନ,ବେଦ ବର୍ଣ୍ଣିତ ଧର୍ମର କାରଣ, ରକ୍ଷକ ଓ ନିୟାମକ । ଯେପରି ପଞ୍ଚ ମହାଭୂତ ସକଳ ଜୀବର ଅନ୍ତର ବାହାରେ ପୂରି ରହିଛି ମୁଁ ସେହିପରି ସର୍ବ ଜୀବର ଅନ୍ତର ବାହାର ନିରବଚ୍ଛିନ୍ନ ଭାବେ ବ୍ୟାପୀ ରହିଛ । ମୁଁ ଏକ ଓ ଅଦ୍ୱିତୀୟ ପରମାତ୍ମା ସକଳ ସିଦ୍ଧିର ଈଶ୍ୱର ରୂପେ ଯୋଗୀ ଯୋଗବଳରେ ମୋତେ ପ୍ରାପ୍ତ ହୋଇପାରିଲେ ସକଳ ସିଦ୍ଧି ତାହା ପକ୍ଷରେ ସୁଲଭ ହୁଏ । ଏହା ଧ୍ରୁବ ସତ୍ୟ । ମାତ୍ର ସତ ଯୋଗୀ ପକ୍ଷରେ କାମନା ପୋଷଣ କରିବା ଅନୁଚିତ୍ ।

### ୧୬ ଶ ଅଧ୍ୟାୟ, ଭଗବାନଙ୍କ ବିଭିନ୍ନ ବିଭୂତି ର ବର୍ଣ୍ଣନା

ଉଦ୍ଧବ ପୁଣି ବିନୀତ ଭାବେ ଜିଜ୍ଞାସା କଲେ ପ୍ରଭୁ, ତୁମେ ତ ଆଦି ଅନ୍ତହୀନ, ଅନାଦି, ନିରଞ୍ଜନ, ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି, ସ୍ଥିତି ଓ ଲୟର କାରଣ । ତୁମେ ଦ୍ରଷ୍ଟା,ତୁମେ ସ୍ରଷ୍ଟା ମାତ୍ର ତୁମକୁ କେହି ଦେଖିପାରେନାହିଁ । ଯୋଗୀ ଋଷି ତୁମର ସ୍ୱରୂପ ଉପଲବ୍ଧି କରିପାରନ୍ତି । ମାୟା ମୋହିତ ଅଜ୍ଞାନ ତାହା ପାଇନଥାନ୍ତି, କେବଳ ତୁମର ଦୟା ହେଲେ ପ୍ରାଣୀର ହୃଦୟରେ ତୁମ ପ୍ରତି ଭକ୍ତିଭାବ ଜାତ ହୁଏ ମାତ୍ର ତୁମେ ତ ବିଶ୍ୱବ୍ୟାପୀ ସେ ତୁମକୁ କେଉଁ ରୂପରେ ଦର୍ଶନ କରିବେ ? ପ୍ରାଣୀର ମଙ୍ଗଳ ନିମନ୍ତେ ଏସବୁ ବୁଝାଇ ଦିଅନ୍ତୁ । ସକଳ ତୀର୍ଥର ଆଶ୍ରୟ ସ୍ଥଳ ତୁମର ଚରଣାରବିନ୍ଦରେ ମୁଁ ନମସ୍କାର କରୁଛି । ଶ୍ରୀକୃଷ୍ଣ କହିଲେ ହେ ଉଦ୍ଧବ, କୁରୁକ୍ଷେତ୍ର ଯୁଦ୍ଧବେଳେ ଅର୍ଜୁନଙ୍କ ଅହଂକାର ମୋର ଯୁକ୍ତି ଦ୍ୱାରା ଦୂର ହେବା ପରେ ସେ ମଧ୍ୟ ତୁମ ପରି ଏହି ପ୍ରଶ୍ନ ପଚାରିଥିଲେ । ମୋର ବିଭୂତି ସାରା ତ୍ରିଭୁବନରେ ଯେଉଁ ରୂପରେ ସ୍ଥିତ ତାହା ମୁଁ ତାଙ୍କୁ ବୁଝାଇ କହିଥିଲି ; ତାହା ତୁମ୍ଭଙ୍କୁ ମଧ୍ୟ କହୁଛି । ଗତି ଶୀଳ ସକଳ ପ୍ରାଣୀର ମୁଁ ଗତିଶକ୍ତି, ମୁଁ ସର୍ବଭୂତାତ୍ମା, ପରମବ୍ରହ୍ମ ପୁରୁଷ, ସୃଷ୍ଟି ସ୍ଥିତି ଓ ସଂହାରର କର୍ତ୍ତା । ମୁଁ ସକଳ ବଶକାରୀ କାଳ । ଗୁଣ ମଧ୍ୟରେ ସମତ୍ୱ, ଗୁଣବାନ ପଦାର୍ଥ ମଧ୍ୟରେ ସ୍ୱାଭାବିକ ଗୁଣ । ମୁଁ କ୍ରୀୟା ଶକ୍ତି ମହତତତ୍ତ୍ୱ, ସୂକ୍ଷ୍ମ ପଦାର୍ଥ ମଧ୍ୟରେ ମୁଁ ଜୀବ, ଦୁର୍ଜୟ ପଦାର୍ଥ ମଧ୍ୟରେ ମୁଁ ମନ । ବେଦ ମଧ୍ୟରେ ମୁଁ ବ୍ରହ୍ମ ଓ ବେଦ ଶିକ୍ଷକ ମଧ୍ୟରେ ମୁଁ ବ୍ରହ୍ମା । ମନ୍ତ୍ର ମଧ୍ୟରେ ମୁଁ ଓଁକାର, ଅକ୍ଷର ମଧ୍ୟରେ ଅ କାର, ଛନ୍ଦ ମଧ୍ୟରେ ଗାୟତ୍ରୀ ଛନ୍ଦ । ଦେବତାଙ୍କ ମଧ୍ୟରେ ଦେବରାଜ ଇନ୍ଦ୍ର, ଋଷିଙ୍କ ମଧ୍ୟରେ ମହର୍ଷି ଭୃଗୁ, ରାଜାଙ୍କ ମଧ୍ୟରେ ମନୁ, ଋଷିଙ୍କ ମଧ୍ୟରେ ନାରଦ, ଧେନୁ ମଧ୍ୟରେ କାମଧେନୁ, ସିଦ୍ଧଗଣଙ୍କ ମଧ୍ୟରେ କପିଳ, ଯକ୍ଷ ମଧ୍ୟରେ ଗରୁଡ, ପ୍ରଜାପତି ମଧ୍ୟରେ ଦକ୍ଷ, ଆଦିତ୍ୟ ମଧ୍ୟରେ ବର,ପିତୃପୁରୁଷଙ୍କ ମଧ୍ୟରେ ଅର୍ଜମା, ଦୈତ୍ୟ ମଧ୍ୟରେ ପ୍ରହ୍ଲାଦ, ନକ୍ଷତ୍ର ମଧ୍ୟରେ ଚନ୍ଦ୍ର, ଯଜ୍ଞ ମଧ୍ୟରେ କୁବେର, ଗଜ ମଧ୍ୟରେ ଐରାବତ, ଜଳଚର ମଧ୍ୟରେ ବରୁଣ, ତେଜ ମଧ୍ୟରେ ରବି, ମନୁଷ୍ୟ ମଧ୍ୟରେ ନୃପତି, ଅଶ୍ୱ ମଧ୍ୟରେ ଉଚ୍ଚୈଶ୍ରବା, ଧାତୁ ମଧ୍ୟରେ ସୁବର୍ଣ୍ଣ, ଦଣ୍ଡଦାତା ମଧ୍ୟରେ ଯମ, ସର୍ପ ମଧ୍ୟରେ ବାସୁକୀ, ନାଗ ମଧ୍ୟରେ ଅନନ୍ତ, ମୃଗ ମଧ୍ୟରେ ସିଂହ, ଆଶ୍ରମ ମଧ୍ୟରେ ସନ୍ନ୍ୟାସ, ଚାରିବର୍ଣ୍ଣ ମଧ୍ୟରେ ବ୍ରାହ୍ମଣ, ତୀର୍ଥ ମଧ୍ୟରେ ଗଙ୍ଗା, ଜଳାଶୟ ମଧ୍ୟରେ ସମୁଦ୍ର, ଅସ୍ତ୍ର ମଧ୍ୟରେ ଧନୁ, ଧନୁର୍ଦ୍ଧାରୀ ମଧ୍ୟରେ ଶିବ, ପର୍ବତ ମଧ୍ୟରେ ମେରୁ, ଦୁର୍ଗମ ସ୍ଥାନ ମଧ୍ୟରେ ହିମାଳୟ, ବୃକ୍ଷ ମଧ୍ୟରେ ଅଶ୍ୱ , ଫଳ ମଧ୍ୟରେ ଧାନ, ଆଚାର୍ଯ୍ୟଙ୍କ ମଧ୍ୟରେ ବଶିଷ୍ଠ, ଗ୍ରହ ମଧ୍ୟରେ ବୃହସ୍ପତି, ସେନାପତି ମଧ୍ୟରେ କାର୍ତ୍ତିକେୟ, ଅଗ୍ରଣୀ ମଧ୍ୟରେ ଭଗବାନ ବ୍ରହ୍ମା, ଯଜ୍ଞ ମଧ୍ୟରେ ମୁଁ ବ୍ରହ୍ମ, ବ୍ରତ ମଧ୍ୟରେ ଅହିଂସା, ତତ୍ତ୍ୱ ମଧ୍ୟରେ ବ୍ରହ୍ମ ଜ୍ଞାନ, ନାରୀ ମଧ୍ୟରେ ଶତରୂପା, ଯୋଗ ମଧ୍ୟରେ ସମାଧି, ଜିଘାଂସୁ ମଧ୍ୟରେ କୂଟନୀତି, ବିଚାର ମଧ୍ୟରେ ଆଧ୍ୟାତ୍ମ ବିଦ୍ୟା, ତର୍କ ମଧ୍ୟରେ ବିକଳ୍ପ, ପୁରୁଷ ମଧ୍ୟରେ ସ୍ୱୟାମ୍ଭୁବ ମନୁ, ମୁନି ମଧ୍ୟରେ ନାରାୟଣ, ବ୍ରହ୍ମଚାରୀ ମଧ୍ୟରେ ସନତକୁମାର, ଧର୍ମ ମଧ୍ୟରେ ଅଭୟ ଦାନରୂପୀ, ନିର୍ଭୟ ସ୍ଥାନ ମଧ୍ୟରେ ଆତ୍ମନିଷ୍ଠ, ଗୋପନୀୟ ମଧ୍ୟରେ ପ୍ରିୟ ଭାଷଣ ଓ ମୌନ, ମିଥୁନ ମଧ୍ୟରେ ବ୍ରହ୍ମା, କଳିଯୁଗ ମଧ୍ୟରେ ମୁଁ ବତ୍ସର, ଋତୁଙ୍କ ମଧ୍ୟରେ ବସନ୍ତ, ମାସ ମଧ୍ୟରେ ଅଗ୍ରହାୟଣ, ଯୁଗ ମଧ୍ୟରେ ସତ୍ୟଯୁଗ, ଧୀର ମଧ୍ୟରେ ଦେବଳ ଋଷି, ଦେବଙ୍କ ମଧ୍ୟରେ ବ୍ୟାସଦେବ, କବି ମଧ୍ୟରେ ଶୁକ୍ରାଚାର୍ଯ୍ୟ, ଷଡଐଶ୍ୱର୍ଯ୍ୟଧାରୀ ମଧ୍ୟରେ ସ୍ୱୟଂ ବାସୁଦେବ, ଭକ୍ତ ମଧ୍ୟରେ ମୁଁ ଉଦ୍ଧବ, କିଂପୁରୁଷ ମଧ୍ୟରେ ହନୁମାନ, ବିଦ୍ୟାଧର ମଧ୍ୟରେ ସୁଦର୍ଶନ, ମୁଁ ରତ୍ନ ମଧ୍ୟରେ ପଦ୍ମରାଗ ମଣି, ସୁନ୍ଦର ବସ୍ତୁ ମଧ୍ୟରେ ପଦ୍ମକୋଷ,ତୃଣ ମଧ୍ୟରେ କୁଶ, ଘୃତ ମଧ୍ୟରେ ଗବ୍ୟଘୃତ, କପଟ ମଧ୍ୟରେ ଦ୍ୟୁତକ୍ରୀଡା, ତ୍ରିଗୁଣ ମଧ୍ୟରେ ସତ୍ୱଗୁଣ, ମୁଁ ସହିଷ୍ଣୁ ଙ୍କର ସହ୍ୟଶକ୍ତି, ସାହାସୀର ସାହସ,ବଳବାନର ଦୈହିକ ବଳ । ମୁଁ ଗନ୍ଧର୍ବ ମଧ୍ୟରେ ବିଶ୍ୱାବସୁ, ଅପ୍ସରା ମଧ୍ୟରେ ଉର୍ବଶୀ, ମାତା ମଧ୍ୟରେ କ୍ଷିତି, ରସ ମଧ୍ୟରେ ଭୂମିରସ, ଜଳ ମଧ୍ୟରେ ମଧୁର ରସ, ସର୍ବ ସଂହରଣେ ଆକାଶ, ତେଜସ୍ୱୀ ମଧ୍ୟରେ ସୂର୍ଯ୍ୟ, ପ୍ରଭା ମଧ୍ୟରେ ରବିଶଶି । ମୁଁ ଆକାଶର ଶବ୍ଦଗୁଣ, ବ୍ରାହ୍ମଣ ମଧ୍ୟରେ ଦୈତରାଜ ବଳି, ବୀର ମଧ୍ୟରେ ଅର୍ଜୁନ, ପ୍ରାଣୀ ମଧ୍ୟରେ ଜୀବ, ନିର୍ଗୁଣ ମଧ୍ୟରେ ସଦାଶିବ, ମୁଁ ସର୍ବ ଜୀବର ଆତ୍ମା ସ୍ଥୂଳ ଓ ସୂକ୍ଷ୍ମ । କେହି ମୋତେ ବିଶ୍ୱ ରୂପରେ, କେହି ସୂକ୍ଷ୍ମ ରେଣୁ ରୂପରେ ଅନୁଭବ କରେ । ହେ ଉଦ୍ଧବ, ପରମାଣୁକୁ ଯେପରି ଗଣନା କରାଯାଇପାରେ ନାହିଁ ବିଶ୍ୱ ସୃଷ୍ଟିକାରୀ ମୋର ଅପରିସୀମା ବିଭୂତି ସମୂହକୁ ସେହିପରି ଗଣନା କରାଯାଇ ପାରିବ ନାହିଁ । ତୁମକୁ ସଂକ୍ଷେପରେ ଏହି ସବୁ ବିଭୁତି କହିଲି । ବାକ୍ୟ ଦ୍ୱାରା ଯେପରି ନାନା କଥା କୁହାଯାଇପାରେ ମାତ୍ର ତାହା ପରମାର୍ଥିକ ସତ୍ୟ ନୁହେଁ ସେହିପରି ଏହି ସକଳ ବିଭୂତି ମୋର ସତ୍ୟ ସ୍ୱରୂପ ମନର କଳ୍ପନା ମାତ୍ର । ତେଣୁ ତାହା କଳନା କରିବା ପାଇଁ ଏଥିରେ ମନ ନିବେଶ ନକରି ମୋର ସତ୍ୟ ସ୍ୱରୂପକୁ ଉପଲବ୍ଧି କର । ବାକ୍ୟ ଓ ମନକୁ ସଂଯତ ସହ ଇନ୍ଦ୍ରିୟ ସକଳ ସଂଯତ କର । ସତ୍ୱଗୁଣ ସମ୍ପନ୍ନ ବୁଦ୍ଧି ଦ୍ୱାରା ବୁଦ୍ଧିକୁ ବଶୀଭୂତ କର । ଫଳରେ ପ୍ରାଣୀକୁ ଆଉ ଜନ୍ମ ମରଣ ଦୁଃଖ ଲାଗିବ ନାହିଁ ।

### ୧୭ଶ ଅଧ୍ୟାୟ, ବର୍ଣ୍ଣାଶ୍ରମ ଧର୍ମ ନିରୂପଣ

ଉଦ୍ଧବ ପୁନର୍ବାର ଜିଜ୍ଞାସା କଲେ, ଆପଣ କହିଲେ ଭକ୍ତି ସହିତ କୃତକର୍ମ ମୁକ୍ତିର ସାଧନ ଏବଂ ଏହି ପ୍ରକାର କର୍ମ ମାନବର ଏକ ପ୍ରକାର ବିଭୂତି । ତେଣୁ ସ୍ୱଧର୍ମାଚାରଣ ଦ୍ୱାରା ଭକ୍ତିଭାବ ଲବ୍ଧ ହୁଏ ତାହା ଦୟାକରି ପ୍ରକାଶ କର । ବ୍ରହ୍ମାପୁତ୍ରଙ୍କୁ ହଂସ ରୂପ ଧରି ଆପଣ ତାହା କହିଥିଲେ, କାଳ ପ୍ରଭାବରେ ତାହା ଏବେ ବିସ୍ମୃତ । ତାହା ଆଉ ସଂସାରରେ ପ୍ରଚାରିତ ହେଉନାହିଁ ଏପରିକି ଯେଉଁ ବ୍ରହ୍ମସଭାରେ ବେଦବିଦ୍ୟା ସକଳ ମୂର୍ତ୍ତି ଧାରଣ କରିଥାନ୍ତି ସେଠାରେ ମଧ୍ୟ ତୁମେ ହିଁ କର୍ତ୍ତା ଓ ବକ୍ତା । ହେ ପ୍ରଭୁ, ତୁମେ ତ ଏକମାତ୍ର ଧର୍ମର ସ୍ରଷ୍ଟା, ପାଳକ ଓ ଉପଦେଶ ଦାତା । ତୁମେ ଯଦି ବ୍ରହ୍ମ ଜ୍ଞାନ ସହ ଏ ସଂସାର ଛାଡି ଚାଲିଯିବ ତେବେ ଲୁପ୍ତ ପ୍ରାୟ ଧର୍ମର ଉପଦେଶ ଆଉ କିଏ ପ୍ରଦାନ କରିବ । ହେ ସର୍ବ ଲୋକ ପିତାମାତା, ଭକ୍ତି ଲକ୍ଷଣ ଧର୍ମ ସବୁ ମୋତେ ଅନୁଗ୍ରହ କରି କୁହ । ଶ୍ରୀ ଭଗବାନ କହିଲେ ଏହି କଳ୍ପର ଆରମ୍ଭରେ ପ୍ରଥମେ ସତ୍ୟଯୁଗରେ ଈଶ୍ୱର ଉପାସନା ହିଁ ମନୁଷ୍ୟର ପ୍ରଧାନ ଧର୍ମଥିଲା । ଆଚାର ଲକ୍ଷଣ ଧର୍ମ ପରବର୍ତ୍ତୀ କାଳରେ ହେଲା । ଏହି ଧର୍ମ ଯଥାଯଥ ଭାବେ ପାଳନ କରିପାରିଲେ ଅନ୍ତରରେ ଭଗବତ ଭକ୍ତି ଜାତ ହୁଏ । ସତ୍ୟ ଯୁଗରେ ସମସ୍ତ ମନୁଷ୍ୟ ମୋର ହଂସ ସ୍ୱରୂପ ଭଳି ଶୁକ୍ଳବର୍ଣ୍ଣ ଥିଲେ, ଈଶ୍ୱର ଉପାସନା ବ୍ୟତୀତ ସେମାନଙ୍କର ଅନ୍ୟ କର୍ମ ନଥିଲା । ସେଥିପାଇଁ ସତ୍ୟ ଯୁଗକୁ କୃତଯୁଗ କୁହାଯାଏ । ବିଧାନ ଦାୟୀ ଶାସ୍ତ୍ର ବେଦର ସେତେବେଳେ ଆବିର୍ଭାବ ହୋଇ ନଥିବାରୁ ମନୁଷ୍ୟର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହୋଇନଥିଲା । ବେଦ କେବଳ ଓଁକାର ରୂପେ ପ୍ରତିଷ୍ଠିତ ଥିଲା ଓ ତାହାର ବ୍ୟାଖ୍ୟାକାର ନଥିଲେ । ସେ ଯୁଗରେ ତପଃ, ଶୌଚ, ଦୟା ଓ ସତ୍ୟ ଏହି ଚାରିପାଦ ଧର୍ମ ରୂପେ ମୁଁ ବିରାଜମାନ ଥିଲି । ଧର୍ମାନୁଷ୍ଠାନ ସେ ଯୁଗରେ କ୍ରିୟାସାଧ୍ୟ ନଥିଲା । ତାହା ସମ୍ପୂର୍ଣ୍ଣ ଭାବେ ମାନସ ବ୍ୟାପାର ଥିଲା । ମନରେ ଏକାଗ୍ରତା ହିଁ ଥିଲା ତପସ୍ୟା । ସେଥିପାଇଁ ଦୈହିକ କ୍ଳେଶ ଆବଶ୍ୟକ ନଥିଲା । ପରବର୍ତ୍ତୀ ତ୍ରେତା ଯୁଗରେ ମୁଁ ଧର୍ମବୃକ୍ଷ ରୂପେ ଅବତୀର୍ଣ୍ଣ ହୋଇ ତିନିବେଦ ସୃଷ୍ଟି କଲି ଓ ବିରାଟ ଯଜ୍ଞପୁରୁଷ ରୂପେ ଆବିର୍ଭୂତ ହୋଇ ସ୍ୱଧର୍ମାଚାରଣ ଦ୍ୱାରା ପରିଚିତ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି ଜାତିଙ୍କୁ ଯଥାକ୍ରମେ ମୋର ମୁଖ, ବାହୁ, ଉରୁ ଓ ପଦରୁ ସୃଷ୍ଟି କଲି । ମୋର ଉରୁ ମଧ୍ୟରୁ ଗୃହସ୍ଥାଶ୍ରମ, ହୃଦୟରୁ ବ୍ରହ୍ମଚର୍ଯ୍ୟାଶ୍ରମ, ବକ୍ଷରୁ ବାନାପ୍ରସ୍ଥାଶ୍ରମ ଓ ମସ୍ତକରୁ ସନ୍ନ୍ୟାସ ଆଶ୍ରମ ପ୍ରକଟିତ ହେଲା । ଉତ୍ପତ୍ତି ସ୍ଥଳର ଉଚ୍ଚନିଚ ଅନୁମାନ ଦ୍ୱାରା ସ୍ୱଭାବ ପ୍ରକୃତି ଭିନ୍ନ ଭିନ୍ନ ହେଲ । ସାଧାରଣତଃ ଉତ୍ତମ ସଙ୍ଗ ଦ୍ୱାରା ଉତ୍ତମ ଆଚରଣ ଓ ନୀଚ ସଙ୍ଗ ଦ୍ୱାରା ହୀନ ଆଚରଣ ପ୍ରକାଶ ପାଇଲା । ତମ. ଶୌଚ,ସମ, ଦମ ମୋଠାରେ ଅଚଳା ଭକ୍ତି ସତ୍ୟ ସନ୍ତୋଷ, ଦୟା, କ୍ଷମା, ସରଳତା, ନିଷ୍କପଟତା, ଏ ସମସ୍ତ ବ୍ରାହ୍ମଣର ସ୍ୱାଭାବିକ ଧର୍ମ ଓ ଲକ୍ଷଣ । ତେଜ, ବଳ, ବୀର୍ଯ୍ୟ, ଧର୍ଯ୍ୟ, ଶୌର୍ଯ୍ୟ, ତିତିକ୍ଷା, ଉଦାରତା, ଉଦ୍ୟମ, ସ୍ଥିରତା, ବ୍ରାହ୍ମଣ ଭକ୍ତି ଏବଂ ଐଶ୍ୱର୍ଯ୍ୟ ଏହି ସବୁ କ୍ଷତ୍ରିୟର ଗୁଣ । ବ୍ରାହ୍ମଣ ସେବା , ଦାନ,ଗୁରୁ ଶାସ୍ତ୍ର ବାକ୍ୟରେ ବିଶ୍ୱାସ, ଉତ୍ସାହ, ଛଳନା ଶୂନ୍ୟତା, ଦମ୍ଭ ବର୍ଜନ, କୃଷି କର୍ମ, କ୍ରୟ ବିକ୍ରୟରେ ସାଧୁତା, ଧନ ସଞ୍ଚୟ ଇତ୍ୟାଦି ବୈଶ୍ୟ କୂଳର ଧର୍ମ । ଉକ୍ତ ତିନି ବର୍ଣ୍ଣର ସେବା, ଗୋ ସେବା, ଦେବସେବା, ସର୍ବ ଜୀବରେ ଦୟା ଓ କପଟ ଶୂନ୍ୟତା ଶୂଦ୍ର କୂଳର ଧର୍ମ । ମିଥ୍ୟା କଥନ, ଶୁଚିହୀନତା, ଚୌର୍ଯ୍ୟ, ନାସ୍ତିକତା, କ୍ରୋଧ, କଳହ, ହତ ଜ୍ଞାନ, କୁବାକ୍ୟ ପ୍ରୟୋଗ ଓ ଦୂରାଚାର ଏହି ସବୁ ହୀନଜନ ବା ଅନ୍ତ୍ୟ ଜାତି ବ୍ୟକ୍ତିର ସ୍ୱଭାବ । ଅହିଂସା, ସତ୍ୟ, ଅସ୍ତେୟ, କାମ, କ୍ରୋଧ, ଲୋଭ ବର୍ଜନ ସକଳ ପ୍ରାଣୀଠାରେ ଶ୍ରଧା, ହିତ କର୍ମରେ ଆଗ୍ରହ ଏହି ସବୁ ସମସ୍ତ ବର୍ଣ୍ଣର ସାଧାରଣ ଧର୍ମ । ପରହିଂସା, ପରବାଦ, ପରଧନ, ରମଣୀରେ କାମନା ଏହି ସବି ନୀଚଜର ସ୍ୱଭାବ । ଚାରି ଆଶ୍ରମ ମଧ୍ୟରେ ପ୍ରଥମେ ବ୍ରହ୍ମଚର୍ଯ୍ୟ ଆଶ୍ରମ କଥା କହୁଛି । ବ୍ରହ୍ମଚାରୀ-୧-ଉପକୁର୍ବାଣ (ବେଦାଧ୍ୟୟନ ଶେଷ କରି ଗୃହସ୍ଥାଶ୍ରମରେ ପ୍ରବେଶ କରନ୍ତି), ୨-(ନୈଷ୍ଠିକ- ଯେଉଁମାନେ ଆଜୀବନ ବ୍ରହ୍ମଚାରୀ ରହନ୍ତି) ଭେଦରେ ଦୁଇ ପ୍ରକାର ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ସ୍ୱାସ୍ଥ୍ୟ ଖରାପ ଥିଲେ ସବୁ ସମ୍ପଦ ତୁଚ୍ଛ



ଶ୍ୱେତା ରାଉତ୍

ଜୀବନ ପ୍ରତି ମଣିଷର ମୋହ ଅଛି, ଜୀବିକା ପ୍ରତି ମଧ୍ୟ ଅଛି। ଭଲରେ ବଞ୍ଚିବା, ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା, ପରିବାରକୁ ଆରାମରେ ରଖିବା, ଏହା ପ୍ରତ୍ୟେକ ମଣିଷର ସ୍ୱାଭାବିକ ଇଚ୍ଛା। ସେଥିପାଇଁ ଆମେ ଦିନରାତି ପରିଶ୍ରମ କରୁ ଅର୍ଥ ଉପାର୍ଜନ କରୁ, ସଞ୍ଚୟ କରୁ, ଘର ତିଆରି କରୁ, ଦାମୀ ଆସବାବପତ୍ର କିଣୁ ଏବଂ ଜୀବନକୁ ଅଧିକ ସୁଖଦ ଓ ବିଳାସପୂର୍ଣ୍ଣ କରିବାରେ ଲାଗିଥାଉ। ଆମର ଧାରଣା, ଆଜି କଷ୍ଟ କରିବା, ଯେପରି ଆସନ୍ତାକାଲି ଆରାମରେ ରହିପାରିବା। କିନ୍ତୁ ଏହି ଦୌଡ଼ ଭିତରେ ଆମେ ବେଳେବେଳେ ଭୁଲିଯାଉ ଯେ, ଯେଉଁ ଶରୀରକୁ ନେଇ ଏତେ ସ୍ୱପ୍ନ ଦେଖୁଛୁ, ସେହି ଶରୀରଟି ଯଦି ସୁସ୍ଥ ନଥାଏ, ତେବେ ଆମର ସମସ୍ତ ସଫଳତା, ଧନସମ୍ପତ୍ତି ଓ ଆରାମ ଧୀରେଧୀରେ ଅର୍ଥହୀନ ହୋଇଯାଏ।

ଯଦି ଆମର ସ୍ୱାସ୍ଥ୍ୟ ବିଗିଡି ଯାଏ, ଆରାମଦାୟକ ଜୀବନ ବି ଗୌଣ ମନେହୁଏ। ସାମାନ୍ୟ ମୁଣ୍ଡ ବିନ୍ଧା କିମ୍ୱା ଜ୍ୱର ହେଲେ ମଧ୍ୟ ଆମେ ବିଚଳିତ ହୋଇପଡ଼ୁ। ଘରେ ଯେତେ ମନ ପସନ୍ଦର ସ୍ୱାଦିଷ୍ଟ ଖାଦ୍ୟ ଥାଉ, କିଛି ଖାଇବାକୁ ଇଚ୍ଛା ହୁଏନି। ଯେତେ ପ୍ରିୟ ଲୋକର ଫୋନ୍ ଆସୁ, କଥା ହେବାକୁ ଇଚ୍ଛା ହୁଏନି, ଯେତେ ଦାମୀ ଆରାମଦାୟକ ସୋଫା ଘରେ ଥାଉ, ଶରୀରରେ ଯନ୍ତ୍ରଣା ଥିଲେ ସବୁ ଦୁର୍ବିସହ ଲାଗେ। ସେତେବେଳେ ଆମେ ବୁଝିପାରୁ,ସୁଖ କେବଳ ବାହାରେ ନାହିଁ, ସୁଖର ମୂଳ ଆମ ଶରୀର ଓ ମନର ସୁସ୍ଥତାରେ ରହିଛି। ସ୍ୱାସ୍ଥ୍ୟକୁ ଅବହେଳା କରିବାର ଅର୍ଥ ନିଜ ଜୀବନର ମୂଳ ଭିତ୍ତିକୁ ଦୁର୍ବଳ କରିବା। ତେଣୁ ଆମକୁ ଜୀବନରେ ଏକ ସୁନ୍ଦର ସନ୍ତୁଳନ ଆଣିବାକୁ ପଡ଼ିବ। ଜୀବିକା ପାଇଁ ପରିଶ୍ରମ କରିବା ନିଶ୍ଚିତ ଆବଶ୍ୟକ, କିନ୍ତୁ ଜୀବନକୁ ହରାଇ ଜୀବିକା ପାଇଁ ଦୌଡ଼ିବା କେବେ ବୁଦ୍ଧିମାନୀ ନୁହେଁ। ସୁସ୍ଥ ରହିବା ପାଇଁ ସବୁବେଳେ ବହୁତ ବଡ଼ କିଛି କରିବା ଦରକାର ନାହିଁ। ନିୟମିତ ଓ ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ନିଦ, ନିୟମିତ ଶାରୀରିକ କାର୍ଯ୍ୟକଳାପ, ପରିଷ୍କାର ପରିବେଶ, ମନକୁ ଶାନ୍ତ ରଖିବାର ଅଭ୍ୟାସ ଏବଂ ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶ,ଏସବୁ ହେଉଛି ସୁସ୍ଥ ଜୀବନର ସରଳ ଆଧାର।

ସେହିପରି ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ଆମେ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଅତ୍ୟଧିକ ଚିନ୍ତା, ଚାପ, ରାଗ, ଈର୍ଷା ଓ ଅସନ୍ତୋଷ ମନକୁ ଭାରୀ କରିଦିଏ। ତେଣୁ ଜୀବନରେ କିଛି ସମୟ ନିଜ ପାଇଁ ରଖିବା ଦରକାର। ପରିବାର ସହିତ କଥା ହେବା, ପ୍ରିୟ ଲୋକଙ୍କ ସହିତ ସମୟ କାଟିବା, ପ୍ରକୃତିକୁ ଉପଭୋଗ କରିବା, ପୁସ୍ତକ ପଢ଼ିବା,ପ୍ରାର୍ଥନା କରିବା କିମ୍ୱା ନିଜ ମନକୁ ଶାନ୍ତ କରୁଥିବା କାମ କରିବା, ଏସବୁ ମଧ୍ୟ ଜୀବନର ଆବଶ୍ୟକ ଅଂଶ। ଜୀବନ ଆମକୁ ଅନେକ ସୁଯୋଗ ଦିଏ। ଧନ ହରାଇଲେ ପୁଣି ଉପାର୍ଜନ କରିହେବ। ଘର ଭାଙ୍ଗିଗଲେ ପୁଣି ତିଆରି କରିହେବ। ହରାଇଥିବା ଅନେକ ବସ୍ତୁ ପୁଣି କିଣିହେବ। କିନ୍ତୁ ସମୟ ଓ ସ୍ୱାସ୍ଥ୍ୟକୁ ଅବହେଳା କରି ଯେଉଁ କ୍ଷତି ହୁଏ, ତାହା ସବୁବେଳେ ସହଜରେ ପୂରଣ ହୋଇନଥାଏ। ତେଣୁ ଜୀବନକୁ ଭଲ ପାଆନ୍ତୁ, ଜୀବିକା ପାଇଁ ପରିଶ୍ରମ କରନ୍ତୁ, ଧନ ଉପାର୍ଜନ କରନ୍ତୁ, ଭବିଷ୍ୟତ ଗଢ଼ନ୍ତୁ। କିନ୍ତୁ ଏସବୁ କରିବା ସହିତ ନିଜ ଶରୀର ଓ ମନର ଯତ୍ନ ନେବାକୁ କେବେ ଭୁଲନ୍ତୁ ନାହିଁ।

କାରଣ ଆମେ ଘରକୁ ସୁନ୍ଦର କରିବା ପାଇଁ ଯେତେ ଟଙ୍କା ଖର୍ଚ୍ଚ କରୁ, ତାହାଠାରୁ ଅଧିକ ଆବଶ୍ୟକ ହେଉଛି ସେହି ଘରେ ସୁସ୍ଥ ଶରୀର ଓ ଶାନ୍ତ ମନ ନେଇ ବଞ୍ଚିବା। ଧନ ଜୀବନକୁ ସୁବିଧା ଦିଏ, କିନ୍ତୁ ସ୍ୱାସ୍ଥ୍ୟ, ଜୀବନକୁ ସୁଖ ଦିଏ। ସ୍ୱାସ୍ଥ୍ୟ ଭଲ ରହିଲେ, ମନ ସୁନ୍ଦର ରହିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# କେବେ ବଦଳାଇବା ଉଚିତ ଗ୍ୟାସ୍ ରେଗୁଲେଟର

**ରୋଷେଇ ଘରେ ପ୍ରତିଦିନ ଏଲପିଜି ସିଲିଣ୍ଡର ବ୍ୟବହାର ହେଉଥିବାରୁ ଏହାର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ। ସିଲିଣ୍ଡର ସହ ଲାଗିଥିବା ରେଗୁଲେଟର ଗ୍ୟାସ୍‌ର ଚାପକୁ ନିୟନ୍ତ୍ରଣ କରି ଚୁଲିକୁ ଆବଶ୍ୟକ ଚାପରେ ଗ୍ୟାସ୍ ଯୋଗାଇଥାଏ। ତେଣୁ ରେଗୁଲେଟରରେ ତ୍ରୁଟି, ଢିଲା ସଂଯୋଗ କିମ୍ୱା କ୍ଷତି ଦେଖାଦେଲେ ଏହାକୁ ଅଣଦେଖା କରିବା ବିପଦଜନକ ହୋଇପାରେ।**




*ସିଲିଣ୍ଡର ବ୍ୟବହାର ପ୍ରତି ସ୍ତର*

ସିଲିଣ୍ଡର ବଦଳାଇବା କିମ୍ୱା ରେଗୁଲେଟର ଲଗାଇବା ପରେ ଯଦି ଏହା ଢିଲା ଲାଗୁଛି କିମ୍ୱା ଠିକ୍ ଭାବରେ ଲକ୍ ହେଉନାହିଁ। ତେବେ ତୁରନ୍ତ ଗ୍ୟାସ୍ ଚାଲୁ କରି ଚୁଲି ଜଳାଇବା ଉଚିତ ନୁହେଁ। ରେଗୁଲେଟର ସିଲିଣ୍ଡର ସହ ଠିକ୍ ଭାବରେ ଲାଗିଛି କି ନାହିଁ ଯାଞ୍ଚ କରନ୍ତୁ। ଏହାକୁ ବଳ ପ୍ରୟୋଗ କରି ଲଗାଇବା କିମ୍ୱା ବାରମ୍ୱାର ଦବାଇ ଠିକ୍ କରିବାକୁ ଚେଷ୍ଟା କରିବା ଠିକ୍ ନୁହେଁ। ରେଗୁଲେଟର ବଙ୍କା ହୋଇଥିଲେ। ଏହାର କୌଣସି ଅଂଶ ଢିଲା ଥିଲେ କିମ୍ୱା ଲକିଂ ବ୍ୟବସ୍ଥା ଠିକ୍ ଭାବରେ କାମ କରୁନଥିଲେ ଏହାକୁ ବ୍ୟବହାର ନକରି ଗ୍ୟାସ୍ ଏଜେନ୍ସି କିମ୍ୱା ତାଲିମପ୍ରାପ୍ତ ଟେକ୍ନିସିଆନଙ୍କ ସହାୟତା ନେବା ନିରାପଦ।

*ଗ୍ୟାସ୍ ଗନ୍ଧ ଆସିଲେ ସତର୍କ ହୁଅନ୍ତୁ*

ରେଗୁଲେଟର ଯାଞ୍ଚ କରିବା ସମୟରେ ଯଦି ଗ୍ୟାସର ଗନ୍ଧ ଆସୁଛି। ତେବେ ଏହାକୁ ସାଧାରଣ ଭାବେ ନିଅନ୍ତୁ ନାହିଁ। ଏଲପିଜି ଲିକ୍ ହେଲେ ଚିହ୍ନଟ କରିବା ପାଇଁ ଏଥିରେ ଏକ ବିଶେଷ ଗନ୍ଧ ମିଶାଯାଇଥାଏ। ଏପରି ସମୟରେ ଦିଆସିଲି, ଲାଇଟର କିମ୍ୱା ମହମବତୀ ଜଳାଇ ଗ୍ୟାସ୍ ଲିକ୍ ଯାଞ୍ଚ କରନ୍ତୁ ନାହିଁ। ବୈଦ୍ୟୁତିକ ସ୍ୱିଚ୍‌କୁ ମଧ୍ୟ ଅନ୍ କିମ୍ୱା ଅଫ୍ କରିବାରୁ ଦୂରେଇ ରୁହନ୍ତୁ। ସମ୍ଭବ ହେଲେ ସୁରକ୍ଷିତ ଭାବରେ ଗ୍ୟାସ୍ ଯୋଗାଣ ବନ୍ଦ କରି ଅଞ୍ଚଳକୁ ବାୟୁଚଳାଚଳ କରନ୍ତୁ ଏବଂ ତୁରନ୍ତ ଗ୍ୟାସ୍ ଏଜେନ୍ସି କିମ୍ୱା ତାଲିମପ୍ରାପ୍ତ ଟେକ୍ନିସିଆନଙ୍କ ସହ ଯୋଗାଯୋଗ କରନ୍ତୁ।

*ରେଗୁଲେଟର ଖରାପ ହେବାର ସଙ୍କେତ*

ରେଗୁଲେଟରରେ କିଛି ପରିବର୍ତ୍ତନ ଦେଖାଦେଲେ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ। ରେଗୁଲେଟର ବାରମ୍ୱାର ଢିଲା ହେବା, ଗ୍ୟାସ୍ ଗନ୍ଧ ଆସିବା, ସଂଯୋଗ ଠିକ୍ ଭାବରେ ଲକ୍ ନହେବା, ରେଗୁଲେଟରରେ ଫାଟ, ଭଙ୍ଗା କିମ୍ୱା କଳଙ୍କ ଦେଖାଯିବା ଏହାର ତ୍ରୁଟିର ସଙ୍କେତ ହୋଇପାରେ। ସେହିପରି ଚୁଲାର ଶିଖା ହଠାତ୍ ବହୁତ ଛୋଟ ହୋଇଯିବା, ବାରମ୍ୱାର ଲିଭିଯିବା କିମ୍ୱା ଅସ୍ୱାଭାବିକ ଭାବେ ବଡ଼ ଓ ଶବ୍ଦପୂର୍ଣ୍ଣ ହେବା ମଧ୍ୟ ଗ୍ୟାସ୍ ଯୋଗାଣ କିମ୍ୱା ରେଗୁଲେଟର ସମ୍ବନ୍ଧୀୟ ସମସ୍ୟାର ସଙ୍କେତ ହୋଇପାରେ। ଏପରି ସ୍ଥିତିରେ ନିଜେ ମରାମତି କରିବା ପରିବର୍ତ୍ତେ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଇବା ଉଚିତ।

ସମୟ ବିତିବା ସହ ରେଗୁଲେଟରର ସିଲ୍, ରବର ରିଙ୍ଗ ଓ ଅନ୍ୟ ଅଂଶ ଖରାପ ହୋଇପାରେ। ତେଣୁ ରେଗୁଲେଟର ପୁରୁଣା ହୋଇଥିଲେ ଏବଂ ଏଥିରେ କୌଣସି ତ୍ରୁଟିର ଲକ୍ଷଣ ଦେଖାଦେଲେ ଏହାକୁ ବଦଳାଇବା ଦରକାର। ସିଲିଣ୍ଡର, ରେଗୁଲେଟର ଓ ଗ୍ୟାସ୍ ପାଇପ୍‌କୁ ମଧ୍ୟ ସମୟ ସମୟରେ ଯାଞ୍ଚ କରାଇବା ଜରୁରୀ। ସମସ୍ତ ପ୍ରକାର ଗ୍ୟାସ୍ ପାଇଁ ଏକା ପ୍ରକାରର ରେଗୁଲେଟର ଉପଯୋଗୀ ନୁହେଁ। ଘରୋଇ ଏଲପିଜି ସିଲିଣ୍ଡର ପାଇଁ ଉପଯୁକ୍ତ ଏବଂ ଅନୁମୋଦିତ ରେଗୁଲେଟର ହିଁ ବ୍ୟବହାର କରନ୍ତୁ। କେବଳ ଶସ୍ତା ମିଳୁଛି ବୋଲି ଅଜଣା କିମ୍ୱା ଅନୁମୋଦନ ନଥିବା ରେଗୁଲେଟର କିଣିବା ଠିକ୍ ନୁହେଁ। ରେଗୁଲେଟର ଖୋଲି ଏହାର ଭିତର ଅଂଶକୁ ନିଜେ ମରାମତି କରିବା କିମ୍ୱା ଅନ୍ୟ କୌଣସି ରେଗୁଲେଟର ସହ ଏହାକୁ ବଦଳାଇବା ଠିକ୍ ନୁହେଁ। ଗ୍ୟାସ୍ ସଂଯୋଗରେ ସମସ୍ୟା ଦେଖାଦେଲେ ଅଧିକାରପ୍ରାପ୍ତ ଗ୍ୟାସ୍ ଏଜେନ୍ସି କିମ୍ୱା ତାଲିମପ୍ରାପ୍ତ ଟେକ୍ନିସିଆନଙ୍କ ସହାୟତା ନିଅନ୍ତୁ। ଏଲପିଜି ରେଗୁଲେଟର ଢିଲା ଲାଗିବା, ଗ୍ୟାସ୍ ଗନ୍ଧ ଆସିବା, ଲିକ୍ ହେବା କିମ୍ୱା ଚୁଲିର ଶିଖାରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ସନ୍ଦେହ ଥିଲେ ଗ୍ୟାସ୍ ବ୍ୟବହାର ବନ୍ଦ କରି ବିଶେଷଜ୍ଞଙ୍କ ସହାୟତା ନେବା ହିଁ ସବୁଠାରୁ ନିରାପଦ ପଦକ୍ଷେପ।

# ନିଟ୍ ମାମଲା ଓ ଅନୁଚ୍ଛେଦ ୧୪୨

ସେପଟ୍ମ୍ବର ୧, ୨୦୨୬ ତାରିଖରେ ସୁପ୍ରୀମ କୋର୍ଟର ଏକ ତିନି ଜଣିଆ ଖଣ୍ଡପୀଠ ନିଟ୍-ୟୁଜି (NEET-UG) ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ କରୁଥିବା 'ଜେନ୍ ଜେଡ୍' (Gen Z) ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ଏଫଆଇଆର (FIR) ବା ପ୍ରାଥମିକ ସୂଚନା ରିପୋର୍ଟକୁ ରଦ୍ଦ କରିଦେଇଛନ୍ତି । ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ମାମଲାଗୁଡ଼ିକର କୌଣସି ତଦନ୍ତ କରାଯିବ ନାହିଁ ଏବଂ ସମସ୍ତ ଉଦ୍ଦେଶ୍ୟ ପାଇଁ ଏହାକୁ ସବୁଦିନ ପାଇଁ ବନ୍ଦ କରିଦିଆଯିବ। ଏହି ପଦକ୍ଷେପ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ପ୍ରଦତ୍ତ 'ସମ୍ପୂର୍ଣ୍ଣ ନ୍ୟାୟ' (complete justice) ପ୍ରଦାନ କରିବାର ଅସାଧାରଣ କ୍ଷମତା ଉପରେ ଆଧାରିତ ଅଟେ । ନିଟ୍ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଥିଲା, ଯାହାର ପ୍ରତିବାଦରେ ଦେଶର ଯୁବପିଢ଼ି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଥିଲେ । ସେମାନଙ୍କର ଏହି ଗଣତାନ୍ତ୍ରିକ ପ୍ରତିବାଦକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ରୁଜୁ ହୋଇଥିବା ଅପରାଧିକ ମାମଲାଗୁଡ଼ିକ ଯୁବକମାନଙ୍କ କ୍ୟାରିୟର ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଥିଲା । ଏଭଳି ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ଏକ ଆଶ୍ୱାସନାର ବାର୍ତ୍ତା ବହନ କରୁଛି । ତେବେ ଏହି ଘଟଣାକ୍ରମ ପରେ ସାଧାରଣରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ ଅନୁଚ୍ଛେଦ ୧୪୨ ପ୍ରକୃତରେ କ'ଣ, ଏହା ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କେତେ ବ୍ୟାପକ କ୍ଷମତା ପ୍ରଦାନ କରେ ଏବଂ ଏହି ବିଶାଳ କ୍ଷମତାର ସୀମାରେଖା କେଉଁଠାରେ ନିର୍ଦ୍ଧାରିତ ହୋଇଛି ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ସ୍ୱତନ୍ତ୍ର, ଅନନ୍ୟ ଏବଂ ଅନ୍ତର୍ନିହିତ କ୍ଷମତା ପ୍ରଦାନ କରିଥାଏ । ଏହି ଅନୁଚ୍ଛେଦ ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟ ନିଜ ବିଚାରାଧୀନ ଥିବା କୌଣସି ମାମଲା ବା ବିଷୟରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ପାଇଁ ଆବଶ୍ୟକ ମନେ କରୁଥିବା ଯେକୌଣସି ଡିକ୍ରି ପାରିତ କରିପାରିବେ କିମ୍ବା ଆଦେଶ ଦେଇପାରିବେ। ଏହିପରି ଭାବରେ ପାରିତ ହୋଇଥିବା କୌଣସି ଡିକ୍ରି କିମ୍ବା ଆଦେଶ ସମଗ୍ର ଭାରତବର୍ଷରେ ଲାଗୁ ହେବ ଏବଂ ସମସ୍ତ କର୍ତ୍ତୃପକ୍ଷ ଏହାକୁ ମାନିବାକୁ ବାଧ ରହିବେ। ସରଳ ଭାଷାରେ ବିଶ୍ଳେଷଣ କଲେ ଜଣାଯାଏ ଯେ, ଯେତେବେଳେ ପ୍ରଚଳିତ ଆଇନ ବା ନିୟମକାନୁନ ନ୍ୟାୟ ପ୍ରଦାନ କରିବାରେ ଅସମର୍ଥ ହୁଏ କିମ୍ବା କଠୋର ଆଇନଗତ ପ୍ରକ୍ରିୟା କାରଣରୁ ନ୍ୟାୟିକ ବିଳମ୍ବ ବା ଅନ୍ୟାୟ ହେବାର ଆଶଙ୍କା ଦେଖାଦିଏ, ସେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଅନୁଚ୍ଛେଦର ବ୍ୟବହାର କରି ଆଇନର ଗଣ୍ଡିରୁ ବାହାରି ସିଧାସଳଖ ନ୍ୟାୟ ପ୍ରଦାନ କରିପାରିବେ। ଆମ ଦେଶର ନ୍ୟାୟିକ ବ୍ୟବସ୍ଥା ମୁଖ୍ୟତଃ ତଥ୍ୟ, ପ୍ରମାଣ ଏବଂ ଲିଖିତ ଆଇନ ଉପରେ ପର୍ଯ୍ୟବେସିତ, କିନ୍ତୁ ଅନେକ ସମୟରେ ଆଇନର ଅକ୍ଷରଶଃ ପାଳନ କଲେ ପ୍ରକୃତ ନ୍ୟାୟ ମିଳିପାରେ ନାହିଁ । ନିଟ୍-ୟୁଜି ୨୦୨୬ ଆନ୍ଦୋଳନକାରୀଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ଛାତ୍ରଛାତ୍ରୀମାନେ ନିଜର ନ୍ୟାଯ୍ୟ ଦାବି ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ସେମାନଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସେମାନଙ୍କୁ ଭବିଷ୍ୟତରେ ସରକାରୀ ଚାକିରି କିମ୍ବା ଉଚ୍ଚଶିକ୍ଷାରୁ ବଞ୍ଚିତ କରିଦେଇଥାନ୍ତା । ତେଣୁ ନ୍ୟାୟାଳୟ ଏଠାରେ ସାଧାରଣ ଅପରାଧିକ ଆଇନର ଦୀର୍ଘ ପ୍ରକ୍ରିୟାକୁ ଅଣଦେଖା କରି ଏକକାଳୀନ ସମସ୍ତ ଏଫଆଇଆର ରଦ୍ଦ କରି ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବାକୁ ଶ୍ରେୟସ୍କର ମଣିଲେ ।

ଅନୁଚ୍ଛେଦ ୧୪୨ର ବ୍ୟାପକତାକୁ ଐତିହାସିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହା ନ୍ୟାୟପାଳିକାକୁ ଏକ ଅତୁଳନୀୟ ଶକ୍ତି ପ୍ରଦାନ କରିଥାଏ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏହି କ୍ଷମତାର ପରିସରକୁ ବ୍ୟାଖ୍ୟା କରିଛନ୍ତି । ୧୯୬୭ ମସିହାର ଆଇ.ସି. ଗୋଲକନାଥ ବନାମ ପଞ୍ଜାବ ରାଜ୍ୟ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଅନୁଚ୍ଛେଦକୁ ଏକ ଅତ୍ୟନ୍ତ ବ୍ୟାପକ ଏବଂ ନମନୀୟ କ୍ଷମତା ଭାବରେ ବର୍ଣ୍ଣନା କରିଥିଲେ, ଯାହା ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଆବଶ୍ୟକ ସ୍ଥଳେ ନୂତନ ଆଇନଗତ ସିଦ୍ଧାନ୍ତ ପ୍ରସ୍ତୁତ କରିବାକୁ ସକ୍ଷମ କରିଥାଏ । ସେହିପରି ୧୯୯୧ ମସିହାରେ ୟୁନିୟନ କାର୍ବାଇଡ୍ କର୍ପୋରେସନ୍ ବନାମ ଭାରତ ସରକାର ଅର୍ଥାତ୍ ବହୁଚର୍ଚ୍ଚିତ ଭୋପାଳ ଗ୍ୟାସ ଦୁର୍ଘଟଣା ମାମଲାରେ ନ୍ୟାୟାଳୟ ଏହି କ୍ଷମତାର ଏକ ବୃହତ୍ତର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ସେହି ସମୟରେ ପୀଡିତମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନ୍ୟାୟାଳୟ ବିପୁଳ ଆର୍ଥିକ ବୁଝାମଣାକୁ ଅନୁମୋଦନ କରିବା ସହ ଆବଶ୍ୟକୀୟ ଆଦେଶ ପାରିତ କରିଥିଲେ । ସାଧାରଣ ଆଇନରେ ଥିବା ସୀମାବଦ୍ଧତା କିମ୍ବା ନିଷେଧାଦେଶଗୁଡ଼ିକ ନିଜେ ଅନୁଚ୍ଛେଦ ୧୪୨ ଅଧୀନରେ ଥିବା ସାମ୍ବିଧାନିକ କ୍ଷମତା ଉପରେ ସୀମାବଦ୍ଧତା ଭାବରେ କାର୍ଯ୍ୟ କରିପାରିବ ନାହିଁ ବୋଲି ଖଣ୍ଡପୀଠ ରାୟ ଦେଇଥିଲେ । ଏହି ରାୟ ପ୍ରମାଣିତ କରିଥିଲା ଯେ ଯେତେବେଳେ ଲୋକଙ୍କ ଜୀବନ, ଅଧିକାର ଓ ସୁରକ୍ଷା ପ୍ରଶ୍ନ ଉଠେ, ସେତେବେଳେ ନ୍ୟାୟାଳୟ ସାଧାରଣ ଆଇନର ବୈଷୟିକ ତ୍ରୁଟିକୁ ଅତିକ୍ରମ କରି ମାନବିକତା ଆଧାରରେ ନ୍ୟାୟ ପ୍ରଦାନ କରିପାରିବେ। ସେହି ଏକା ବର୍ଷ ଦିଲ୍ଲୀ ଜୁଡିସିଆଲ୍ ସର୍ଭିସ୍ ଆସୋସିଏସନ୍ ବନାମ ଗୁଜରାଟ ରାଜ୍ୟ (୧୯୯୧) ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଅନୁଚ୍ଛେଦ ୧୪୨ ସହିତ ସମ୍ବିଧାନର ଅନୁଚ୍ଛେଦ ୩୨ ଏବଂ ୧୩୬କୁ ମିଶାଇ ପଢ଼ିଲେ, ଏହା ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ପାଇଁ କୌଣସି ଉପଯୁକ୍ତ ମାମଲାରେ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିବା ପାଇଁ ମଧ୍ୟ ବ୍ୟବହୃତ ହୋଇପାରିବ । ଏହି ସିଦ୍ଧାନ୍ତ ହିଁ ବର୍ତ୍ତମାନ ସିଜେପି ସମର୍ଥିତ ନିଟ୍-ୟୁଜି ୨୦୨୬ ଆନ୍ଦୋଳନକାରୀଙ୍କ ବିରୋଧରେ ଥିବା ଏଫଆଇଆର ରଦ୍ଦ କରିବାର ମୂଳଦୁଆ ସାଜିଛି । ନ୍ୟାୟାଳୟ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ଅନୁଚ୍ଛେଦ ୧୪୨ ସାଧାରଣ ବୈଧାନିକ କ୍ଷମତାଠାରୁ ସମ୍ପୂର୍ଣ୍ଣ ଏକ ଭିନ୍ନ ସ୍ତରରେ କାର୍ଯ୍ୟ କରିଥାଏ ।

ଏହି କ୍ଷମତାର ପରିସର କେତେ ଦୂର ବିସ୍ତୃତ, ତାହା ଅତି ନିକଟରେ ୨୦୨୩ ମସିହାର ଶିଳ୍ପା ଶୈଳେଶ ବନାମ ବରୁଣ ଶ୍ରୀନିବାସନ୍ ମାମଲାରୁ ଅଧିକ ସ୍ପଷ୍ଟ ହୋଇଥିଲା । ଏହି ମାମଲାରେ ସାମ୍ବିଧାନିକ ଖଣ୍ଡପୀଠ ଅନୁଚ୍ଛେଦ ୧୪୨ର ବ୍ୟାପକତାର ସବୁଠାରୁ ସ୍ପଷ୍ଟ ଏବଂ ଆଧୁନିକ ଉଦାହରଣ ଦେଇଥିଲେ । ନ୍ୟାୟାଳୟ ରାୟ ଦେଇଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଉପଯୁକ୍ତ ମାମଲାରେ ପ୍ରକ୍ରିୟାଗତ ଏବଂ ମୂଳ ଆଇନ (substantive law) ଠାରୁ ଦୂରେଇ ଯାଇପାରିବେ, ଯଦି ଏହି ପ୍ରୟୋଗ ସାଧାରଣ ଏବଂ ନିର୍ଦ୍ଦିଷ୍ଟ ଜନ କଲ୍ୟାଣ ନୀତିର ମୌଳିକ ବିଚାର ଉପରେ ଆଧାରିତ ହୋଇଥାଏ । ଏହି ଆଧାରରେ ନ୍ୟାୟାଳୟ ସ୍ଥିର କରିଥିଲେ ଯେ ଏକ ବିବାହ ଅପରିବର୍ତ୍ତନୀୟ ଭାବେ ଭାଙ୍ଗିପଡିଥିଲେ ତାହାକୁ ନ୍ୟାୟାଳୟ ସିଧାସଳଖ ଭାଙ୍ଗିଦେଇପାରିବେ ଏବଂ ପାରସ୍ପରିକ ସମ୍ମତି ଭିତ୍ତିକ ଛାଡ଼ପତ୍ରରେ ଦ୍ୱିତୀୟ ପ୍ରସ୍ତାବ ପାଇଁ ଥିବା ଛଅ ମାସର ବୈଧାନିକ ସମୟସୀମାକୁ ଛାଡ଼ କରିପାରିବେ । ଏହା ଦର୍ଶାଉଛି ଯେ ଆଇନର କଠୋରତା ଯେତେବେଳେ ନ୍ୟାୟ ପ୍ରଦାନରେ ବାଧକ ସାଜେ କିମ୍ବା ମାନସିକ ନିର୍ଯାତନା ବୃଦ୍ଧି କରେ, ଅନୁଚ୍ଛେଦ ୧୪୨ ସେହି ବାଧାକୁ ଦୂର କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ କାର୍ଯ୍ୟ କରେ । ଏହାବ୍ୟତୀତ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସଜିଦ୍ ମାମଲାରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୧୪୨ର ପ୍ରୟୋଗ କରି ସୁନ୍ନି ୱାକଫ୍ ବୋର୍ଡକୁ ମସଜିଦ୍ ନିର୍ମାଣ ପାଇଁ ୫ ଏକର ଜମି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିଟ୍-ୟୁଜି ୨୦୨୬ ମାମଲାରେ ଆନ୍ଦୋଳନକାରୀଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସେମାନଙ୍କୁ ଦୀର୍ଘ ଦିନ ଧରି ଅଦାଲତର ବାରଣ୍ଡାରେ ଛିଡ଼ା କରାଇଥାନ୍ତା, ଯାହାକି ସେମାନଙ୍କର ମୂଲ୍ୟବାନ ସମୟ ଓ ଶକ୍ତିକୁ ନଷ୍ଟ କରିଥାନ୍ତା ।

ତେବେ ଏତେ ବ୍ୟାପକ କ୍ଷମତା ଥିବା ସତ୍ତ୍ୱେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହି କ୍ଷମତା କ'ଣ ସମ୍ପୂର୍ଣ୍ଣ ଭାବେ ଅସୀମିତ ଏବଂ ନିରଙ୍କୁଶ? ଏହାର ଉତ୍ତର ହେଉଛି ନା । ଯଦିଓ ଅନୁଚ୍ଛେଦ ୧୪୨ ଅତ୍ୟନ୍ତ ବ୍ୟାପକ, ତଥାପି ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତାର ସନ୍ତୁଳନ ରକ୍ଷା କରିବା ପାଇଁ ଏହାର କିଛି ସାମ୍ବିଧାନିକ ସୀମାରେଖା ନିର୍ଦ୍ଧାରଣ କରାଯାଇଛି। ଏହି ସୀମାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ବହୁ ପୂର୍ବରୁ ୧୯୬୩ ମସିହାର ପ୍ରେମ ଚାନ୍ଦ ଗର୍ଗ ବନାମ ଏକ୍ସାଇଜ୍ କମିଶନର, ୟୁ.ପି. ମାମଲାରେ ଦେଖିବାକୁ ମିଳିଥିଲା । ଏକ ସାମ୍ବିଧାନିକ ଖଣ୍ଡପୀଠ ବିଚାର କରିଥିଲେ ଯେ ଅନୁଚ୍ଛେଦ ୧୪୨ ଅଧୀନରେ ଥିବା କ୍ଷମତା ଯେତେ ବ୍ୟାପକ ହେଲେ ମଧ୍ୟ, ଏହାକୁ ସମ୍ବିଧାନର କୌଣସି ବ୍ୟବସ୍ଥା ବିଶେଷକରି ନାଗରିକମାନଙ୍କର ମୌଳିକ ଅଧିକାର ସହିତ ଅସଙ୍ଗତ ଥିବା କୌଣସି ଆଦେଶ ଦେବା ପାଇଁ କଦାପି ବ୍ୟବହାର କରାଯାଇପାରିବ ନାହିଁ । ପରବର୍ତ୍ତୀ ସମୟରେ ୧୯୯୮ ମସିହାର ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ବନାମ ଭାରତ ସରକାର ମାମଲାରେ ନ୍ୟାୟାଳୟ ଏହି ସୀମାକୁ ଅଧିକ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ କରିଥିଲେ । ଖଣ୍ଡପୀଠ ଅନୁଚ୍ଛେଦ ୧୪୨କୁ ଏକ ସମ୍ପୂର୍ଣ୍ଣ, ପରିପୂରକ ଏବଂ ଅବଶିଷ୍ଟ କ୍ଷମତାର ଉତ୍ସ ଭାବରେ ବର୍ଣ୍ଣନା କରିବା ସହ ଦର୍ଶାଇଥିଲେ ଯେ ଏହା ମୁଖ୍ୟତଃ ଏକ ନିରାକରଣକାରୀ କ୍ଷମତା (curative power) ଅଟେ । ଏହା ବିଦ୍ୟମାନ ଆଇନକୁ ପରିପୂରକ କରିପାରିବ, କିନ୍ତୁ ମୂଳ ଆଇନକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ପାରିବ ନାହିଁ ।

ଏହା ସହିତ ସମ୍ପ୍ରତି ୨୦୨୪ ମସିହାରେ ହାଇକୋର୍ଟ ବାର୍ ଆସୋସିଏସନ୍, ଆଲ୍ଲାହାବାଦ ବନାମ ୟୁ.ପି. ରାଜ୍ୟ ମାମଲାରେ ସାମ୍ବିଧାନିକ ଖଣ୍ଡପୀଠ ପୁନର୍ବାର ଦୋହରାଇଛନ୍ତି ଯେ ଅନୁଚ୍ଛେଦ ୧୪୨ କେବଳ ନ୍ୟାୟାଳୟଙ୍କ ସମ୍ମୁଖରେ ଥିବା ପକ୍ଷମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ନ୍ୟାୟ କରିବା ପାଇଁ ବ୍ୟବହୃତ ହେବା ଉଚିତ୍ ଏବଂ ମାମଲାରେ ଜଡିତ ନଥିବା ତୃତୀୟ ପକ୍ଷ ବା ସାଧାରଣ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ । ନ୍ୟାୟାଳୟ ମୋକଦ୍ଦମାକାରୀଙ୍କ ମୂଳ ଅଧିକାରକୁ ଅଣଦେଖା କରିପାରିବେ ନାହିଁ କିମ୍ବା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଂଘନ କରିପାରିବେ ନାହିଁ, ଯେଉଁଥିରେ କୌଣସି ପ୍ରତିକୂଳ ଆଦେଶ ଦିଆଯିବା ପୂର୍ବରୁ ଶୁଣାଣିର ଅଧିକାର ମଧ୍ୟ ସାମିଲ ଅଛି । ଅଦାଲତର ପ୍ରକ୍ରିୟାକୁ ସରଳ କିମ୍ବା ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରେ, କିନ୍ତୁ ଏଭଳି ନିର୍ଦ୍ଦେଶ ଅଦାଲତରେ ଉପସ୍ଥିତ ନଥିବା ବ୍ୟକ୍ତିଙ୍କ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ। ଶିଳ୍ପା ଶୈଳେଶ ମାମଲାରେ ମଧ୍ୟ ନ୍ୟାୟାଳୟ ଏହା ସ୍ପଷ୍ଟ କରିଥିଲେ ଯେ ପ୍ରତ୍ୟେକ ବୈଧାନିକ ଆବଶ୍ୟକତା ଅନୁଚ୍ଛେଦ ୧୪୨ ପାଇଁ ଏକ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ନୁହେଁ । ମୂଳ ଆଇନକୁ ବିଚାରକୁ ନେବା ଆବଶ୍ୟକ, କିନ୍ତୁ ସମ୍ପୂର୍ଣ୍ଣ ନ୍ୟାୟ ହାସଲ କରିବା ପାଇଁ ଆବଶ୍ୟକ ସ୍ଥଳେ ଏଥିରୁ ବିଚ୍ୟୁତ ହୋଇହେବ, ଯେପର୍ଯ୍ୟନ୍ତ ଏହା ଜନ କଲ୍ୟାଣ ନୀତିର ମୌଳିକ ବିଚାରକୁ ଉଲ୍ଲଂଘନ କରୁନାହିଁ। ବର୍ଷ ବର୍ଷ ଧରି ସର୍ବୋଚ୍ଚ ନ୍ୟାୟାଳୟ ବିଭିନ୍ନ ଐତିହାସିକ ରାୟ ଯଥା କୋଇଲା ବ୍ଲକ୍ ଆବଣ୍ଟନ ବାତିଲ ଏବଂ ଜାତୀୟ ରାଜପଥ କଡ଼ରେ ମଦ ବିକ୍ରି ଉପରେ ନିଷେଧାଦେଶ ଆଦିରେ ଏହି ଅନୁଚ୍ଛେଦର ବ୍ୟାପକ ପ୍ରୟୋଗ କରି ବିଧାନସଭା ବା ସଂସଦୀୟ ଆଇନରେ ଥିବା ଫାଙ୍କକୁ ପୂରଣ କରିଛନ୍ତି । ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ନିଟ୍-ୟୁଜି ୨୦୨୬ ବିକ୍ଷୋଭକାରୀଙ୍କ ମାମଲାରେ ଅନୁଚ୍ଛେଦ ୧୪୨ର ପ୍ରୟୋଗ ନ୍ୟାୟପାଳିକାର ଏକ ଅତ୍ୟନ୍ତ ସକାରାତ୍ମକ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ ।

# ଇ-୨୦'କୁ ନେଇ ଆଶା ଓ ଆଶଙ୍କା



**ଶ୍ରୀବତ୍ସ ନାୟକ**

ପରିବେଶ ପ୍ରଦୂଷଣକୁ ରୋକିବା, ଜୈବ ଇନ୍ଧନର ବ୍ୟବହାର କରି ପେଟ୍ରୋଲ ଦରକୁ ନିୟନ୍ତ୍ରଣ କରିବା, ଅଶୋଧିତ ତୈଳ ଆମଦାନୀକୁ ହ୍ରାସ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରି କୃଷିକ୍ଷେତ୍ରକୁ ସମୃଦ୍ଧ କରିବାର ଆଶା ନେଇ ଏକ ଆକାଂକ୍ଷୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ସ୍ୱରୁପ ଭାରତ ସରକାର ଇ-୨୦ ମିଶ୍ରିତ ପେଟ୍ରୋଲ ବିକ୍ରି କରିବାପାଇଁ ନିଷ୍ପତ୍ତି ନେବାପରେ ଭାରତୀୟ ଶକ୍ତି କ୍ଷେତ୍ରରେ ଇ-୨୦ ପେଟ୍ରୋଲ ଅର୍ଥାତ୍ ଏକ ଲିଟର ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୁଗର ଅୟମାରମ୍ଭ ହୋଇଛି । ସରକାରୀ ସ୍ତରରେ ଏହାକୁ ଏକ ବଡ଼ ସଫଳତା ଏବଂ ସବୁଜ ଭବିଷ୍ୟତ ଆଡ଼କୁ ଏକ ମାଇଲଖୁଣ୍ଟ ଭାବେ ଦେଖାଯାଉଥିବା ବେଳେ, ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଓ ବିବାଦ ବୃଦ୍ଧି ପାଇବାରେ ଲାଗିଛି।

ସରକାରଙ୍କର ଏହିଭଳି ନିଷ୍ପତ୍ତି ଉପଭୋକ୍ତାଙ୍କ ମନରେ ଯେଉଁ ଆଶଙ୍କା ସୃଷ୍ଟି କରିଛି ତାହାକୁ ଦୂରକରିବା ସରକାରଙ୍କର ଏକ ନୈତିକ କର୍ତ୍ତବ୍ୟ । ଉପଭୋକ୍ତାଙ୍କ ମନରୁ ଆଶଙ୍କାର କଳା ବାଦଲକୁ ହଟାଇ ତାଙ୍କର ଆସ୍ଥାଭାଜନ ହୋଇପାରିଲେ ସରକାରଙ୍କର 'ଇ-୨୦' ମିଶନ ସମ୍ପୂର୍ଣ୍ଣ ସଫଳ ହେବ ଏଥିରେ ଦ୍ୱିମତ ନାହିଁ ।

'ଇ' ଅର୍ଥାତ୍ ଇଥାନଲ୍ । ଏକ ଲିଟର ପେଟ୍ରୋଲରେ ଇଥାନଲ୍ ର ପରିମାଣ ୨୦ ପ୍ରତିଶତ ହେଲେ ତାହାକୁ 'ଇ-୨୦' ମିଶ୍ରିତ ପେଟ୍ରୋଲ ବୋଲି ବିବେଚନା କରାଯାଏ । ଇଥାନଲ୍ ହେଉଛି ଆଖୁ ରସ, ମିଠା ବିଟ, ପଚା ଆଳୁ, ଜ, ମକା ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତି ଏକ ଜୈବ ଇନ୍ଧନ । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବିଶ୍ୱରେ ଉତ୍ପାଦିତ ଇଥାନଲ୍ର ୮୦ ପ୍ରତିଶତ ଆମେରିକା ଓ ବ୍ରାଜିଲରୁ ହୋଇଥାଏ। ସରକାରୀ ସ୍ତରରେ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବାପରେ ଭାରତ ଇଥାନଲ୍ ଉତ୍ପାଦନରେ ବିଶ୍ୱରେ ତୃତୀୟ ସ୍ଥାନ ଗ୍ରହଣ କରିଛି। ଆମ ଦେଶରେ ଉତ୍ପାଦିତ ଇଥାନଲର ୪୫ ପ୍ରତିଶତ ମକାରୁ,୨୫ ପ୍ରତିଶତ ଆଖୁ ରସରୁ ଏବଂ ବାକି ୩୦ ପ୍ରତିଶତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ରୁ ଉତ୍ପାଦିତ ହୋଇଥାଏ । ପ୍ରଥମ କରି ୧୯୭୫ ମସିହାରେ ବ୍ରାଜିଲ ଏହି ଜୈବ ଇନ୍ଧନ ଇଥାନଲ୍କୁ ପେଟ୍ରୋଲରେ ମିଶ୍ରିତ କରି ନିଜ ଦେଶରେ ଚାଳିତ ଗାଡିଗୁଡିକରେ ବ୍ୟବହାର କରି ବିଶ୍ୱରେ ଅନ୍ୟଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ପର୍ଯ୍ୟାୟକ୍ରମେ ଇ-୧୦, ଇ-୧୫,ଏବଂ ସର୍ବାଧିକ ଇ-୨୭ ମିଶ୍ରିତ ପେଟ୍ରୋଲ ବହୁଳମାତ୍ରାରେ ବ୍ରାଜିଲରେ ବ୍ୟବାହର ହେଉଥିବାର ନଜର ରହିଛି । ପରବର୍ତ୍ତୀ ସମୟରେ ବ୍ରାଜିଲ ପରେ ବିଶ୍ୱର ଅନେକ ଦେଶ ତଥା କାନାଡ଼ା, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଚୀନ, ଜର୍ମାନୀ, ସ୍ୱେଡେନ,ପାରାଗୁଏ ଆଦି ଦେଶରେ ଇ-୨୦ ପେଟ୍ରୋଲ ମଧ୍ୟ ବ୍ୟବହୃତ ହେଉଛି ।

ବିକଶିତ ଦେଶଗୁଡିକର ଅଭିଜ୍ଞତା ଓ ଆଧୁନିକ ଜ୍ଞାନକୌଶଳକୁ ଅନୁକରଣ କରି ଆମ ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବା ପାଇଁ ସରକାର ଚିନ୍ତା ପ୍ରକଟ କରିଥିଲେ । ତୈଳ ବିପଣନ କମ୍ପାନୀ, ଯାନ ନିର୍ମାଣ କମ୍ପାନୀ ଓ କେନ୍ଦ୍ର ସରକାର ମିଳିତ ଭାବରେ ଅଟୋମୋଟିବ ରିସର୍ଚ୍ଚ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଇଣ୍ଟରନାଲ୍ ସେଣ୍ଟର ଫର୍ ଅଟୋମୋଟିବ ଟେକ୍ନୋଲୋଜି ମାଧ୍ୟମରେ ଇଞ୍ଜିନର ସ୍ଥାୟିତ୍ୱ, ଉପାଦାନ ସୁସଙ୍ଗତ ଓ ପ୍ରଦୂଷଣ ସ୍ତରର ସମ୍ପୂର୍ଣ୍ଣ ପରୀକ୍ଷା ଏବଂ ଯାଞ୍ଚ ପରେ ୨୦୨୩ ଫେବ୍ରୁଆରି ୬ ତାରିଖରେ ଇଥାନଲ୍ ମିଶ୍ରିତ ଇ-୨୦ ପେଟ୍ରୋଲ ବିକ୍ରି କରିବା ପାଇଁ ତୈଳ ବିପଣନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ହାତଗଣତି କେତୋଟି ପେଟ୍ରୋଲ ପମ୍ପରେ ଇ-୨୦ ଉପଲବ୍ଧ ହେଉଥିଲା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଯୁଦ୍ଧର ଭୟାବହତା ଓ ପେଟ୍ରୋଲର ଅହେତୁକ ଚାହିଦାକୁ ଆଖିଆଗରେ ରଖି ୨୦୨୬ ମସିହା ଏପ୍ରିଲ ମାସରୁ ବାଧତାମୂଳକ ଭାବେ ଇ-୨୦ ମିଶ୍ରିତ ପେଟ୍ରୋଲକୁ ବିକ୍ରି କରିବାପାଇଁ ତୈଳ କମ୍ପାନୀଗୁଡ଼ିକ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ରସରକାର। ଅଧୁନା କିଛି ପ୍ରିମିୟମ୍ ତୈଳ ଟାଙ୍କିକୁ ଛାଡିଦେଲେ ଅଧିକାଂଶ ଟାଙ୍କିରେ ଇ-୨୦ ପେଟ୍ରୋଲ ଉପଲବ୍ଧ ହେଉଅଛି । ସରକାରଙ୍କ ମତ ଅନୁସାରେ ଦେଶର ଇନ୍ଧନ ସୁରକ୍ଷା କରିବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଓ ପରିବେଶ ସୁରକ୍ଷା ଲାଗି ଇଥାନଲ ମିଶ୍ରଣ ଉଚିତ୍ ପଦକ୍ଷେପ। ୨୦୧୪ ମସିହାରେ ଭାରତରେ ପ୍ରଥମେ ୫% ଇଥାନଲ ମିଶ୍ରଣକୁ ଅନୁମୋଦନ ମିଳିଥିଲା। ବର୍ତ୍ତମାନ ଏହା ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ତେବେ ଆଗକୁ ସରକାର ୨୦ ପ୍ରତିଶତରୁ ୮୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ଟାର୍ଗେଟ୍ ରଖିଛନ୍ତି।

କିନ୍ତୁ ଏ ସବୁ ସତ୍ତ୍ୱେ ମଧ ଉପଭୋକ୍ତମାନଙ୍କ ମନରେ ଏହାକୁ ନେଇ ଅନେକ ଆଶା ଓ ଆଶଙ୍କା ସୃଷ୍ଟି ହେଉଛି । ସାଧାରଣର ଖାଉଟିମାନେ ଯଦିଓ ଇ-୨୦ ପେଟ୍ରୋଲ ବ୍ୟବହାର କରୁଛନ୍ତି ତଥାପି ଏହାକୁ ନେଇ ସେମାନେ ଦ୍ୱନ୍ଦରେ ଅଛନ୍ତି । ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ଅନୁଯାୟୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ୩ ରୁ ୫ ପ୍ରତିଶତ ମାଇଲେଜ କମିଥାଏ କିନ୍ତୁ ଏହା ପାଖାପାଖି ୧୦ ପ୍ରତିଶତ କମୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ମଧ ଦାୟାର କରାଯାଇଛି । ଅଟୋମୋବାଇଲ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆର ଏକ ସ୍ପେଶାଲ୍ ଷ୍ଟଡିରୁ ଜଣାପଡ଼ିଛି ଯେ, ଯେଉଁ ଗାଡ଼ିଗୁଡ଼ିକ କେବଳ ଇ୧୦ ଇନ୍ଧନରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଅଛି, ସେଥିରେ ଯଦି ଇ-୨୦ ପେଟ୍ରୋଲ୍ ବ୍ୟବହାର କରାଯାଏ ତେବେ ଇଞ୍ଜିନର ରବର ପାର୍ଟସ୍ ଗୁଡ଼ିକ ଖରାପ ହୋଇଯିବାର ଆଶଙ୍କା ରହିଛି । ଏହି ରିପୋର୍ଟ ଅନୁସାରେ, ଇ୧୦ ଅନୁକୂଳ ପୁରୁଣା ଗାଡ଼ିଗୁଡ଼ିକରେ ଇ-୨୦ ପେଟ୍ରୋଲ୍ ପକାଇବା ଦ୍ୱାରା ଇଞ୍ଜିନ ଭିତରେ ଥିବା ହୋଜ୍, ଗାସ୍କେଟ୍, ସିଲ୍ ଏବଂ ଓରିଙ୍ଗ୍ ଭଳି ଜରୁରୀ ରବର କମ୍ପୋନେଣ୍ଟଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇଯାଏ । ଏଭଳି ପରିସ୍ଥିତିରେ ଗାଡ଼ିର କାର୍ଯ୍ୟଦକ୍ଷତା ଠିକ୍ ରଖିବା ପାଇଁ ଚାଳକମାନଙ୍କୁ ନିଜ ଗାଡ଼ିର ଏହି ସମସ୍ତ ପାର୍ଟସକୁ ବଦଳାଇବାକୁ ପଡ଼ିପାରେ । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ୨୬୫ ଘଣ୍ଟାର ଟେଷ୍ଟିଂ ପରେ BS6 ମାନଦଣ୍ଡର ଟର୍ବୋଚାର୍ଜଡ୍ ଇଞ୍ଜିନରେ ମଧ୍ୟ କିଛି ସମସ୍ୟା ଦେଖିବାକୁ ମିଳିଥିଲା । ଦୁଇ ଚକିଆ ଗାଡ଼ି ନିର୍ମାତା କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ଟେଷ୍ଟରୁ ଜଣାପଡ଼ିଛି ଯେ, ଏହି ଇନ୍ଧନ ଦ୍ୱାରା ଗାଡ଼ିର ମେଟାଲ୍ ପାର୍ଟସ୍ ଉପରେ କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ଇ୧୦ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ ବ୍ୟବହାର କଲେ ଗାଡ଼ିଗୁଡ଼ିକରେ ପ୍ରାୟ ୨ ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ତେଲ ଖର୍ଚ୍ଚ ହୋଇଥାଏ। ଅର୍ଥାତ୍ ଏହା ଦ୍ୱାରା ଗାଡ଼ିର ମାଇଲେଜ୍ କମିଯାଏ, ଯାହା ଗ୍ରାହକଙ୍କ ପକେଟ୍ ଉପରେ ଅଧିକ ପ୍ରଭାବ ପକାଇବ । ଅନ୍ୟପଟରେ ଦେଖିଲେ ଇଞ୍ଜିନିୟରଙ୍କ ମତରେ ଇ-୨୦ ପେଟ୍ରୋଲ ବିଶେଷ କରି ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ହୋଇଥିବା ଗାଡ଼ିଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ନୁହେଁ । ଗୁଗୁଲର ତଥ୍ୟ ଅନୁସାରେ ଭାରତରେ ଏବେ ପାଖାପାଖି ୮ କୋଟି ଗାଡି ଅଛି ଯାହା ବି ଏସ୍ ୪ ଇଞ୍ଜିନ ନିୟମ ଆସିବାର ଯଥେଷ୍ଟ ପୂର୍ବରୁ ନିର୍ମିତ ହୋଇଛି । ତେବେ ସେ ସବୁ ଗାଡି ଯଦି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲରେ ଚାଲେ ତେବେ ଗାଡିର ଇଂଜିନ୍ ଉପରେ ଚାପ ସୃଷ୍ଟି ହୋଇପାରେ। ଇଥାନଲର ଉତ୍ପାଦନ ଖର୍ଚ୍ଚ ପେଟ୍ରୋଲ ତୁଳନାରେ କମ୍ । ତା ସତ୍ତ୍ୱେ ମଧ ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ ଉପଭୋକ୍ତା ମାନଙ୍କୁ ପେଟ୍ରୋଲର ପୂରା ଦାମ୍ ଦେବାକୁ ପଡୁଛି। ଅର୍ଥାତ୍, ମାଇଲେଜ୍ କମୁଛି ଅଥଚ ଖର୍ଚ୍ଚ ସମାନ ରହୁଛି, ଯାହା ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଉଛି । ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ପ୍ରଭାବ ମଧ ଏବେ ସିଧାସଳଖ ହାଣ୍ଡିଶାଳରେ ପଡ଼ିଲାଣି । ରାୟଟର୍ସ ର ଏକ ରିପୋର୍ଟ ଦର୍ଶାଉଛି ଯେ ଚଳିତ ବର୍ଷ ଦେଶର ମୋଟ ବାର୍ଷିକ ଉତ୍ପାଦନର ପ୍ରାୟ ଦଶ ପ୍ରତିଶତ ଚିନିକୁ ଇଥାନଲ୍ ବନାଇବାରେ ବ୍ୟବହୃତ କରାଯାଇଛି । ତେଣୁ କେନ୍ଦ୍ର ସରକାର ଆଗାମୀ ବର୍ଷ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ବ୍ୟବହାର ଉପରେ ରୋକ୍ ଲଗାଇବାକୁ ବିଚାର କରୁଛନ୍ତି, ଯଦ୍ୱାରା ଦେଶର ଚିନିର ଅଭାବକୁ ଦୂର କରାଯିବା ସହିତ ଏହାର ଦରକୁ ମଧ ନିୟନ୍ତ୍ରଣ କରାଯାଇପାରିବ। ପେଟ୍ରୋଲର ଅହେତୁକ ଚାହିଦା ଯୋଗୁଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି ତେଣୁ ଇଥାନଲ୍ର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାପାଇଁ ଆଖୁ ମକା ଓ ଚାଉଳ ଭଳି ଫସଲକୁ ବହୁତ ମାତ୍ରାରେ ଇଥାନଲ୍ ଫ୍ୟାକ୍ଟ୍ରିକୁ ପଠାଯାଉଛି । ଯଦି ଇଥାନଲ୍ କମ୍ପାନୀଗୁଡ଼ିକ ବହୁତ ଦାମ ଦେଇ ଆଖୁ ମକା ଓ ଚାଉଳ କିଣି ଚାଲିବେ ତେବେ ଦୁଗ୍ଧ ଶିଳ୍ପ ଓ କୁକୁଡା ମାନଙ୍କ ପାଇଁ ଖାଦ୍ୟ ମହଙ୍ଗା ହୋଇଯିବ । ଯଦ୍ୱାରା ଅଣ୍ଡା ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ଦରଦାମ ଅହେତୁକ ମାତ୍ରାରେ ବୃଦ୍ଧି ଘଟି ମୁଦ୍ରାସ୍ଫୀତି ହେବାର ଯଥେଷ୍ଟ ସମ୍ଭାବନା ରହୁଛି । ଯାହା ଗ୍ରାହକଙ୍କ ପାଇଁ ଏକ ଚିନ୍ତାର ବିଷୟ ହୋଇଛି ।




ସରକାର ଏ ସବୁ ଉପରେ ତୁରନ୍ତ ସ୍ପଷ୍ଟୀକରଣ ରଖିବା ଉଚିତ୍ । ନୀତି ନିର୍ଦ୍ଧାରଣ କେବଳ କାଗଜପତ୍ର କିମ୍ବା ଭବିଷ୍ୟତର ଲକ୍ଷ୍ୟ ଉପରେ ଆଧାରିତ ହେଲେ ଚଳିବ ନାହିଁ, ବର୍ତ୍ତମାନର ସାଧାରଣ ନାଗରିକଙ୍କ ସମସ୍ୟାକୁ ମଧ ଧ୍ୟାନରେ ରଖିବାକୁ ପଡ଼ିବ। ପେଟ୍ରୋଲ ପମ୍ପଗୁଡ଼ିକରେ ପୁରୁଣା ଗାଡ଼ି ପାଇଁ ଇ୧୦ କିମ୍ବା ସାଧାରଣ ପେଟ୍ରୋଲ ଯୋଗାଇ ଦିଆଯାଉ। ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ କ୍ରୁଡ୍ ପେଟ୍ରୋଲଠାରୁ କମ୍ ରଖାଯାଉ, ଯାହାଦ୍ୱାରା କମ୍ ମାଇଲେଜ୍ର କ୍ଷତିପୂରଣ ଗ୍ରାହକଙ୍କୁ ମିଳିପାରିବ। ଇ-୨୦ ବ୍ୟବହାର ଦ୍ୱାରା ଗାଡ଼ିର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ସେ ନେଇ ସରକାର ଓ ଅଟୋମୋବାଇ କମ୍ପାନୀଗୁଡ଼ିକ ମିଳିତ ଭାବେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ । ପରିବେଶ ସୁରକ୍ଷା ଓ ସ୍ୱାବଲମ୍ବୀ ପାଇଁ ସରକାରଙ୍କର ଏଭଳି ଯୋଜନା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ, କିନ୍ତୁ ତାହା ଯେପରି ସାଧାରଣ ଖାଉଟିଙ୍କ କାନ୍ଧରେ ମହଙ୍ଗା ବୋଝ ହୋଇ ନପଡ଼େ, ସେଥିପ୍ରତି ସରକାର ତୁରନ୍ତ ଧ୍ୟାନ ଦେବା ଉଚିତ। ସରକାର ଏ ବାବଦରେ ଜନ ସଚେତନ କାର୍ଯ୍ୟକ୍ରମ କରି ଗ୍ରାହକମାନଙ୍କ ମନରୁ ଇ-୨୦ କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି ତାହାକୁ ଦୂରୀଭୂତ କରନ୍ତୁ ।

+ ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ

# 'ଡିସ୍କଭର ଦି ପାୱାର ଅଫ ନ୍ୟୁଟ୍ରିସନ'



**ଡକ୍ଟର ସୁରେଶ କୁମାର ନାୟକ**

ପିଲାମାନଙ୍କର ଶିଶୁ ସ୍ୱାସ୍ଥ୍ୟ ସହ ପୁଷ୍ଟି ସହାୟକ ଭାବେ ସଚେତନତାର ଓ ସହାୟତା ସହଯୋଗ ଭିତ୍ତିକ କାର୍ଯ୍ୟକ୍ରମ ହେଉଛି ଜାତୀୟ ଶିଶୁ ପୁଷ୍ଟି ସପ୍ତାହ। ପ୍ରତିବର୍ଷପରି ଏକ ବାର୍ତ୍ତା ରହିଥାଏ ଚଳିତ ବର୍ଷର ବାର୍ତ୍ତା ହେଉଛି 'ଡିସ୍କଭର ଦି ପାୱାର ଅଫ ନ୍ୟୁଟ୍ରେସନ' ଯାହାର ଅନୁବାଦ ହେଉଛି ପୋଷଣ ତତ୍ତ୍ୱକୁ ଆବିଷ୍କାର କରିବା। କିନ୍ତୁ ବର୍ତ୍ତମାନର ସମୟରେ ଆଗାମୀ ଦିନର ସମ୍ଭାବନା ସୁଯୋଗର ଯେଉଁ ସୁନ୍ଦର ଶିଶୁଟି ଯଦି ପୁଷ୍ଟି କ୍ଷେତ୍ରରେ ସମସ୍ୟାକୁ ସାମ୍ନା କରିଥାଏ ତେବେ ଏହା ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। ଉତ୍ତମ ପୁଷ୍ଟି ପାଇଁ କେବଳ ପ୍ରଶାସନର ଦାୟିତ୍ୱକୁ ଅପେକ୍ଷା କରିବା ପୂର୍ବରୁ ନିଜେ ନିଜେ ଏହି ତତ୍ତ୍ୱକୁ ବୁଝି ନିଜେ ଏହାକୁ ବ୍ୟବହାର କରି ପରେ ଅନ୍ୟମାନଙ୍କ ପାଇଁ ଶିକ୍ଷାର ବାର୍ତ୍ତା ଦେବା। ପୁଷ୍ଟିକର ଖାଦ୍ୟ କେବଳ ଉଚ୍ଚ ଦାମରେ ମିଳୁଥିବା ଜିନିଷ ତାହା ଆଦୌନୁହେଁ। ଭଗବାନଙ୍କ ସୃଷ୍ଟିରେ ଆମ ହାତପାହାନ୍ତାରେ ଅନେକ ପୁଷ୍ଟି ପୋଷଣଯୁକ୍ତ ଖାଦ୍ୟ, ଶାଗ, ସବୁଜ ପନିପରିବା ଏପରିକି ଅନେକ କିଛି ରହିଛି। ଯାହାକି ଆମ ପାଇଁ ସମୟ ଅନୁଯାୟୀ ଉଚ୍ଚ ମୂଲ୍ୟର ମଧ ନୁହେଁ। ସୁକ୍ଷମ ଖାଦ୍ୟ ସର୍ବାଦୌ ସର୍ବଶ୍ରେଷ୍ଠ ପୁଷ୍ଟିକର ଖାଦ୍ୟ ଭାବେ ଗ୍ରହଣୀୟ। କେବଳ ଗ୍ରାମାଞ୍ଚଳରେ ନୁହେଁ ଅନେକ ସହରାଞ୍ଚଳରେ ଅନେକ ପରିବାରରେ ଆଜି ମଧ ସେମାନେ ତାଙ୍କରି ଘର ତିଆରି ଛତୁଆ ନିଜେ ପ୍ରସ୍ତୁତ କରିଥାନ୍ତି। ଛାତ ଉପରେ ଅତି ଛୋଟିଆ ଜାଗାରେ କିଛି ପନିପରିବା, ଶାଗ, ଫୁଲଗଛ, ତୁଳସୀ ଗଛ ଲଗାଇବା ଦ୍ୱାରା କେବଳ ପୁଷ୍ଟିକର ଖାଦ୍ୟ ମିଳିନଥାଏ ବରଂ ସମଗ୍ର ବିଶ୍ୱ ପାଇଁ ଏକ ସବୁଜ ପରିବେଶ ସୃଷ୍ଟି ହୋଇଥାଏ। ଯେଉଁ ପିଲାଟି ଏକ ଉଚ୍ଚ ନୈତିକ, ଆଧାତ୍ମିକ ଚେତନାର ପୁଷ୍ଟିତତ୍ତ୍ୱରୁ ତିଆରି ସେ ପିଲାଟିର ଭବିଷ୍ୟତ ନିଶ୍ଚିନ୍ତ ଭାବରେ ଅନ୍ତତଃ ଆଧାତ୍ମିକ ଚେତନାର ବାର୍ତ୍ତାକୁ ନେଇ।

ପୁଷ୍ଟିକର କ୍ଷେତ୍ରର ଅନ୍ୟ ଏକ ଦିଗ ହେଉଛି ଉତ୍ତମ ପୋଷଣ ଖାଦ୍ୟ ସହିତ ପାନୀୟ ଜଳ ଯେପରି ବିଶୁଦ୍ଧ ହୁଏ। ପିଲାଟି ଯେପରି ଏକ ସଫା ସୁତୁରା ଏବଂ ବାହାରର ସୂର୍ଯ୍ୟ କିରଣ ପଡୁଥିବା ପରିବେଶ ସହିତ ପ୍ରସ୍ତୁତ ହେଉ। ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ।

ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ ଦିଅନ୍ତୁ, ଏ ଦିଗକୁ ପରିବାରର ମୁଖ୍ୟ ମଧ ଦେଖନ୍ତୁ। ପିଲାମାନଙ୍କୁ ଉତ୍ତମ ପୋଷଣ ଦେବା କ୍ଷେତ୍ରରେ ଅନେକ ସମୟରେ ଆମେ ଅନେକ ଅନ୍ଧବିଶ୍ୱାସ, କୁସଂସ୍କାର, କାନକୁହା କଥା, ସୋସିଆଲ ମିଡ଼ିଆର ଗୁଜବକୁ ନେଇ ଅନେକ ଅଘଟଣ କେବଳ ସୃଷ୍ଟି କରିନଥାଏ ଅନେକଙ୍କର ଜୀବନ ମଧ ନେଇଯାଇଥାଏ। ତେଣୁ କୌଣସି ପରିସ୍ଥିତିରେ ଏପରି ବ୍ୟବସ୍ଥାକୁ ବିଶ୍ୱାସ କରନ୍ତୁ ନାହିଁ କି ଅନ୍ୟ ମାନଙ୍କୁ ପ୍ରସାରଣ କରି ଏ ସମାଜର ଅମଙ୍ଗଳ କରନ୍ତୁନାହିଁ। ନିଜ ଜୀବନ ନିର୍ବାହ ମଧରେ ପିଲାମାନଙ୍କ ପୋଷଣ ତତ୍ତ୍ୱର ଦାୟିତ୍ୱ ମାଆ ମାନଙ୍କ ଉପରେ ଛାଡ଼ିଦେଲେ ମଧ ହେବନାହିଁ ଏ କ୍ଷେତ୍ରରେ ବାପାଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ଏକ ଈଷ୍ଟ ସମର୍ପଣଧର୍ମୀ ପରିବାରର ଦମ୍ପତିଙ୍କ ଦିବ୍ୟ ଓ ଉତ୍ତମ ପୋଷଣ ତତ୍ତ୍ୱର ଚେତନା ନିଶ୍ଚିନ୍ତ କେବଳ ସେମାନଙ୍କ ଆଗାମୀ ପିଢ଼ୀ ପାଇଁ ନୁହଁ ବରଂ ସମାଜର ସମସ୍ତଙ୍କର ପ୍ରେରଣା ବାର୍ତ୍ତା ଦେବ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ମୋ: ୯୪୩୭୨୨୫୫୯୨

କବିତା କୋଣାର୍କ

## ମୁଁ ମଧ୍ୟବିତ୍ତ

**ରମାକାନ୍ତ ଦାସ**

ମୁଁ ମଧ୍ୟବିତ୍ତ
ସ୍ୱପ୍ନ ଦେଖେ,
କିନ୍ତୁ ସ୍ୱପ୍ନଠାରୁ ପ୍ରଥମେ
ଦାୟିତ୍ୱର ହିସାବ କରେ।

ବହିର ପୃଷ୍ଠା ଭିତରେ
ଶୈଶବକୁ ଛାଡ଼ି ଆସିଛି,
ଡିଗ୍ରୀର କାଗଜ ପାଇଁ
ନିଜ ଇଚ୍ଛାକୁ ନିରବ କରିଛି।
ବାପାଙ୍କ ଋଣ,
ଘରର ଆଶା,
ସମାଜର ଭୟ
ସବୁକୁ କାନ୍ଧରେ ନେଇ
ନିଜ ପାଇଁ ଥିବା ରାସ୍ତାଟିକୁ
କେବେ ହରାଇ ଦେଇଛି।
ପ୍ରେମ ଥିଲା
କିନ୍ତୁ ସମାଜ ବଡ଼ ଥିଲା।
ସ୍ୱପ୍ନ ଥିଲା
କିନ୍ତୁ ପରିବାର ଆଗରେ
ସେଗୁଡ଼ିକ ଛୋଟ ହୋଇଗଲା।
ତଥାପି ମୁଁ ହସେ
କାରଣ ମୋ ଲୁହଠାରୁ
ମୋ ପରିବାରର ହସ
ମୋ ପାଇଁ ଅଧିକ ମୂଲ୍ୟବାନ।
ମୁଁ ମଧ୍ୟବିତ୍ତ
ନିଜ ପାଇଁ ବଞ୍ଚିବା
ଯାହାର ଏକ ଅଧୁରା ଇଚ୍ଛା।
ତଥାପି ଗୋଟିଏ ସ୍ୱପ୍ନ
ଏବେ ବି ମରିନାହିଁ
ଦିନେ ନା ଦିନେ
ଦାୟିତ୍ୱର ସବୁ ହିସାବ ସରିବ,
ଆଉ ସେଦିନ
ପ୍ରଥମଥର ପାଇଁ
ମୁଁ ଅନ୍ୟ କାହା ପାଇଁ ନୁହେଁ
ନିଜ ପାଇଁ ବଞ୍ଚିବି।
ସେଦିନ
ମୋ ସ୍ୱପ୍ନର ଚିତାଭସ୍ମରୁ
ମୁଁ ନିଜେ ଉଠିବି
ଏକ ନୂଆ ସୂର୍ଯ୍ୟ ହୋଇ।
ମୁଁ ମଧ୍ୟବିତ୍ତ
ମୋ ଜୀବନ ହୁଏତ ଛୋଟ,
କିନ୍ତୁ ମୋ ସ୍ୱପ୍ନର ଆକାଶ
ସୀମାହୀନ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ନୀରବ ପ୍ରେମର ଭାଷା

**ବସନ୍ତ କୁମାର ପ୍ରଧାନ**

ଜୀବନେ ଆସଇ ବସନ୍ତ ସମୟ
ଭରିଦେଇ ଉନ୍ମାଦନା
ଏ ମନ ଖୋଜଇ ମନର ମଣିଷ
ହୁଏ କେତେ ଆନମନା ।
ଫଗୁଣର ରଙ୍ଗ ମନେ ଭରିଯାଏ
ଆଖିରେ ଖେଳେ ଚମକ
ହସ ହସ ମୁଖେ ବିହରଇ ସୁଖେ
ହୃଦୟେ ଜାଗେ ପୁଲକ ।
ଆଖିରେ ଆଖିରେ ପ୍ରେମ ହୋଇଗଲେ
ପଡ଼େନା ଆଖି ପଲକ
ଅନ୍ତର ମଧ୍ୟରେ ପ୍ରୀତି ଆବେଶରେ
ଚାଖଇ ପ୍ରେମ ମୋଦକ ।
ରୂପ ମାଧୁର୍ଯ୍ୟରେ ଆକର୍ଷିତ ହୋଇ
ନିଜକୁ ଯାଏ ସେ ଭୁଲି
ମନର କଥାକୁ କହି ସେ ପାରେନା
ନୀରବରେ ଯାଏ ଜଳି ।
ନୀରବ ପ୍ରେମର ଭାଷାକୁ କେବଳ
ବୁଝଇ ମନ ମଣିଷ
ମନ ଗୋପପୁରେ ବଢୁଥାଏ ସେହି
କରି ଶୋଭା ପରକାଶ ।
ନୀରବ ପ୍ରେମର ହୃଦୟ ବେଦନା
ଅଟଇ କଷ୍ଟ ଦାୟକ
ପ୍ରୀତି ଉପବନେ ମନ ପ୍ରଜାପତି
ଖୋଜେ ଖାଲି ନିଜ ଲୋକ ।
ନିଜ କୁଳ ଶୀଳ ମାନ ମର୍ଯ୍ୟାଦାକୁ
ନ ଲଙ୍ଘି ରହେ ସଂଯତ
ବିବାହ ବନ୍ଧନେ ନପଡ଼ିବା ଯାଏଁ
ବିରହେ ଝୁରେ ନିରତ।
ନୀରବ ପ୍ରେମର ଭାଷାରେ କେବଳ
ବଢ଼ିଥାଏ ହୃଦ ତାତି
ସେ ବୁକୁ ତାତିକୁ ଲିଭାଇବା ପାଇଁ
ଲୋଡ଼ା ହୁଏ ଏକ ସାଥୀ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

## ତରବରିଆ ଖବର ଏବଂ ବାସ୍ତବହୀନ ଚାପ

**ଦିପ୍ତିମୟୀ ନାୟକ**



ମଣିଷ ଜୀବନ ବିବିଧ ରଙ୍ଗ ଓ ଆଶା-ଆକାଂକ୍ଷାର ଏକ ଅନନ୍ୟ ସମାହାର । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଖୋଜି ବୁଲେ । କେହି ସଙ୍ଗୀତକୁ ନିଜର ଜୀବନ ଭାବେ, କେହି ଚିତ୍ରକଳା ମାଧ୍ୟମରେ ନିଜ ଭାବନାକୁ କାନଭାସରେ ଉତାରେ, ତ ଆଉ କେହି ସାହିତ୍ୟ କିମ୍ବା କ୍ରୀଡ଼ାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥାଏ । କିନ୍ତୁ ମୋ କ୍ଷେତ୍ରରେ ଏହା ସଂପୂର୍ଣ୍ଣ ଅଲଗା । ବାହାରୁ ଦେଖିବାକୁ ଗଲେ ମୁଁ ଜଣେ ସାଧାରଣ ଚୁଲବୁଲି ଝିଅଟିଏ । ମୋ ମନରେ ଚଞ୍ଚଳତା ଅଛି, ଜୀବନକୁ ଖୋଲାଖୋଲି ଭାବରେ ଉପଭୋଗ କରିବାର ଆଗ୍ରହ ଅଛି । ମାତ୍ର ଯେତେବେଳେ କଥା ଆସେ କର୍ମ ଏବଂ କଲମର ସେତେବେଳେ ମୋର ଏହି ଚଞ୍ଚଳମନ ସ୍ତବ୍ଧ ହୋଇଯାଏ । ଖବର ଲେଖିବା କେବଳ ମୋ ପାଇଁ ଏକ ବୃତ୍ତି କିମ୍ବା ସମୟ ଅତିବାହିତ କରିବାର ମାଧ୍ୟମ ନୁହେଁ । ଏହା ମୋର ପ୍ରାଣ, ମୋର ନିଶା ଏବଂ ମୋ ଅସ୍ତିତ୍ୱର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସମାଜର ପ୍ରତିଟି କୋଣରେ ଘଟୁଥିବା ଘଟଣାବଳୀକୁ ଖୋଳି ବାହାର କରିବା, ତାର ସତ୍ୟାସତ୍ୟ ପରଖିବା ଏବଂ ତାହାକୁ ଜନସାଧାରଣଙ୍କ ସାମ୍ନାରେ ସ୍ପଷ୍ଟ ଭାବେ ଉପସ୍ଥାପନ କରିବା ଏହାହିଁ ମୋର ସବୁଠାରୁ ବଡ଼ ଆତ୍ମସନ୍ତୋଷ ହୋଇଥାଏ କିନ୍ତୁ ଆଜିର ଏହି ଦ୍ରୁତ ଗତିଶୀଳ ଗଣମାଧ୍ୟମ ଦୁନିଆରେ ସାମ୍ବାଦିକମାନଙ୍କୁ ଯେଉଁ ତରବରିଆ ଖବର ଏବଂ ବାସ୍ତବହୀନ ଚାପର ସମ୍ମୁଖୀନ ହେବାକୁ ପଡୁଛି । ତାହା ଏକ ଗମ୍ଭୀର ଚିନ୍ତାଜନକ ବିଷୟ ପାଲଟିଯାଇଛି ।

ଲୋକମାନେ ପ୍ରାୟତଃ ଭାବନ୍ତି ଯେଉଁମାନେ ଗମ୍ଭୀର ଖବର ଏବଂ ସାମାଜିକ ସମସ୍ୟା ନେଇ କାମ କରନ୍ତି ସେମାନଙ୍କ ଜୀବନ ବୋଧହୁଏ ଅତ୍ୟନ୍ତ ରୁକ୍ଷ ଏବଂ ନିରସ ହୋଇଥାଏ । ସେମାନଙ୍କ ମୁହଁରେ ହସ ନଥାଏ ଏବଂ ସେମାନେ ସବୁବେଳେ ଚିନ୍ତାଗ୍ରସ୍ତ ରହନ୍ତି । କିନ୍ତୁ ମୋ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ । ମୋର ବ୍ୟକ୍ତିତ୍ୱର ଦୁଇଟି ଭିନ୍ନ ଦିଗ ରହିଛି । ଗୋଟେପଟେ ମୁଁ ଜଣେ ହସଖୁସିଆ ମଉଜ ମଜଲିସରେ ଦିନ କାଟୁଥିବା ଚୁଲବୁଲି ଝିଅ ଯାହା ପାଖରେ ଜୀବନର ଉତ୍ସାହ ଭରି ରହିଛି । ମୁଁ ସାଙ୍ଗସାଥୀଙ୍କ ଗହଣରେ ହସିବାକୁ, କଥା ହେବାକୁ ଏବଂ ଆନନ୍ଦରେ ରହିବାକୁ ଭଲ ପାଏ । ମାତ୍ର ଯେତେବେଳେ ମୋ ହାତରେ କଲମ ଧରାହୁଏ କିମ୍ବା ମୁଁ କୌଣସି ଖବରର ଅନୁସନ୍ଧାନ ପାଇଁ ବାହାରି ପଡ଼େ ମୋର ସେହି ଚଞ୍ଚଳତା କ୍ଷଣକ ପାଇଁ ଦୂରେଇ ଯାଏ । ସେତେବେଳେ ମୋ ମନରେ କେବଳ ଗୋଟିଏ କଥା ଥାଏ ସତ୍ୟ କ'ଣ ? ସେହି ସମୟରେ ମୁଁ ଜଣେ କଠୋର, ବିଚାରଶୀଳ ଏବଂ ନିଷ୍ଠାପର ସାଧିକା ପାଲଟିଯାଏ । ମୋର ଏହି ଦୁଇଟି ରୂପ ପରସ୍ପର ବିରୋଧୀ ନୁହେଁ ବରଂ ପରିପୂରକ ହୋଇଥାଏ । ହସଖୁସି ମୋତେ ଜୀବନ ଜିଇଁବାର ଶକ୍ତି ଦିଏ ଆଉ ଖବର ପ୍ରତି ମୋର ଗମ୍ଭୀରତା ମୋତେ ମୋର କର୍ତ୍ତବ୍ୟ ପ୍ରତି ସବୁବେଳେ ସଚେତନ କରାଏ । ତେବେ ଜଣେ ସାମ୍ବାଦିକ କିମ୍ବା ଖବର ଲେଖକ ହେବା ପାଇଁ ସବୁଠାରୁ ବଡ଼ ଯୋଗ୍ୟତା ହେଉଛି ସମ୍ବେଦନଶୀଳତା । ଯାହା ଭିତରେ ଅନ୍ୟର ଦୁଃଖ ଦେଖି ଆଖିରୁ ଲୁହ ଆସେ ନାହିଁ, ଯାହାଙ୍କ ଛାତି ଅନ୍ୟର ବେଦନା ଦେଖି ଥରିଉଠେ ନାହିଁ, ସେ କେବେହେଁ ଜଣେ ଭଲ ସାମ୍ବାଦିକ ହୋଇପାରେନାହିଁ । ଆଉ ମୋ ଜୀବନର ସବୁଠାରୁ ଦୁର୍ବଳ ସ୍ଥାନ ହେଲା ଅସହାୟ ଏବଂ ଦୁଃଖୀ ଲୋକଙ୍କ କୋହ । ସମାଜରେ ଯେତେବେଳେ କୌଣସି ନିରୀହ ଲୋକ ଅନ୍ୟାୟର ଶିକାର ହୁଏ ଯେତେବେଳେ କୌଣସି ଗରୀବର ମୁହଁର ହସ ଛଡ଼ାଇ ନିଆଯାଏ କିମ୍ବା କୌଣସି ପରିବାର ଅଭାବ ଓ ଅସୁବିଧା ଭିତରେ ଭାଙ୍ଗି ପଡ଼େ ସେତେବେଳେ ମୋର ମନ ସେହି ଯନ୍ତ୍ରଣାକୁ ଅନୁଭବ କରିଥାଏ । ମୁଁ ଦୁଃଖୀଙ୍କ ଦୁଃଖକୁ କେବେହେଁ ସହଜରେ ଦେଖିପାରେନା । ସେମାନଙ୍କ କାନ୍ଦ, ସେମାନଙ୍କ ଅସହାୟତା ମୋତେ ଅସ୍ଥିର କରିଦିଏ । ଆଉ ଏହି ବିଚଳିତ ମନ ଓ ପ୍ରତିକ୍ରିୟା ହିଁ ମୋତେ କଲମ ଧରିବାକୁ ବାଧ୍ୟ କରେ । ମୁଁ ଭାବେ ଯଦି ମୋର ଏହି କଲମ ମାଧ୍ୟମରେ ସେହି ଦୁଃଖୀ ଲୋକଟିକୁ ଟିକିଏ ନ୍ୟାୟ ମିଳିପାରେ, ଯଦି ତା'ର ବେଦନା ସମାଜର ବଡ଼ ବଡ଼ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିପାରେ ତେବେ ମୋର ଏହି ଲେଖିବା ସାର୍ଥକ ହେବ । ଆଜିକାଲିର ଡିଜିଟାଲ୍ ଏବଂ ସୋସିଆଲ ମିଡିଆ ଯୁଗରେ ସାମ୍ବାଦିକତା କ୍ଷେତ୍ରରେ ଏକ ଅଜବ ପ୍ରତିଯୋଗିତା ଦେଖିବାକୁ ମିଳୁଛି । କିଏ କେତେ ଶୀଘ୍ର ଖବର ପୋଷ୍ଟ କରିବ ଏବଂ କିଏ ସବୁଠାରୁ ଆଗରେ ବ୍ରେକିଂ ନ୍ୟୁଜ୍ ଦେବ ଏହି ଅନ୍ଧ ଦୌଡ଼ ସାମ୍ବାଦିକତାର ମୂଳ ଆତ୍ମାକୁ ନଷ୍ଟ କରିଦେଉଛି । ଏହି ପରିପ୍ରେକ୍ଷୀରେ ମୋର ଏକ ବହୁତ ବଡ଼ ଅଭିଜ୍ଞତା ରହିଛି । ଆଜିକାଲି କିଛି ଲୋକ ଏମିତି ଥାଆନ୍ତି ଯେଉଁମାନେ ନିଜେ କୌଣସି ଘଟଣାର ଗଭୀରତାକୁ ଯାଆନ୍ତି ନାହିଁ । ଘଟଣାର ମୂଳ ସତ୍ୟ କ'ଣ ତାହା ଜାଣିବାକୁ ଚେଷ୍ଟା କରନ୍ତି ନାହିଁ କିମ୍ବା ଖବରକୁ ନିଜେ ଅନୁଧ୍ୟାନ କରନ୍ତି ନାହିଁ । କିନ୍ତୁ ଯେଉଁମାନେ ପ୍ରକୃତରେ ସତ୍ୟକୁ ଖୋଜିବା ପାଇଁ ଏବଂ ଖବରକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପାଇଁ ସମୟ ନିଅନ୍ତି । ସେମାନଙ୍କୁ ସେହି ବ୍ୟକ୍ତିମାନେ ବାରମ୍ବାର ଜଲ୍‌ଦି ଖବର ଲେଖ, ଶୀଘ୍ର ପୋଷ୍ଟ କର, ଆମର ଭିଉଜ୍ କମିଯାଉଛି ବୋଲି କହି ଅହେତୁକ ଏବଂ ବାସ୍ତବହୀନ ଚାପ ପକାଇ ବ୍ୟସ୍ତ କରାଇଦିଅନ୍ତି । ସେମାନେ ଏକଥା ଆଦୌ ବୁଝିବାକୁ ଚାହାଁନ୍ତି ନାହିଁ ଯେ ଖବର କୌଣସି ସାଧାରଣ କାଗଜର ଖଣ୍ଡେ ଲେଖା କିମ୍ବା ମନଗଢ଼ା ଗପ ନୁହେଁ । ଏହା ସହିତ ଜଣେ ନିରୀହ ମଣିଷର ଜୀବନ, ସମାଜର ଭବିଷ୍ୟତ, ଜନସାଧାରଣଙ୍କ ବିଶ୍ୱାସ ଏବଂ ସତ୍ୟର ପ୍ରତିଷ୍ଠା ଜଡ଼ିତ ଥାଏ । ତରବରିଆ ଭାବେ ଲେଖାଯାଇଥିବା ଖବର ପ୍ରାୟତଃ ଭୁଲ୍ ଏବଂ ଅଧା-ସତ ହୋଇଥାଏ । ଯେତେବେଳେ ଜଣେ ସାମ୍ବାଦିକ ଉପରେ ଏହିପରି ବାସ୍ତବହୀନ ଚାପ ପକାଯାଏ ସେତେବେଳେ ସେ ଠିକ୍ ଭାବେ ତଥ୍ୟ ଯାଞ୍ଚ କରିପାରେ ନାହିଁ । ଫଳସ୍ୱରୂପ ସମାଜରେ ଭ୍ରାନ୍ତ ଧାରଣା ସୃଷ୍ଟି ହୁଏ, କାହାର ଅଜାଣତରେ ବହୁତ ବଡ଼ କ୍ଷତି ହୋଇଯାଏ ଏବଂ ଗଣମାଧ୍ୟମ ଉପରୁ ଲୋକଙ୍କ ଭରସା ତୁଟିଯାଏ । ଖବର ଲେଖିବା ସମୟରେ ତଥ୍ୟର ସଠିକ୍ ଯାଞ୍ଚ କରିବା, ନିରପେକ୍ଷ ରହିବା ଏବଂ ସମାଜ ଉପରେ ଏହାର କି ପ୍ରଭାବ ପଡ଼ିବ ତାହା ଚିନ୍ତା କରିବା ନିହାତି ଜରୁରୀ । ଯାହାକୁ ଏହି ତରବରିଆ ଚାପ ସୃଷ୍ଟିକାରୀମାନେ କେବେବି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ଆଜିକାଲିର ଏହି ଦ୍ରୁତ ଗତିଶୀଳ ଦୁନିଆରେ ପ୍ରତିଦିନ କେତେ କ'ଣ ଗୁଜବ ଏବଂ ଉପରଠାଉରିଆ ଖବର ସୋସିଆଲ ମିଡିଆରେ ଘୁରିବୁଲେ ଯାହା ଆମେ ପ୍ରତ୍ୟେକଦିନ ଦେଖୁଛେ । କିନ୍ତୁ ସେହି ସବୁ କଥା ମୋତେ କେବେ ବି ଆକର୍ଷିତ କରେନା । ମୋର ଦୃଢ଼ ବିଶ୍ୱାସ ଯେ ଅଧା-ସତ ଖବର ସବୁବେଳେ ସମାଜକୁ ଭୁଲ୍ ବାଟକୁ ନେଇଯାଏ । ତେଣୁ ପ୍ରତିଟି ଘଟଣାର ମୂଳକୁ ଯିବା ଏବଂ ଗଭୀର ଅନୁଧ୍ୟାନ କରିବା ମୋର ନିଶା । କିନ୍ତୁ ଯେତେବେଳେ ଚାରିଆଡୁ ତରବରିଆ ଖବର ପାଇଁ ବାସ୍ତବହୀନ ଚାପ ଆସେ ସେତେବେଳେ ନିଜର ମାନସିକ ସନ୍ତୁଳନ ବଜାୟ ରଖି ସତ୍ୟର ପଥରେ ଅଟଳ ରହିବା ଏକ ବଡ଼ ଆହ୍ୱାନ ପାଲଟିଯାଏ । ମୁଁ ଜାଣେ ଯେ ଶୀଘ୍ର ଖବର ଦେବା ଦ୍ୱାରା ହୁଏତ କିଛିକ୍ଷଣ ପାଇଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରେ କିନ୍ତୁ ଯେଉଁ ଖବରର ମୂଳଦୁଆରେ ସତ୍ୟ ଏବଂ ପ୍ରମାଣ ନଥାଏ ସେହି ଖବରର ଆୟୁଷ ବହୁତ କମ ହୋଇଥାଏ । ସାମ୍ବାଦିକତାର ମୂଳ ମୂଲ୍ୟବୋଧ କେବେହେଁ ଟିଆରପି କିମ୍ବା ଭିଉଜ୍ ଉପରେ ଆଧାରିତ ହୋଇନଥାଏ ବରଂ ଏହା ଜନସାଧାରଣଙ୍କ ସ୍ୱାର୍ଥ ଏବଂ ନିରପେକ୍ଷ ସୂଚନା ଉପରେ ପ୍ରତିଷ୍ଠିତ ହୋଇଥାଏ । ତେଣୁ ଯେତେବେଳେ କେହି ମୋତେ ଶୀଘ୍ର ଲେଖିବା ପାଇଁ ବାଧ୍ୟ କରନ୍ତି ମୁଁ ମୋର ଆନ୍ତରିକତା ଏବଂ ଦାୟିତ୍ୱବୋଧକୁ ଆଧାର କରି ସେମାନଙ୍କୁ ବୁଝାଏ ଯେ ଗୁଣାତ୍ମକ ଖବର ପାଇଁ ସମୟ ନିହାତି ଆବଶ୍ୟକ ।

ତେବେ ସତ୍ୟର ପଥରେ ଚାଲିବା କେବେ ବି ସହଜ ନୁହେଁ । ଏହି ବାଟରେ କେତେ ଯେ ବାଧାବିଘ୍ନ, କେତେ ଯେ ଚାପ ଏବଂ ବିରୋଧର ସମ୍ମୁଖୀନ ହେବାକୁ ପଡ଼େ ତାହା କେବଳ ଜଣେ ସଚ୍ଚା ସାମ୍ବାଦିକ ଜାଣିପାରେ । କିନ୍ତୁ ମୋ ଭିତରେ ଥିବା ନିର୍ଭୟତା ଏବଂ ସତ୍ୟ ପ୍ରତି ନିଷ୍ଠା ମୋତେ କେବେହେଁ ପଛଘୁଞ୍ଚା ଦେବାକୁ ଦେଇ ନାହିଁ । ଯେଉଁଠି ଦୁର୍ନୀତି ଅଛି, ଯେଉଁଠି କୌଣସି ନିରୀହଙ୍କ ଅଧିକାର ଛଡ଼ାଇ ନିଆଯାଉଛି, ମୋର କଲମ ସେଠାରେ ଏକ ଶକ୍ତିଶାଳୀ ଅସ୍ତ୍ର ପାଲଟିଯାଏ । କାହାର ବାସ୍ତବହୀନ ଚାପରେ ଆସି ମୁଁ କେବେ ବି ଭୁଲ୍ କିମ୍ବା ଅଧା-ସତ ଖବର ପ୍ରକାଶ କରେନା । ମିଥ୍ୟା ପ୍ରଚାର ଆଗରେ ମୁଁ କେବେବି ମୁଣ୍ଡ ନୁଆଁଏନା । ସଠିକ୍ ପ୍ରମାଣ, ଦୃଢ଼ ତଥ୍ୟ ଏବଂ ନିରପେକ୍ଷତା ହିଁ ମୋର ସବୁଠାରୁ ବଡ଼ ଶକ୍ତି । କାରଣ ଏହା ମୋର ପ୍ରାଣ, ମୋର ନିଶା ଏବଂ ମୋର ପରିଚୟ । ମୋର ଚୁଲବୁଲି ମନ ମୋତେ ଜୀବନକୁ ହସଖୁସିରେ ବଞ୍ଚିବା ଶିଖାଇଥିବା ବେଳେ ମୋର ଗମ୍ଭୀର କଲମ ମୋତେ ଏକ ସଚେତନ ଏବଂ ଦାୟିତ୍ୱସଂପନ୍ନ ମଣିଷ ଭାବେ ଗଢ଼ି ତୋଳିଛି । ଦୁଃଖୀର ଲୁହ ପୋଛିବା, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ପ୍ରତ୍ୟେକ ଘଟଣାର ସତ୍ୟତାକୁ ଲୋକଙ୍କ ଆଗରେ ପ୍ରକାଶ କରିବା ମୋର ଜୀବନର ବ୍ରତ ହୋଇଛି । କେତେକ ବ୍ୟକ୍ତିଙ୍କର ତରବରିଆ ଖବର ଲେଖିବାର ବାସ୍ତବହୀନ ଚାପ ଆଗରେ ମୁଁ କେବେହେଁ ମୋର ନିଷ୍ଠା ଏବଂ ସଚ୍ଚୋଟତାକୁ ବଳିଦେବି ନାହିଁ । ଯେତେଦିନ ପର୍ଯ୍ୟନ୍ତ ମୋ ହାତରେ ଶକ୍ତି ଅଛି ମୁଁ ମୋର ଏହି କଲମର ଧାରକୁ କେବେ ବି କୁଣ୍ଠିତ ହେବାକୁ ଦେବି ନାହିଁ । ସତ୍ୟର ପଥରେ ନିର୍ଭୟରେ ଆଗକୁ ବଢ଼ି ଚାଲିଥିବି ।



+ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬


## ବର୍ଷାଦିନେ ଗର୍ଭବତୀଙ୍କ ସୁସ୍ଥ ରହିବା ନେଇ ସତର୍କତା

**ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର**



ବର୍ଷା ବଢୁଛି, ବର୍ଷା ଜନିତ ଥଣ୍ଡା ସମସ୍ୟା ସବୁଠାରୁ ସ୍ତ୍ରୀଲୋକମାନେ ସାମ୍ନା କରିଥାନ୍ତି । ବିଶେଷକରି କର୍ମଜୀବୀ ମହିଳାଙ୍କ ଏବଂ ଶ୍ରମଜୀବୀଙ୍କ ପାଇଁ ଏହା ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହୋଇଥାଏ । ଲଗାଣ ବର୍ଷା କେବଳ ଅନେକ ମେହନତୀ ଶ୍ରମଜୀବୀ ମହିଳାଙ୍କ ପାଇଁ ଶାରୀରିକ କଷ୍ଟକର ହୋଇନଥାଏ ବରଂ ସେମାନଙ୍କର ରୋଜିରୋଟୀ ଛଡ଼ାଇ ନେଇଯାଏ । ବର୍ଷା ଦିନେ ବିଶେଷକରି ଗର୍ଭବତୀ ମହିଳାଙ୍କ କଥା ଦେଖିଲେ ସେମାନଙ୍କ ପାଇଁ ଅନେକ ସ୍ୱାସ୍ଥ୍ୟ ସତର୍କତା ଅତ୍ୟନ୍ତ ଜରୁରୀ । କୌଣସି ପରିସ୍ଥିତିରେ ଜଣେ ଗର୍ଭବତୀ ଅଧିକ ସମୟ ତିନ୍ତିଗଲେ ଏହା ଜ୍ୱର, ମୁଣ୍ଡବିନ୍ଧା ଓ ଘୋଳାବିନ୍ଧା ସମସ୍ୟା ମଧ୍ୟ ଦେଖାଇଥାଏ । ସାଧାରଣତଃ ମୌସୁମୀ ସମୟରେ ଲେପ୍ଟୋସିରୋସିସ୍ ଆଦି ଗମ୍ଭୀର ରୋଗ ହେବାର ଆଶଙ୍କା ବଢ଼ିଯାଏ । ସାଧାରଣତଃ ଏହିଦିନେ ମଣିଷ ଦ୍ୱାରା ହେଉ ଅବା ପଶୁ ଦ୍ୱାରା ଜୀବାଣୁ ଯାଇ ଗର୍ଭବତୀ ମହିଳାଙ୍କ ଠାରେ ପହଞ୍ଚେ । ଏହାର ବିଶେଷ ପ୍ରଭାବ ଗର୍ଭରେ ବଢୁଥିବା ପିଲା ଉପରେ ପଡ଼େ । ଏହିପରି ବି ହୁଏ ପିଲାର ଜୀବନ ନେଇଯାଏ ଏହି ଜୀବାଣୁ । ଏହା ବ୍ୟତୀତ ପେଟ ସଂକ୍ରମଣ, ଡିହାଇଡ୍ରେସନ ଆଦି ଜଳ ଜନିତ ରୋଗ ହୋଇଥାଏ । ଏଥିପାଇଁ ଗର୍ଭବତୀ ମହିଳା ଏହି ମୌସୁମୀରେ ବିଶେଷ ଧ୍ୟାନ ରଖିବା ଦରକାର ।



ବର୍ଷାଦିନରେ ଗର୍ଭବତୀ ମାଆମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥାରେ ସତର୍କତା ଜରୁରୀ । ବର୍ଷାଦିନେ ଡିହାଇଡ୍ରେସନ ଏକ ବଡ଼ ସମସ୍ୟା । ଏଥିପାଇଁ ଏହିଦିନେ ପ୍ରଚୁର ପାଣି ପିଅନ୍ତୁ । ତରଳ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ଏହା ଶରୀରରେ ଜଳୀୟଅଂଶ ଧରି ରଖିବା ସହ ଚିନ୍ତା ଦୂର କରେ । ଯଦି ଚେତାଶୂନ୍ୟ, ମୁଣ୍ଡ ବୁଲାଇବା, ମୁଣ୍ଡ ବ୍ୟଥା ଅବା ଗରମ ଭଳି କିଛି ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହା ସହିତ ତରଳ ଖାଦ୍ୟ ଖାଆନ୍ତୁ । ରାସ୍ତାକଡ଼ରେ ତିଆର ହେଉଥିବା ଖାଦ୍ୟ ଖାଆନ୍ତୁନାହିଁ । ସୁଷମ ଖାଦ୍ୟ ଖାଆନ୍ତୁ, ଯଦି ସେହିଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ନିଜେ ତିଆରି କରି ଉକ୍ତ ଖାଦ୍ୟ ଖାଆନ୍ତୁ । ବାହାର ଖୋଲା ପାଣି ପିଇବା ଅପେକ୍ଷା ମିନେରାଲ ପାଣି ପିଅନ୍ତୁ । ଖାଦ୍ୟ ପ୍ରସ୍ତୁତ ସମୟରେ ପନିପରିବାକୁ ଭଲ ଭାବରେ ଧୁଅନ୍ତୁ । ବିଶେଷ କରି ସବୁଜ ପନିପରିବାକୁ ରୋଷେଇରେ ସାମିଲ କରନ୍ତୁ । ଏହି ସମୟରେ ପ୍ରାୟତଃ ବିଭିନ୍ନ ପତ୍ରରେ ଛୋଟ ଛୋଟ ପୋକ ଓ ସେମାନଙ୍କର ଡିମ୍ବାଣୁ ଦେଖାଦେଇଥାନ୍ତି ତେଣୁ ଦେଖିଚାହିଁ ଶାଗ ଖାଇପାରିବେ । ତେବେ ଋତୁଜାତୀୟ ଫଳ ସବୁଠାରୁ ଫଳ । ଉତ୍ତମ ପୋଷଣଯୁକ୍ତ ଖାଦ୍ୟ : ଏହା ଉଭୟ ମା' ଓ ପିଲାପାଇଁ ବହୁତ ଭଲ ।

ବର୍ଷାଦିନରେ ଗର୍ଭବତୀ ମାଆ ଜଣଙ୍କ ରହୁଥିବା ଘରଟି ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ । ଘର ଭିତରେକୁ ଯେପରି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଆସିପାରିବ ସେ ଦିଗକୁ ମଧ୍ୟ ଦେଖିବା ଜରୁରୀ । ଗର୍ଭାବସ୍ଥାରେ ଘରର ସଫାସୁତୁରା ଉପରେ ସର୍ବଦା ଧ୍ୟାନ ଦେବା ଦରକାର । ଘରେ କୌଣସି କୀଟାଣୁ ଜୀବାଣୁ ନ ରହିବା ଦରକାର । ଯଦି ଘରେ ମଇଳା ରହେ, ତେବେ କୀଟାଣୁ ତ୍ୱଚା ଓ ପେଟକୁ ସଂକ୍ରମଣ କରିବ । ଘରର ଦ୍ୱାରମୁହଁ ଖୋଲା କରି ରଖ । ଏହାଦ୍ୱାରା ତାଜା ପବନ ଘର ଭିତରକୁ ଆସିବ । ଡେଙ୍ଗୁ ଓ ମ୍ୟାଲେରିଆ ଠାରୁ ରକ୍ଷା ପାଇବା ପାଇଁ ସର୍ବଦା କୁଲର ସଫା ରଖନ୍ତୁ । ଜୋତା ଚପଲ ଘର ଭିତରକୁ ନ ଆଣି ଘର ବାହାରେ ରଖନ୍ତୁ । ଏହାଦ୍ୱାରା ବାହାରରର ଜୀବାଣୁ ଓ କୀଟାଣୁ ଘରକୁ ଆସିବ ନାହିଁ । ଏହି ସମୟରେ ଯେତେ ସମ୍ଭବ ଘର ଲୋକ ଓ ଡାକ୍ତରଙ୍କ ସହିତ ପରାମର୍ଶ ନିଅନ୍ତୁ । ଏହାଦ୍ୱାରା ଜୀବାଣୁ ଓ କୀଟାଣୁ ଠାରୁ ଦୂରେଇ ରହିପାରିବେ ଏବଂ ସୁସ୍ଥ ରହିପାରିବେ ।

ବର୍ଷା ଦିନେ ବି ଦେହରୁ ଝାଳ ବାହାରେ । ବର୍ଷାଦିନରେ ସୂର୍ଯ୍ୟ କିରଣ କମ ପଡ଼ିଥାଏ ତେଣୁ ଯେତିକି ସମ୍ଭବ ଖରାରେ ଲୁଗା ଶୁଖାଇବା ଅତ୍ୟନ୍ତ ଭଲ । ଦେହକୁ ଆରାମ ଲାଗୁଥିବା କପଡ଼ା ପିନ୍ଧନ୍ତୁ ଯାହା ଆରାମଦାୟକ ଅନୁଭବ ହେବ । ଏହା ସହିତ ପେଟକୁ ମଧ୍ୟ ଆରାମ ଲାଗିବ । ବର୍ଷାଦିନେ ସର୍ବଦା ଢ଼ିଲା ପୋଷାକ ପିନ୍ଧନ୍ତୁ । କାରଣ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା କୁଣ୍ଡାଇ ହେବାପରି ସମସ୍ୟା ଦେଖାଦେଇଥାଏ । ଏମିତିରେ ବି ଟାଇଟ ପୋଷାକ ପିନ୍ଧିଥିଲେ ଶିଶୁ ପାଇଁ କ୍ଷତିକାରକ । ଶିଶୁ ଠିକ୍ ଭାବରେ ବିକାଶ କରିପାରେ ନାହିଁ । ଏଣୁ ଆରାମଦାୟକ ପୋଷାକ ପିନ୍ଧନ୍ତୁ । ସିନ୍ଥେଟିକ୍ ପୋଷାକ ନପିନ୍ଧି ସୂତା ପୋଷାକ ପିନ୍ଧନ୍ତୁ । ସିନ୍ଥେଟିକ ତ୍ୱଚା ଉପରେ ପ୍ରଭାବ ପକାଇପାରେ । ପାଦକୁ ଘୋଡାଇ ରଖିବା ଦରକାର । ଏଣୁ ସର୍ବଦା ମୋଜ ପିନ୍ଧନ୍ତୁ । ଏହାଦ୍ୱାରା ଅଧିକ ଥଣ୍ଡା ହୋଇନଥାଏ ।

ବର୍ଷାଦିନରେ ଗର୍ଭବତୀ ମାଆମାନଙ୍କ ପାଇଁ ସଫାସୁତୁରା ଦିଗଟି ଅତ୍ୟନ୍ତ ଜରୁରୀ । ଗର୍ଭବତୀ ଅତିକମ୍‌ରେ ଦୁଇଥର ଗାଧୋଇବା ଦରକାର । ପ୍ରତି ଏକ ଘଣ୍ଟା ଅନ୍ତରରେ ଓଦା ଟାୱେଲରେ ଚେହେରା ପୋଛି ଦେବା ଦରକାର । ଯଦି ସମ୍ଭବ ହୁଏ ଗୋଲାପ ଜଳରେ ଚେହେରା ପୋଛି ପାରିବେ । ନଖ ଉଷୁମ ପାଣିରେ ସ୍ନାନ କରିପାରିବେ । ବଗିଚାରେ ବି ଖାଲି ପାଦରେ ଚାଲନ୍ତୁ ନାହିଁ । କାରଣ ବର୍ଷାଦିନିଆ କାଦୁଅରେ ପାଦର ତ୍ୱଚା ସଂକ୍ରମଣ ହୋଇପାରେ । ସଡ଼କ ଉପରେ ଚାଲୁଥିବା ପାଣି ମଧ୍ୟ ଗର୍ଭବତୀଙ୍କ ପାଇଁ କ୍ଷତିକାରକ । ଏଣୁ ଏଥିପ୍ରତି ସାବଧାନ ରହିବା ଦରକାର । ଯେତେଥର ବାହାରକୁ ଯିବେ, ସେତେଥର ହାତ ଓ ଗୋଡ ଉଷୁମ ପାଣି କିମ୍ବା ମେଡିକେଟେଡ ସାବୁନରେ ଧୁଅନ୍ତୁ । ଏହାଦ୍ୱାରା ଜୀବାଣୁ ଆପଣଙ୍କ ପିଲା ପାଖରେ ପହଞ୍ଚିପାରିବ ନାହିଁ । ଏହି ଦିନରେ ଜଳଜନିତ ରୋଗ ଯୋଗୁଁ ପେଟରେ ସଂକ୍ରମଣ ହେବା ଏକ ସାଧାରଣ କଥା । ଏଥିପାଇଁ ଆପଣ ଯେଉଁ ପାଣି ପିଉଛନ୍ତି ତାହା ସଫା ହୋଇଥିବା ସହିତ ଜୀବାଣୁ ମୁକ୍ତ ହେବା ଦରକାର । ଏହା ମଧ୍ୟ ମନେରଖିବେ ଗର୍ଭାବସ୍ଥାରେ ହାଇଜେନିକ୍ ଖାଦ୍ୟ ଖାଇବା ସହିତ ଫାଷ୍ଟଫୁଡ୍ ଓ ପକେଟ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । କୌଣସି ପରିସ୍ଥିତିରେ ଫ୍ରିଜରେ ଥିବା ଖାଦ୍ୟ ଓ ନିଶାଦ୍ରବ୍ୟ ଆଦୌ ଗ୍ରହଣ କରନ୍ତୁ ନାହିଁ । ବର୍ଷାଦିନରେ ଦୂରସ୍ଥାନକୁ ଏହିପରି ପରିସ୍ଥିତିରେ ଯିବା ନିରାପଦ ନୁହଁ । ଗର୍ଭବତୀଙ୍କ ସହିତ ଘରର ସମସ୍ତ ସଦସ୍ୟ ସଫାସୁତୁରା ରହିବା ଦରକାର । ଏହାଦ୍ୱାରା ପିଲାଟି ସୁସ୍ଥ ଭାବରେ ଜନ୍ମ ହୋଇପାରିବ ।


+ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ,
ମୋ : ୯୮୬୧୪୬୩୪୦୬


## ବଞ୍ଚିବାର ପ୍ରୟାସ

**ପ୍ରତିଭା ଦାଶ**



ମୋ ଜୀବନର ପଥେ
ତୋତେ ସାମିଲ କରି
ମୋ ପ୍ରେମ କାହାଣୀକୁ
ଆଗକୁ ନେବାକୁ
ମୁଁ ପ୍ରତିକ୍ଷଣ ସପନ ଦେଖୁଛି ।

ପ୍ରତି ମୁହୂର୍ତ୍ତରେ
ତୋ ମନ ଲୋଭା ଚେହେରାକୁ ଦେଖି
ତୋ ସରଳ ବିନମ୍ର ହୃଦୟରେ
ସ୍ଥାନ ଟିକକ ପାଇଁ
ମୁଁ ରୀତିମତ ଭାବେ ଚାହୁଁଛି ।

ତୋ ଆଖିରେ
ମୁଁ ମୋ ମୁଖକୁ
ଦେଖିବା ସକାଶେ
ଘରେ ଦର୍ପଣ ମଧ୍ୟ
ରଖିବା ବନ୍ଦ କରି ଦେଇଛି ।

ହେଲେ ତୁ କ'ଣ
ମୋ ହୃଦୟକୁ ବୁଝୁ ପାରୁଛୁ
ନା....

ତୋ ହୃଦୟରେ ମୋର ସ୍ଥାନ ନାହିଁ
କେବଳ ଭଲ ପାଇବାର
ଗୋଟିଏ ସୁନ୍ଦର ଅଭିନୟ ।

ସମସ୍ତେ କୁହନ୍ତି ପ୍ରେମ ଅମର
ମାତ୍ର ଆମ ପ୍ରେମ କାହାଣୀ
ଆରମ୍ଭ ହେଉ ହେଉ
ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ସେ କାହାଣୀର
ମୁଁ ଗୋଟିଏ ଅଧୁରା
ପରିତ୍ୟକ୍ତ ନାୟକ
ଯିଏ ନିଜ ଭାଗ୍ୟକୁ ଆଦରି
ସମାଜରେ ବଞ୍ଚିବାର
ପ୍ରୟାସ କରୁଛି ।


+ ନୂଆପଡ଼ା


## ନିର୍ବାଚନର ଋତୁ

**ଅନସୂୟା ପଣ୍ଡା**



ନିର୍ବାଚନର ଋତୁ ଆସିଗଲେ
ନେତାଙ୍କ ପ୍ରତିଶ୍ରୁତିର ଗିର୍ବାଣବାଣୀରେ
ଅବୈଧ ନବପଲ୍ଲବ କଅଁଳେ
ଉନ୍ମୋଚନ ଉଦ୍ଘାଟନ ଶିଳାନ୍ୟାସ ଚାଲେ
ରୋଷଣୀ ସ୍ଲୋଗାନ ସମାରୋହରେ
ତରୁଣଙ୍କୁ ବିଗିଡେଇବାରେ ।

ଦେବା ଆଉ ପାଇବାର ପାର୍ବଣ
ଜାଲିଆତିରେ କଳାଟଙ୍କାର ମହକ
ଆକାଶେ ସମବେଦନା ସେବାର ଆଳରେ
ଗଳି କନ୍ଦି ଛକ ତୁଠ ସବୁଠି ବରଷେ ।

ଶୋଷଣର ଉଚ୍ଚାଟନ ବଂଶୀ ଉଠେ ବାଜି
ବାହାରେ ଆପଣାକିଆ ସେବାର ନିଆରା ଧ୍ୱନି
ସତେକି ରାମ ରାଜ୍ୟ ଫେରିବ ଦେଶରେ
ନିଷ୍ଠା ନୀତି ସତ୍ୟ ଆଦର୍ଶ ସାଥେ ।

ପ୍ରତିଛବି ଅଙ୍କାଚାଲେ ବିକଶିତ ରାଷ୍ଟ୍ରର
ଦେଇ ନୂଆ ନୂଆ ଦେଶପ୍ରୀତିର ରୂପ
ସ୍ୱର୍ଗ ଲାଗେ ନୁହେଁ ବେଶି ଦୂର
ଦେଖି ପ୍ରମତ୍ତ ନେତାଙ୍କର ହାବ ଭାବ ।

ଦାରିଦ୍ର୍ୟ ଅବଲୁପ୍ତ ହେବାର ପ୍ରଚାର
ପ୍ରତିଶ୍ରୁତିର ବିଗୁଲ୍ ବାଜେ ଗାଁ ଠୁ ସହର
ବସ୍ତିରେ ଭୋଜିଭାତ ମଦ ମାଂସ କଳୁଷତା
କାମନାର ଛାଇ ତଳେ ସଢାଶଠତା ।

ହିଂସାର ବେପାରୀ ପ୍ରାର୍ଥୀ ଯେତେ
ଛଳରେ ଅହିଂସାର ଫୁଲତୋଡା ବିକେ
ଦେଶ ବଦଳେଇବାର ଯୋଜନା ତଳେ
ଅନ୍ୟାୟ ଅସ୍ଥିରତାର ନୂଆ ସୂତ୍ର ପଶେ ।

ଏମିତିଏ ରାଜନୀତି ଜାଲ ବିଛା ଚାଲେ
ଅବୁଝା ଅଭେଦ୍ୟ ତନ୍ତ୍ର ମନ୍ତ୍ରରେ
କୋଳାଶ୍ରିତ ଗଣମାଧ୍ୟମ ସହାୟତାରେ
ଜନଗଣ ମହାମୂଲ୍ୟ ମତକୁ କାବୁ କରେ ।


+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ ବାୟୋଇନଫର୍ମାଟିକ୍ସ ଓ ଜିନୋମ ଗବେଷଣା ଉପରେ ପାଞ୍ଚଦିନିଆ ଜାତୀୟ କର୍ମଶାଳା ଆରମ୍ଭ

## ନୀଳ ଅର୍ଥନୀତି, ଜିନୋମିକ୍ସ ଓ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ ଗବେଷଣା ଉପରେ ବିଶେଷଜ୍ଞଙ୍କ ଗୁରୁତ୍ୱାରୋପ




ବାଲେଶ୍ୱର ,୨/୦୯ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସାମୁଦ୍ରିକ ଜୈବସମ୍ପଦ ଅନ୍ୱେଷଣରେ ବାୟୋଇନ ଫର୍ମାଟିକ୍ସର ପ୍ରୟୋଗ: ଜିନୋମ ସଂଯୋଜନ, ଜନସଂଖ୍ୟା ଜିନୋମିକ୍ସରୁ ଔଷଧ ଆବିଷ୍କାର ପର୍ଯ୍ୟନ୍ତ' ଶୀର୍ଷକ ପାଞ୍ଚଦିନିଆ ଜାତୀୟ ପ୍ରାୟୋଗିକ କର୍ମଶାଳାର ଶୁଭାରମ୍ଭ ୩୧ ଅଗଷ୍ଟରେ ହୋଇଯାଇଛି। ଏହି ପାଞ୍ଚଦିନିଆ କର୍ମଶାଳାରେ ବିଶିଷ୍ଟ ବୈଜ୍ଞାନିକ, ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ସାମୁଦ୍ରିକ ବିଜ୍ଞାନ ଓ ଜୈବପ୍ରଯୁକ୍ତିବିଜ୍ଞାନ କ୍ଷେତ୍ରରେ ବାୟୋଇନଫର୍ମାଟିକ୍ସର ବଦଳୁଥିବା ଭୂମିକା ଉପରେ ଆଲୋଚନା କରିବେ। ଓମବ୍ରିକ ପ୍ରକଳ୍ପ ଅଧୀନରେ ଆୟୋଜିତ ଏହି କର୍ମଶାଳା ସେପଟ୍ମେର ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିନୋମ ସଂଯୋଜନ, ଜନସଂଖ୍ୟା ଜିନୋମିକ୍ସ, ଗଣନାତ୍ମକ ଜୀବବିଜ୍ଞାନ ଏବଂ ସାମୁଦ୍ରିକ ଜୈବସମ୍ପଦରୁ ଔଷଧ ଆବିଷ୍କାର ଭଳି ଅତ୍ୟାଧୁନିକ ବିଷୟ ଉପରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଉଦ୍‌ଘାଟନୀ ଅଧିବେଶନରେ ସଭାପତିତ୍ୱ କରି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଏକବିଂଶ ଶତାବ୍ଦୀର ଅନ୍ୟତମ ସମ୍ଭାବନାମୟ ବୈଜ୍ଞାନିକ କ୍ଷେତ୍ର ହେଉଛି ସାମୁଦ୍ରିକ ବାୟୋଇନଫର୍ମାଟିକ୍ସ। ଓଡ଼ିଶାର ସମୃଦ୍ଧ ଉପକୂଳୀୟ ପରିବେଶ ଉନ୍ନତ ଗବେଷଣା ଓ ନବସୃଜନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନ୍ତଃବିଭାଗୀୟ ଗବେଷଣା, ବିଶ୍ୱସ୍ତରୀୟ ସହଯୋଗ ଓ ବୈଜ୍ଞାନିକ ଉତ୍କର୍ଷକୁ ସର୍ବାଧିକ ପ୍ରୋତ୍ସାହନ ଦେଇଆସୁଛି ବୋଲି ସେ କହିଥିଲେ। ଓମବ୍ରିକ ପ୍ରକଳ୍ପର ସଂଯୋଜକ ପ୍ରଫେସର ପି. ସି. ମିଶ୍ର ସାମୁଦ୍ରିକ ଜୈବବିବିଧତାର ଅପାର ସମ୍ଭାବନା ଉପରେ ଆଲୋକପାତ କରି ଯୁବ ଗବେଷକମାନଙ୍କୁ ମୂଲ୍ୟବାନ ଜୈବସମ୍ପଦର ସନ୍ଧାନ ପାଇଁ ବାୟୋଇନଫର୍ମାଟିକ୍ସକୁ ମହତ୍ତ୍ୱ ଦେଇଥିଲେ। ଏହି ପ୍ରକଳ୍ପର ପରାମର୍ଶଦାତା ପ୍ରଫେସର ବି. ପି. ଦାଶ କହିଥିଲେ ଯେ, ଜୀବବିଜ୍ଞାନ ଗବେଷଣାର ଭବିଷ୍ୟତ ଜିନୋମିକ୍ସ, କୃତ୍ରିମ ବୁଦ୍ଧିମତ୍ତା ଓ ତଥ୍ୟଭିତ୍ତିକ ପଦ୍ଧତିର ସମନ୍ୱୟ ଉପରେ ନିର୍ଭର କରୁଛି। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ଏଭଳି କର୍ମଶାଳା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ତାହାର ଗବେଷଣା ପରିବେଶକୁ କ୍ରମାଗତ ଭାବେ ସୁଦୃଢ଼ କରୁଛି ଏବଂ ଶିକ୍ଷକ, ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଜାତୀୟ ସ୍ତରର ବିଶେଷଜ୍ଞ ଓ ଉଦୀୟମାନ ପ୍ରଯୁକ୍ତି ସହ ପରିଚିତ ହେବାର ସୁଯୋଗ ମିଳୁଛି। ମୁଖ୍ୟବକ୍ତା ଭାବେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର ପରିବେଶ ବିଜ୍ଞାନ କେନ୍ଦ୍ରର ସହକାରୀ ଅଧ୍ୟାପକ ଡକ୍ଟର ଅନୁଭବ ଖାନ ସାମୁଦ୍ରିକ ପରିବେଶକୁ ବୁଝିବା, ଜୈବବିବିଧତାର ସଂରକ୍ଷଣ ଏବଂ ଔଷଧୀୟ ସମ୍ଭାବନା ଥିବା ନୂତନ ଜୈବସକ୍ରିୟ ଉପାଦାନର ସନ୍ଧାନରେ ପରିବେଶୀୟ ଜିନୋମିକ୍ସ ଓ ଗଣନାତ୍ମକ ଜୀବବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡକ୍ଟର ବି. ବି. ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡକ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ଶୁଭ୍ରକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ଗୋଆସ୍ଥିତ ଜାତୀୟ ସାମୁଦ୍ରିକ ବିଜ୍ଞାନ ପ୍ରତିଷ୍ଠାନର ଡକ୍ଟର ଅନିଲ ଚାଟାର୍ଜୀ ଏବଂ କେରଳ ବିଶ୍ୱବିଦ୍ୟାଳୟର ଡକ୍ଟର ଅନୀତା ଏମ୍. ଜର୍ଜ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅନୁଷ୍ଠିତ ପ୍ରଥମ ବୈଷୟିକ ଅଧିବେଶନରେ ଅଂଶଗ୍ରହଣକାରୀ ମାନଙ୍କୁ ଆଧୁନିକ ବାୟୋଇନ ଫର୍ମାଟିକ୍ସ ଉପକରଣ ଓ ସାମୁଦ୍ରିକ ଜିନୋମ ଗବେଷଣା ପଦ୍ଧତି ଉପରେ ପ୍ରାୟୋଗିକ ପ୍ରଶିକ୍ଷଣ ଦିଆଯାଇଥିଲା।

୧୫ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହ ଆରମ୍ଭ ହୋଇଥିବା ଏହି କର୍ମଶାଳା ଉଦୀୟମାନ ଆନ୍ତଃବିଭାଗୀୟ କ୍ଷେତ୍ରରେ ଉନ୍ନତ ଗବେଷଣା ଓ ବୈଜ୍ଞାନିକ ଦକ୍ଷତା ବିକାଶ କ୍ଷେତ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବଢୁଥିବା ଭୂମିକାକୁ ଆଲୋକିତ କରିଛି।

# ମୌର୍ଯ୍ୟ ବଏଜ କେ.ବି. ଏନ କ୍ଲବ୍ ପକ୍ଷରୁ ପ୍ରଥମଥର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାତ୍ସୋବ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି,୨/୦୯ (ନି.ପ୍ର): ପାର୍ବଣ ଋତୁର ଶୁଭାରମ୍ଭ ହୋଇଯାଇଥିବା ବେଳେ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାଉତ୍ସବ ଆଗାମୀ ସେପଟ୍ମେର ୧୪ତାରିଖ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ନୀଳଗିରିର ଅଗ୍ରଣୀ ଯୁବସଂଗଠନ ମୋର୍ଯ୍ୟ ବୟେଜ, କେ.ବି.ଏନ୍ ତରଫରୁ ପ୍ରଥମଥର ପାଇଁ ଗଣେଶ ମହାପ୍ରଭୁଙ୍କ ପୂଜାକରିବାକୁ ସ୍ଥିର ହୋଇଛି। ଏନେଇ ଆଜି ପୂର୍ବାହ୍ନ ୧୧ଟା ସମୟରେ ଏକ ବିଶେଷ ପ୍ରସ୍ତୁତିବୈଠକ ନୀଳଗିରି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାପାଇଁ ଓ୍ୱମେନ୍ସ କଲେଜ ରୋଡ୍ ପାଖରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଭାଇଚାରା, ଶୃଙ୍ଖଳା ଓ ସାମାଜିକ ସଦଭାବନା ବଜାୟ ରଖିବାସହ ଭକ୍ତିମୟ ପରିବେଶରେ ଗଣେଶ ପୂଜା ପାଳନକରିବା ଏହି ନୂତନ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ତେବେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି ପୂଜାକୁ ସରସ,ସୁନ୍ଦର ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବାପାଇଁ ମୌର୍ଯ୍ୟ ବଏଜର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପ୍ରସ୍ତୁତି ଚଳାଇଛନ୍ତି। ପୂଜା ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ସହିତ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଞ୍ଚଳବାସୀଙ୍କ ସହଯୋଗ ଓ ଆଶୀର୍ବାଦରେ ପ୍ରଥମଥର ପାଇଁ ଆୟୋଜିତ ପୂଜାକୁ ସଫଳକରିବା ପାଇଁ କ୍ଲବପକ୍ଷରୁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି। କ୍ଲବ୍ ପକ୍ଷରୁ ଅଞ୍ଚଳବାସୀ, ବୟୋଜ୍ୟେଷ୍ଠ ଓ ଯୁବପିଢ଼ିଙ୍କୁ ଏହି ପବିତ୍ର ଉତ୍ସବରେ ସାମିଲହୋଇ ସଫଳ କରିବାକୁ ଅନୁରୋଧ କରାଯାଉଛି। ଏହି ବୈଠକରେ ସଭାପତି ଯଶୋବନ୍ତ ରାଉତ, ଉପସଭାପତି ପ୍ରୀତମ ବିଶ୍ୱାଳ, ସମ୍ପାଦକ ସଂଜୀବ ବେହେରା, ସହ ସମ୍ପାଦକ ରଞ୍ଜିତ ପ୍ରଧାନ, ଉପଦେଷ୍ଟା ଉଦୟଜ୍ୟୋତି ମହାନ୍ତି, ସତ୍ୟଜିତ ପ୍ରଧାନ, ନିବାଶିଷ ଦ୍ୱିବେଦୀ, ଆଦର୍ଶ ଗୌରବ ଦାସ, ଲଳିତ ଜେନା, ଲକ୍ଷ୍ମୀଧର ପାତ୍ର, ଅମନ ବେହେରା, ଶଶିକାନ୍ତ ବିଶ୍ୱାଳ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଦରଦାମ ବୃଦ୍ଧିରେ ପେଷି ହେଉଛି ଖାଉଟି: ନିୟନ୍ତ୍ରଣ କରିବାକୁ ଦାବି

ଜୟପୁର,୨/୦୯ (ନି.ପ୍ର): କୋରାପୁଟ ଜିଲାରେ ଦରଦାମ ବୃଦ୍ଧି ଏବେ ସାଧାରଣ ଲୋକଙ୍କ ପାଇଁ ଏକ ନିରବ ଆଘାତରେ ପରିଣତ ହୋଇଛି । କୋରାପୁଟ ଜିଲା ଜୟପୁର ସହର ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, କୋରାପୁଟ, ବୈପାରିଗୁଡା ରେ ଦିନକୁ ଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଚାଲିଥିବା ବେଳେ ଏହାର ସିଧାସଳଖ ପ୍ରଭାବ ପଡୁଛି ଗରିବ, ମଧ୍ୟବିତ୍ତ ଓ ଖଟିଖିଆ ପରିବାର ଉପରେ । ଡାଲି, ଚାଉଳଠାରୁ ଆରମ୍ଭ କରି ତେଲ, ମସଲା, ଚିନି, ସର୍ଫ ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀ—ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଦର ବୃଦ୍ଧି ଖାଉଟିଙ୍କ ଘରୋଇ ବଜେଟ୍ କୁ ଦୋହଲାଇ ଦେଉଛି । ଦରଦାମ ନିୟନ୍ତ୍ରଣ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି । ସାଧାରଣ ଖାଉଟିଙ୍କ ଅଭିଯୋଗ ଅନୁଯାୟୀ, ଗୋଟିଏ ସାମଗ୍ରୀ କିଣିବା ପାଇଁ ଆଜି ଦୋକାନକୁ ଗଲେ ଯେଉଁ ଦର ଦେବାକୁ ପଡୁଛି, ଦୁଇ ଦିନ ପରେ ସେହି ସାମଗ୍ରୀ ପାଇଁ ଆଉ ଅଧିକ ଟଙ୍କା ଗଣିବାକୁ ପଡୁଛି । ଏପରି ସ୍ଥିତିରେ ଦୋକାନୀ ଓ ଖାଉଟିଙ୍କ ମଧ୍ୟରେ ବାଦବିବାଦ ମଧ୍ୟ ବଢୁଥିବା ଦେଖାଯାଉଛି । ଅଭିଯୋଗ ଆହୁରି ଗୁରୁତର ଯେ, କେତେକ ବ୍ୟବସାୟୀ ଡିଲରଙ୍କଠାରୁ ବଡ଼ ପରିମାଣରେ ସାମଗ୍ରୀ ଷ୍ଟକ୍ ଆଣି ରଖୁଛନ୍ତି । ସେହି ସମୟରେ କିଣାଯାଇଥିବା ଷ୍ଟକ୍ ର ପ୍ୟାକେଟ୍ ଉପରେ ମୁଦ୍ରିତ ମୂଲ୍ୟ ଥିଲେ ମଧ୍ୟ ଦର ବଢ଼ିଯାଇଛି ବୋଲି କହି ଅଧିକ ଦାମରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା କେବଳ ବ୍ୟବସାୟିକ ଅନିୟମିତତା ନୁହେଁ, ବରଂ ଖାଉଟିଙ୍କ ଅଧିକାର ପ୍ରତି ଖୋଲା ଅବହେଳା । ଚିନି ଠାରୁ ପେଟ୍ରୋଲ ଫାଏ ଦର ଦାମ ପ୍ରତେକ ଦିନ ବୃଦ୍ଧି ପାଉଛି ।

## ସେଣ୍ଟ୍ରିଙ୍ଗ ଖୋଲୁଥିବା ବେଳେ ଚାପି ହୋଇ ଶ୍ରମିକ ମୃତ

ନୂଆପଡ଼ା,୨/୦୯ (ନି.ପ୍ର): ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ପାହାଚର ସେଣ୍ଟ୍ରିଙ୍ଗ ଖୋଲୁଥିବା ବେଳେ ସେଣ୍ଟ୍ରିଙ୍ଗ ଭୁଶୁଡ଼ି ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ୱାର୍ଡ ନଂ-୧୧ ପୁଟୁପଡ଼ାର ହୃଷିକେଶ ଶବର (୩୮)। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟା ୩୦ ମିନିଟ ସମୟରେ ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ କାର୍ଯ୍ୟରେ ହୃଷିକେଶ ଶ୍ରମିକ ଭାବେ କାମ କରୁଥିଲେ। ସେ ପାହାଚର ସେଣ୍ଟ୍ରିଙ୍ଗ ଖୋଲୁଥିବା ସମୟରେ ହଠାତ୍ ସେଣ୍ଟ୍ରିଙ୍ଗ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣାର ଖବର ପାଇ ଖଡ଼ିଆଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେଣ୍ଟ୍ରିଙ୍ଗ ତଳୁ ହୃଷିକେଶଙ୍କୁ ଉଦ୍ଧାର କରିଥିଲେ।

# କଙ୍ଗୋରେ ଇବୋଲା ମହାମାରୀର କରାଳ ରୂପ: ମୃତ୍ୟୁ ସଂଖ୍ୟା ୩୦୦୦ ପାର




ନୂଆଦିଲ୍ଲୀ,୨/୯ : କଙ୍ଗୋ ଗଣରାଜ୍ୟରେ ଇବୋଲା ମହାମାରୀ ଏବେ ଭୟଙ୍କର ରୂପ ଧାରଣ କରିଛି । ଦେଶରେ ଇବୋଲା ସଂକ୍ରମଣ ଯୋଗୁଁ ମୃତ୍ୟୁ ସଂଖ୍ୟା ୩,୦୦୦ ଅତିକ୍ରମ କରିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ନାକେଦମ ହେଉଛନ୍ତି । କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୬,୧୦୦ ପାର କରିସାରିଛି । ଗତ ମେ ୧୫ ତାରିଖରେ ଇଟୁରି ପ୍ରଦେଶରେ ଏହି ରୋଗ ବ୍ୟାପିଥିବା ନେଇ ଆନୁଷ୍ଠାନିକ ଘୋଷଣା ହୋଇଥିଲା, ମାତ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରକୋପ ପ୍ରକୃତରେ ଜାନୁଆରି ମାସରୁ ହିଁ ଆରମ୍ଭ ହୋଇଥାଇପାରେ । ଏହି ପ୍ରକୋପ କଙ୍ଗୋ ଇତିହାସରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ଘାତକ ମହାମାରୀ ଭାବେ ଉଭା ହୋଇଛି । ଏହା ପୂର୍ବରୁ ୨୦୧୮-୨୦୨୦ ମସିହାରେ ହୋଇଥିବା ଭୟଙ୍କର ଇବୋଲା ସ୍ଥିତିକୁ ମଧ୍ୟ ଅତିକ୍ରମ କରିସାରିଛି । ବିଶେଷ କରି ବିରଳ 'ବୁଣ୍ଡିବୁଗୟୋ' ପ୍ରଜାତିର ଜୀବାଣୁ ଯୋଗୁଁ ଏହି ସଂକ୍ରମଣ ଅତ୍ୟନ୍ତ ଦ୍ରୁତ ଗତିରେ ବଢୁଥିବା ଜଣାପଡ଼ିଛି । ବର୍ତ୍ତମାନ ସୁଦ୍ଧା ଏହି ରୋଗ ଦେଶର ୬ଟି ପ୍ରଦେଶକୁ ବ୍ୟାପି ସାରିଛି ଏବଂ ଏହା ବିଶ୍ୱର ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ଇବୋଲା ପ୍ରକୋପ ହୋଇ ରହିଛି । କ୍ରମାଗତ ଭାବେ ବଢୁଥିବା ମୃତ୍ୟୁ ସଂଖ୍ୟା ଏବଂ ନୂଆ ନୂଆ ମାମଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କଙ୍ଗୋର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୬,୧୮୬ଟି ମାମଲା ସାମ୍ନାକୁ ଆସିଥିବା ବେଳେ ୩,୦୦୭ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏବଂ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ପ୍ରୟାସ ଜାରି ରଖିଥିଲେ ହେଁ ସଂକ୍ରମଣର ଗତି ହ୍ରାସ ପାଉନାହିଁ । ଏହି ଘାତକ ରୋଗର ବଢୁଥିବା ପ୍ରକୋପକୁ ଦେଖି ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଏବେ ସତର୍କ ହୋଇପଡ଼ିଛନ୍ତି ।

# ଚିତାବାଘ 'ବୀରୁ'କୁ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଆଇ.ଜି. ପାର୍କ ଚିଡ଼ିଆଖାନାରେ ସ୍ୱାଗତ



ରାଉରକେଲା,୨/୦୯ (ନି.ପ୍ର): ଗୁଜରାଟର ଜାମନଗରସ୍ଥିତ ଗ୍ରୀନ୍ସ ଜୁଲୋଜିକାଲ, ରେସ୍କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର, ୱାନ୍ତାରା ରୁ ଏକ ସାତ ବର୍ଷର ଅଣ୍ଡିରା ଚିତାବାଘ ଆସିବା ସହିତ ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଆଇ.ଜି. ପାର୍କ ଚିଡ଼ିଆଖାନାରେ ଏକ ନୂତନ ସଦସ୍ୟ ସାମିଲ ହୋଇଛନ୍ତି। ୩୧ ଅଗଷ୍ଟ, ୨୦୨୬ ରେ ଆଇ.ଜି. ପାର୍କ ଚିଡ଼ିଆଖାନାରେ ଚିତାବାଘର ନାମକରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍.ଆର) ଶ୍ରୀ ତରୁଣ ମିଶ୍ର ଆନୁଷ୍ଠାନିକ ଭାବେ ଚିତାବାଘର ନାମ 'ବୀରୁ' ରଖିଥିଲେ। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ଟି.ଇ. ଆଣ୍ଡ ହର୍ଟିକଲଚର) ଶ୍ରୀ ସି. ଏମ୍. ଚୁଗ୍, ମହାପ୍ରବନ୍ଧକ (ହର୍ଟିକଲଚର) ତଥା ପ୍ରଭାରୀ (ଜୁ ଆଣ୍ଡ ଡିଅର ପାର୍କ) ଡକ୍ଟର ଅଭିଜିତ୍ ବିଶ୍ୱାସଙ୍କ ସମେତ ସହରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଜ୍ଞାନିକ ନାମ ପ୍ୟାନଥେରା ପାର୍ଡସ୍ ଫୁସ୍କା ଭାବେ ଜଣାଶୁଣା ଏହି ଚିତାବାଘଟି ୧୩ ମେ ୨୦୨୦ ରେ ଜନ୍ମଗ୍ରହଣ କରିଥିଲା। ଏହା ୱାନ୍ତାରା, ଜାମନଗରରୁ ପ୍ରାୟ ୨,୪୦୦ କିଲୋମିଟର ଯାତ୍ରା କରି ୨୮ ଅଗଷ୍ଟ, ୨୦୨୬ ରେ ଆଇ.ଜି. ପାର୍କ ଚିଡ଼ିଆଖାନାରେ ପହଞ୍ଚିଥିଲା। ଶ୍ରୀ ସମୀର କୁଜୁର ନାମକ ଜଣେ ରକ୍ଷକ ଙ୍କ ସହିତ ଡକ୍ଟର ଏ. ବିଶ୍ୱାସ ଚିତାବାଘଟିକୁ ଜାମନଗରରୁ ରାଉରକେଲା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଡ଼କ ପଥରେ ନେଇ ଆସିଥିଲେ। ବର୍ତ୍ତମାନ ଏହାକୁ ଚିଡ଼ିଆଖାନାର ନିର୍ଦ୍ଧାରିତ ଚିତାବାଘ ଖୁଆଡ଼ ରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୨୦୨୪ ରେ, କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଦ୍ୱାରା ଅନୁମୋଦିତ ଏକ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ପୁଣେର ରାଜୀବ ଗାନ୍ଧୀ ଜୁଲୋଜିକାଲ ପାର୍କରୁ ଆଇ.ଜି. ପାର୍କ ଚିଡ଼ିଆଖାନାକୁ ଦୁଇଟି ଚିତାବାଘ ଅଣାଯାଇଥିଲା। ତେବେ ସେଥିମଧ୍ୟରୁ ଗୋଟିଏ ଚିତାବାଘ ପାର୍କର ପରିବେଶ ସହିତ ଖାପ ଖୁଆଇ ପାରିନଥିଲା। ପରବର୍ତ୍ତୀ ସମୟରେ, ଏମ ଓ ଇ.ଏଫ.ସି.ସି ଅଧୀନରେ ଅନୁମୋଦିତ ବିନିମୟ ବ୍ୟବସ୍ଥାର ଅଂଶ ସ୍ୱରୂପ, ସେହି ଚିତାବାଘ ବଦଳରେ ଗୁଜରାଟର ଜାମନଗରସ୍ଥିତ ଗ୍ରୀନ୍ସ ଜୁଲୋଜିକାଲ, ରେସ୍କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର, ୱାନ୍ତାରା ରୁ ଏକ ନୂତନ ଅଣ୍ଡିରା ଚିତାବାଘ ଆଣି ବଦଳାଯାଇଛି। ଚିତାବାଘର ସମ୍ପୂର୍ଣ୍ଣ ବିନିମୟ କାର୍ଯ୍ୟକ୍ରମ ଏବଂ ପରିବହନ ବ୍ୟବସ୍ଥା କୁ ଡକ୍ଟର ଅଭିଜିତ୍ ବିଶ୍ୱାସ ଏବଂ ତାଙ୍କ ଟିମ୍ ସଂଯୋଜନା କରିଥିଲେ।'

# ଜଳାଶୟରୁ- ବଜାର କାହା ଅନୁମତିରେ ?

## ମାମଲା ହାଇକୋର୍ଟରେ ବିଚାରାଧୀନ, ନିରପେକ୍ଷ ତଦନ୍ତ ଦାବିରେ ପଞ୍ଚାୟତବାସୀ



ବାଲିଆପାଳ ,୨/୦୯ (ନି.ପ୍ର): ଗୋଟିଏ ପଟେ ଜଳାଶୟ ସୁରକ୍ଷା ଓ ପରିବେଶ ସଂରକ୍ଷଣର କଥା କୁହାଯାଉଥିବାବେଳେ ଅନ୍ୟପଟେ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ସମ୍ମୁଖରେ ବଡ଼ସିମୁଳିଆ ମୌଜାରେ ଥିବା ଏକ ଜଳାଶୟ ପୋଖରୀ ପୋତାଯିବା ଘଟଣାକୁ ନେଇ ଏବେ ତେଜିଛି ବିବାଦ। ଘଟଣାଟିକୁ ନେଇ ମାମଲା ମାନ୍ୟବର ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ପୋଖରୀ ସ୍ଥାନରେ କେବିନ ନିର୍ମାଣ ଓ ଅର୍ଥ ଆଦାୟ ନେଇ ପଞ୍ଚାୟତବାସୀ ଗୁରୁତର ଅଭିଯୋଗ ଉଠାଇଛନ୍ତି। ସୁଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ବଡ ସିମୁଳିଆ ମୌଜା ଖାତା ନଂ ୩୬୩,ପ୍ଲଟନଂ ୯୨୯, ଯାଗା ୭୪ଡିସମିଲ ଜଳାଶୟ ପୋଖରୀ ରହିଥିବାବେଳେ ପ୍ଲଟ ନଂ ୯୨୮ ଯାଗା ୩୪ ଡିସମିଲ ପୋଖରୀର ଆଡିବନ୍ଧ ରହିଛି। ଏହି ପୋଖରୀ ଗୋଟିଏ ପାର୍ଶ୍ୱରେ ପ୍ଲଟ ନଂ ୯୨୮ ଯାଗା ୧୯ ଡିସମିଲରେ ପଞ୍ଚାୟତ ବିଲଡିଂ ରହିଥିବାବେଳେ, ପ୍ଲଟ ନଂ ୯୩୩, ଯାଗା ୪୦ ଡିସମିଲରେ ଶସ୍ୟ ଗୋଦାମ ଘର ରହିଛି। ଏସବୁ ଥିବା ସତ୍ତ୍ୱେ ପଞ୍ଚାୟତବାସୀଙ୍କୁ ନ ଜଣାଇ ଓ ତହସିଲର ବିନା ପରମିସନରେ ପଞ୍ଚାୟତ ତରଫରୁ ଜଳାଶୟ ପୋଖରୀକୁ କିପରି ପୋତାଗଲା ସେ ନେଇ ପଞ୍ଚାୟତର ମଳୟ ମାହାନ୍ତି ଓ ତାଙ୍କର ସହଯୋଗୀ ମାନ୍ୟବର ହାଇକୋର୍ଟର ଦ୍ୱାରସ୍ଥ ହୋଇ ଡବ୍ଲୁପିସି ୧୩୫୦୭/୨୬ ରେ ପଞ୍ଚାୟତରାଜ ସଚିବ, ବାଲେଶ୍ୱର ଜିଲ୍ଲାପାଳ ସାଙ୍ଗକୁ ବାଲିଆପାଳ ତହସିଲଦାର ନାମରେ ମାମଲା ରୁଜୁ କରିଥିଲେ । ଏବାବଦରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶରେ ଜିଲ୍ଲା ପଞ୍ଚାୟତ ବିଭାଗର ଅଧିକାରୀ ଦେବାନନ୍ଦ ବେହେରା ,ବାଲିଆପାଳ ବ୍ଲକ ସହକାରୀ ଯନ୍ତ୍ରୀ ଅସିତ ମୁର୍ମୁ , ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ଗତ ଜୁଲାଇ ୨୮ ତାରିଖରେ ତଦନ୍ତରେ ଆସିଥିଲେ। ଏହି ସମୟରେ ପଞ୍ଚାୟତର ପିଇଓ ଓ ସରପଞ୍ଚଙ୍କୁ ପଚାରିବାରୁ ସେମାନଙ୍କ ଅଗୋଚରରେ ବଜାରକମିଟି, ପୂଜାକମିଟି ବଜାରର ଅଳିଆ ଆବର୍ଜନା , ମାଟି ପକାଇ ପୋଖରୀ ଭର୍ତ୍ତି କରିଛନ୍ତି କହି କଥାକୁ ଏଡାଇ ଯାଇଥିଲେ। ଏଠାରେ ଜନସାଧାରଣଙ୍କ ମନରେ ପ୍ରଶ୍ନଉଠେ ଦୀର୍ଘ ଛଅ ମାସ ଧରି ଦିନରାତି ଟ୍ରାକ୍ଟର ସାହାଯ୍ୟରେ ତିନିହଜାରରୁ ଉର୍ଦ୍ଧ୍ୱ ଟ୍ରିପ ମାଟି ଆସି ପୋଖରୀଭର୍ତ୍ତି ହେଉଥିବା ବେଳେ ପଞ୍ଚାୟତର ପିଇଓ ଓ ସରପଞ୍ଚ ଜାଣିପାରିଲେ ନାହିଁ ଏବେ ପୁଣି ଏହି ମାମାଲା ବିଚାରାଧୀନ ଥିବା ବେଳେ ଗତ ଏକ ସପ୍ତାହ ଧରି ପୁଣି ଥରେ ଶହ ଶହ ଟ୍ରିପ ମାଟି ପକାଯିବା ସହ ପ୍ରତିଦିନ କେବିନ ପକାଯାଉଛି । ସ୍ଥାୟୀ ଗୃହ ନିର୍ମାଣ କରାଯାଉଛି ।ତେବେ ଏସବୁ କାହା ଅନୁମତିରେ ହେଉଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମଳୟ କୁମାର ମହାନ୍ତି,ଜ୍ଞାନରଞ୍ଜନ ପାତ୍ର,ରଞ୍ଜନ କୁମାର ସିଂ ସମେତ ପଞ୍ଚାୟତବାସୀ ଏକ ସାମ୍ବାଦିକ ସମ୍ମୀଳନୀରେ ଅଭିଯୋଗ କରିଛନ୍ତି ।ଘଟଣା ସମ୍ପର୍କରେ ତହସିଲଦାର ,ଜିଲ୍ଲାପାଳ ସମେତ ବିଡିଓ ଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ତେ ଚୁପ ରହୁଛନ୍ତି । କେବିନ ପ୍ରତି ୨ ରୁ ୩ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଆଗାମୀ ଦିନରେ ପ୬ସାସନ ଏ ଦିଗରେ ପଦ କ୍ଷେପ ଗ୍ରହଣ ନକଲେ ବିଶୃଙ୍ଖଳା ବଢିବା ସହ ଶହ ଶହ ପଞ୍ଚାୟତର ବେକାର ଯୁବକ ,ଗରିବ ଲୋକେ ଅବଶିଷ୍ଟ ଜାଗାରେ ମନଇଚ୍ଛା କେବିନ ପକାଇବା ଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏ ଦିଗରେ ମାନ୍ୟବର ହାଇକୋର୍ଟ ମାମଲାର ବିଚାରକରି ପଞ୍ଚାୟତ ବିଭାଗର ସଚିବ, ଜିଲ୍ଲାପାଳ ଓ ତହସିଲଦାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୋଖରୀର ସ୍ଥିତାବସ୍ଥା ବଜାୟୀ ରଖିବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି।

# ଫେମ୍ ଇଣ୍ଡିଆର ଟପ୍-୨୫ରେ ଝାରସୁଗୁଡ଼ା ଏସପି ରାଘବେନ୍ଦ୍ର

ଝାରସୁଗୁଡ଼ା,୨/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ପୋଲିସ ପାଇଁ ଏକ ଗୌରବମୟ ଅଧ୍ୟାୟ ଯୋଡ଼ା ହୋଇଛି। ଫେମ୍ ଇଣ୍ଡିଆ-ଏସିଆ ପୋଷ୍ଟ ପକ୍ଷରୁ ପ୍ରକାଶିତ ଦେଶର ୨୫ ଜଣ ଶ୍ରେଷ୍ଠ ପୁଲିସ ଅଧିକାରୀଙ୍କ ତାଲିକାରେ ଝାରସୁଗୁଡ଼ାର ପୁଲିସ ଅଧୀକ୍ଷକ (ଏସ୍ପି) ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସ୍ଥାନ ପାଇଥିବା ସେ ଓଡ଼ିଶାର ଏକମାତ୍ର ପୁଲିସ ଅଧିକାରୀ। ପୋଲିସ ନେତୃତ୍ୱ, ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିଚାଳନା, ଜନସୁରକ୍ଷା, ପ୍ରଯୁକ୍ତିର ସଫଳ ବ୍ୟବହାର ଏବଂ ସାଧାରଣ ଲୋକଙ୍କ ସହ ସମନ୍ୱୟ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ଆଧାର କରି ଏହି ଚୟନ କରାଯାଇଛି। ଫେମ୍ ଇଣ୍ଡିଆର ସମ୍ପାଦକ ଧୀରଜ କୁମାରଙ୍କ ସୂଚନା ଅନୁଯାୟୀ, କ୍ଷେତ୍ରସ୍ତରର ଅଭିଜ୍ଞତା, ନେତୃତ୍ୱ ଦକ୍ଷତା, କଠିନ ପରିସ୍ଥିତିରେ ଦୃଢ଼ ନିଷ୍ପତ୍ତି ଗ୍ରହଣ କ୍ଷମତା, ଅପରାଧ ନିୟନ୍ତ୍ରଣ, ନାଗରିକ ସେବା ଏବଂ ପୁଲିସ ବ୍ୟବସ୍ଥାର ଆଧୁନିକୀକରଣ ଆଦିକୁ ଚୟନର ପ୍ରମୁଖ ମାପଦଣ୍ଡ ଭାବେ ଗ୍ରହଣ କରାଯାଇଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଚୟନିତ ୨୫ ଜଣ ପୁଲିସ ଅଧିକାରୀଙ୍କ ମଧ୍ୟରେ ଝାରସୁଗୁଡ଼ା ଏସ୍ପି ରାଘବେନ୍ଦ୍ରଙ୍କ ସାମିଲ ହେବା ଓଡ଼ିଶା ପୋଲିସ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି ବିବେଚନା କରାଯାଉଛି। ଏହି ସଫଳତା ଝାରସୁଗୁଡ଼ା ଜିଲ୍ଲାକୁ ମଧ୍ୟ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହାଛଡ଼ା ଫେମ୍ ଇଣ୍ଡିଆ-ଏସିଆ ପୋଷ୍ଟ ପକ୍ଷରୁ 'ସୁପର-୫' ବର୍ଗରେ ଆଉ ୫ ଜଣ ପୁଲିସ ଅଧିକାରୀଙ୍କୁ ସ୍ଥାନ ଦିଆଯାଇଛି। ଫଳରେ ମୋଟ ୩୦ ଜଣ ପୁଲିସ ଅଧିକାରୀଙ୍କୁ ଏହି ସ୍ୱତନ୍ତ୍ର ତାଲିକାରେ ସାମିଲ କରାଯାଇଛି। ଫେମ୍ ଇଣ୍ଡିଆର ପରିଚାଳନା ସମ୍ପାଦକ ଅନିଲ ସିଂହ କହିଛନ୍ତି ଯେ, ଆଧୁନିକ ସମୟରେ ପୁଲିସିଂର ଚ୍ୟାଲେଞ୍ଜ ଦିନକୁ ଦିନ ବଦଳୁଛି। ସାଇବର ଅପରାଧ, ନିଶା କାରବାର, ଟ୍ରାଫିକ ପରିଚାଳନା, ମହିଳା ଓ ଶିଶୁ ସୁରକ୍ଷା, ପ୍ରଯୁକ୍ତିଭିତ୍ତିକ ଅପରାଧ ଏବଂ ଜରୁରୀକାଳୀନ ସେବା ଭଳି କ୍ଷେତ୍ରରେ ପୁଲିସ ନେତୃତ୍ୱକୁ ନୂତନ ଦକ୍ଷତା ଓ ଅଭିନବ ପଦକ୍ଷେପ ନେବାକୁ ପଡୁଛି।

# ୩ଟି ପାନୀୟ ଜଳ କିଓସ୍କୋ ଉଦ୍‌ଘାଟନ କଲେ ମନ୍ତ୍ରୀ

## ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସରକାରଙ୍କ ପ୍ରାଥମିକତା



ବାରିପଦା , ୨/୯ (ନି.ପ୍ର): ଲୋକଙ୍କ ପାନୀୟ ଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଥିବା ବେଳେ ଆଜି ବାରିପଦା ସହରର ତିନୋଟି ପ୍ରମୁଖ ସ୍ଥାନରେ ପାନୀୟ ଜଳ କିଓସ୍କୋ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ବସ ଷ୍ଟାଣ୍ଡ ନିକଟ, ?ମା' ଅମ୍ବିକା ପମ୍ପ ହାଉସ ପରିସର ଓ ଜୁବୁଲିବନ୍ଧ ନିକଟରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏହି ସୁଦ୍ଧ ପାନୀୟ କିଓସ୍କ ଗୁଡିକୁ ଗୃହନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଲୋକାର୍ପଣ କରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଏହି ପାନୀୟଜଳ କିଓସ୍କ ଗୁଡିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ଯାତାୟାତ କରୁଥିବା ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ସହଜରେ ବିଶୁଦ୍ଧ ପିଇବା ପାଣି ପାଇପାରିବେ। ଏହା ସହିତ ମନ୍ତ୍ରୀ ମା ଅମ୍ବିକା ପମ୍ପ ହାଉସ ପରିଦର୍ଶନ କରି ଜଳର ଗୁଣବତ୍ତା ପରୀକ୍ଷା (ଲେବୋରେଟୋରୀ ଟେଷ୍ଟିଂ) ସମ୍ପର୍କରେ ତଦାରଖ କରିଥିଲେ। ସହରର କେତେକ ଅଞ୍ଚଳରେ ୨୪ଘଣ୍ଟିଆ ଜଳ ଯୋଗାଣ ଚାଲୁ ରହିଥିବା ବେଳେ ଯେଉଁ ଅଞ୍ଚଳରେ ଏବେ ମଧ୍ୟ ନିରବଚ୍ଛିନ୍ନ ପାଣି ପହଞ୍ଚିପାରି ନାହିଁ, ସେସବୁ ସ୍ଥାନରେ ତୁରନ୍ତ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ୱାଟକୋ ଜେନେରାଲ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଆବଶ୍ୟକତା ଅନୁଯାୟୀ ଜଳ ସଂରକ୍ଷଣ କ୍ଷମତା (ଷ୍ଟୋରେଜ) ଆହୁରି ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ୱାଟକୋ ଜେନେରାଲ ମେନେଜର ଗୁଲସନ କୁମାର ସାହୁ ଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।

## ମାଡ଼ ମାରିବା ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଗଞ୍ଜାମ , ୨/୯ (ନି.ପ୍ର): ବଡ଼ବଜାର ଥାନା ପୋଲିସ ଦିପୁ ନାହାକ, ବୟସ ସତାଇଶ, ପିତା ନୀଳକଣ୍ଠ ନାହାକ, ଶ୍ରୀରାମ ନଗର, ଶାନ୍ତି ମାର୍ଗ, ବ୍ରହ୍ମପୁରକୁ ଗିରଫ କରିଛି।

ଗତ ସତର ଜୁଲାଇ ରାତି ଏଗାରଟା ତିରିଶରେ ଲୁଚାପଡ଼ାର ଜେ ବାଲାସୁବ୍ରମଣ୍ୟମ ଯାଦବ ସ୍କୁଟିରେ ଘରକୁ ଫେରୁଥିଲେ। ପୁରୁଣା ଶତ୍ରୁତାରୁ ଦିପୁ ନାହାକ ଓ ଶ୍ରୀଧର ମହାନ୍ତି ତାଙ୍କୁ ଅଟକାଇ ଲୁହା ପଂଚରେ ମୁହଁକୁ ମାଡ଼ ମାରିଥିଲେ। ଯାହାଫଳରେ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଜୀବନରୁ ମାରି ଦେବାକୁ ଧମକ ଦେଇ ସେମାନେ ଫେରାର ହୋଇଯାଇଥିଲେ। ତୁରନ୍ତ ଆହତ ବ୍ୟକ୍ତିଙ୍କୁ ସିଟି ହସ୍ପିଟାଲରେ ଭର୍ତି କରାଯାଇଥିଲା।

# ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କର ବିଂଶତିତମ ଶ୍ରାଦ୍ଧ ବାର୍ଷିକ ପାଳିତ



ଉଦଳା , ୨/୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଶଳଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା କୁଶଳଦା ହାଇସ୍କୁଲର ପ୍ରାଣ ପ୍ରତିଷ୍ଠାତା ପଲ୍ଲୀ ପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରା 'ବାବୁ'ଙ୍କର ବିଂଶତିତମ ଶ୍ରାଦ୍ଧ ଦିବସ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ଅନ୍ତର୍ଯ୍ୟାମୀ ବେହେରା ମେମୋରିୟାଲ ଟ୍ରଷ୍ଟ ଓ ରିଡ଼ସ, ବାଲେଶ୍ୱର ତରଫରୁ ମିଳିତ ଭାବରେ ପାଳିତ ହୋଇ ଯାଇଛି । ସ୍ୱର୍ଗୀୟ ବେହେରାଙ୍କର କୁଶଳଦାସ୍ଥ ବାସଭବନ ପରିସରେ ଏହା ଆୟୋଜିତ ହୋଇଥିବା ବେଳେ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ସନାତନ ଜେନାଙ୍କ ଅଧ୍ୟକ୍ଷତା ଓ ପୁରାତନ ଛାତ୍ର ସଂଘର ସଂପାଦକ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ମୋଟ ୩୦ ଜଣ କୃତୀ ଛାତ୍ର-ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ବରିଷ୍ଠ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟତମ ପୁରାତନ ଛାତ୍ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଯଥାକ୍ରମେ ଶଶିଧର ବାରିକ ଓ ସନ୍ଧ୍ୟାରାଣୀ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପଲ୍ଲୀ ପ୍ରଦୀପଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ଆଦର୍ଶ ଚରିତ୍ର ସଂପର୍କରେ ଉଲ୍ଲେଖ କରି ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଥିଲେ । ଉପସ୍ଥିତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ମହାପାତ୍ର, ସମାଜସେବୀ ଅମ୍ବୁଜ କୁମାର ପରିଛା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ଦାସ ଓ ଶିକ୍ଷିକା ପ୍ରମିଳା ବାରିକ ପ୍ରମୁଖ ସେମାନଙ୍କର ବାଲ୍ୟ ସ୍ମୃତିସହ ବାବୁଙ୍କର ବହୁମୁଖୀ ପ୍ରତିଭା ଓ ନିଆରା ବ୍ୟକ୍ତିତ୍ୱ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପରିବାର ତରଫରୁ ସ୍ୱର୍ଗୀୟ ବେହେରାଙ୍କର ଜ୍ୟେଷ୍ଠପୁତ୍ର ତଥା ରାଜ୍ୟ ସରକାରଙ୍କର ପୂର୍ବତନ ରାଜସ୍ୱ ପରିଷଦର ସଭ୍ୟ ଡ଼. ଅରବିନ୍ଦ ବେହେରା, ନାତି ଆଦିତ୍ୟ ବେହେରା ଓ ନାତୁଣି ଅନନ୍ୟା ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସଂଗଠନର ସହ ସଂପାଦକ ଶିକ୍ଷକ ପ୍ରିୟବ୍ରତ ବାରିକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରି ଘଟଣାରେ ସାଇଣ୍ଟିଫିକ ଟିମର ତଦନ୍ତ

ବାଲିଆପାଳ, ୨/୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ନଈଘାଟି ଗ୍ରାମର ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ କେହି ଘରେ ନଥିବା ସମୟରେ ଦୁର୍ବୃତ୍ତ ମାନେ ଗ୍ରୀଲର ତାଲା ଭାଙ୍ଗି ଘର ଭିତରେ ପଶି ସ୍ୱୟଂ ସହାୟିକା ଗୋଷ୍ଠୀରୁ ଆଣିଥିବା ଋଣ ତିରିଶି ହଜାର ଟଙ୍କା ଏବଂ ଚାଷ କାର ?୍ୟ ପାଇଁ ହାତ ଉଧାରୀ ଦଶ ହଜାର ଟଙ୍କା ସମେତ ଆନୁମାନିକ ପାଞ୍ଚ ଲକ୍ଷ ଟଙ୍କାର ସୁନ ଏବଂ ରୂପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଗ୍ରହଣ କରି ମଙ୍ଗଳବାର ବାଲେଶ୍ୱର ସାଇଣ୍ଟିଫିକ ଟିମ ଚୋରି ହୋଇଥିବା ଘରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ବାଲିଆପାଳ ଥାନାର ଏଏସଆଇ ନିଳମଣୀ ଦାସ ଏବଂ ଜାଣକୁଣ୍ଡା ଫାଣ୍ଡି ଅଧିକାରୀ କେସବ ବେସରା ଉପସ୍ଥିତ ଥିଲେ।

# ଶାଳିକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା, କଳାକୃତି ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ



ଜଳେଶ୍ୱର, ୨/୯ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ସ୍ଥିତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା,କଳାକୃତି ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମନରେ କ୍ରୀଡ଼ା, କଳା କୌଶଳ,ବିଜ୍ଞାନ ଓ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଏହାର ବାସ୍ତବ ଜୀବନରେ ଉପଯୋଗ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶୀକାନ୍ତ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା,କଳା ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ସରପଞ୍ଚ ତପନୀ ଭୂୟାଁ, ଏବିଇଓ ସୁଶାନ୍ତ କୁମାର ଜେନା, ପୂର୍ବତନ ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମାହାନ୍ତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ.ଅଜିତ କୁମାର ମହାନ୍ତି,ବ୍ଲକ ଜ୍ଞାନ-ବିଜ୍ଞାନ ସଂଯୋଜକ ଅଞ୍ଜନ କୁମାର ପ୍ରଧାନ ଏବଂ କମିଟି ଅଧକ୍ଷ ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତାରେ ବିଜ୍ଞାନ ରେ ୬୦, କ୍ରୀଡ଼ାରେ ୧୦, କଳାକୃତିରେ ୧୦,ସାମାଜିକ ବିଜ୍ଞାନରେ ୧୦, ଗଣିତରେ ୧୦ ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଦାସ,ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସିଂହ,ସାଇ ପ୍ରଭା ନନ୍ଦୀ, ବିଦ୍ଧୁ ଭୂଷଣ ପ୍ରଧାନ, ଦେବଜାନୀ ଦାସ, ଜୟରାମ ଟୁଡୁ,ସିଦ୍ଧେଶ୍ୱର ଦାସ, ପ୍ରଜ୍ଞା ପାରମିତା ଦାସ ଏବଂ ସରୋଜ ପାଣିଗ୍ରାହୀ ବିଚାରକ ଭାବେ ଦାୟିତ୍ୱ ତୁଲାଉଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଦୀପ କୁମାର ଦାସ,ଖଗେନ୍ଦ୍ର ବେହେରା,ସତ୍ୟ ରଞ୍ଜନ ସାହୁ,ଏସ.କେ. ନେସାର ଅହମ୍ମଦ, ଆଶିଷ କୁମାର ଦତ୍ତ,ସୂରଜ ଦାସ ମହାପାତ୍ର, ଆଶୁତୋଷ ରଥ, ଜୁନିଅର କିରାଣୀ ପ୍ରଦୀପ ଦାସ ଏବଂ ସବିତା ସାମଲ,ଦେବସ୍ମିତା ଗିରି, ଅନୁରାଧା ରାଉଳ,ଆଦ୍ୟାସା ହେମ୍ରମ, ଶୁଭଶ୍ରୀ ଭୂୟାଁ, ମମତା ଭଞ୍ଜ, ପ୍ରଣତି ଦତ୍ତ, ମୌସୁମୀ ପାଳ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ବିଦ୍ୟାଳୟ କମିଟି ପକ୍ଷରୁ ସମସ୍ତ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶାଳୀକୋଠା ବିଦ୍ୟାଳୟରୁ କାଶୀଦା ସିତଳା ମାତା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବା ସଞ୍ଜୀବ କୁମାର ପ୍ରମାଣିକଙ୍କୁ ବିଦ୍ୟାଳୟ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବନ୍ଧନ ବ୍ୟାଙ୍କ ରିଲେସନ ଅଫିସରଠାରୁ ଟଙ୍କା ଲୁଟ ଘଟଣା : ଜଣେ ନାବାଳକ ସମେତ ଚାରି ଗିରଫ

## ୨୨୦-ପଲସର, ଦୁଇଟି କଟୁରୀ, ମୋବାଇଲ ସମେତ ୨୧, ୦୦୦ଟଙ୍କା ଜବତ



ବାଲେଶ୍ୱର, ୨/୯ (ନି.ପ୍ର): ଅଗଷ୍ଟ ୨୫ତାରିଖ ଦିନ ବାର ଟା ସମୟ ରେ ବନ୍ଧନ ବ୍ୟାଙ୍କ ର ରିଲେସନ ଅଫିସର ବିକ୍ରମ ବେହେରାଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ନରହରିପୁର ରାସ୍ତା ରେ ତିନି ଜଣ ଯୁବକ ୬୫, ୦୦୦ଟଙ୍କା ଲୁଟି ନେଇଥିଲେ। ଶିକ୍ଷାଞ୍ଚଳ ଥାନା ରେ ୨୭୯/ ୨୬ଏତଲା ମୂଳେ ୩୦୯(୬) ବି ଏନ ଏସ ରେ ମାମଲା ରୁଜୁ ହୋଇଥିଲା। ଏ ଏସ ଆଇ ଅଘୋର ଚନ୍ଦ୍ର ଦାସ ଘଟଣା ର ତଦନ୍ତ କରୁଥିଲେ। ତେବେ ଆଜି ଭୋର ସମୟ ରେ ଶିକ୍ଷାଞ୍ଚଳ ଥାନା ପୋଲିସ ଟିମ ବିଭିନ୍ନ ସ୍ଥାନ ରେ ଚଢ଼ାଉ କରି ରେମୁଣା ଥାନା ଅନ୍ତର୍ଗତ ଅଠାନ୍ତର ଗ୍ରାମ ର ବିଶ୍ୱ ନାଥ ଦାସ ର ପୁଅ ଲିପୁ ଓରଫ ପ୍ରତାପ (୨୫), ସୁକୁରା ଦାସ ପୁଅ ସଞ୍ଜୟ (୨୩), ଶବର ଦାସ ପୁଅ ଶୁଭଙ୍କର ଓରଫ ଭାଲୁ ଗିରଫ ହୋଇଥିଲା ବେଳେ ପ୍ରତାପ ଦାସ କୁ ସୂଚନା ଦେଇଥିବା ନାବାଳକ ମଧ ଅଟକ ରହିଥିଲା। ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତଏ ସମ୍ପର୍କ ରେ ସୂଚନା ଦେଇ ଗୋଟିଏ ବାଜାଜ ପଲସର-୨୨୦(ଓ ଡି ୦୧-ଜେଡ-୨୫୬୧), ଗୋଟିଏ ତେଲେଙ୍ଗା କଟୁରୀ,ଗୋଟିଏଭୁଜାଲି, ଗୋଟିଏ ସାମସୁଙ୍ଗ ଟେବଲେଟ , ଦୁଇଟି ସେଲ ଫୋନ ଓ ନଗଦ ୨୧, ୦୦୦ ଟଙ୍କା ଜବତ ହୋଇଥିବା ସୂଚନା ଦେଇଛନ୍ତି। ଲିପୁ ଓରଫ ପ୍ରତାପ ଦାସ ନାମ ରେ ଶିକ୍ଷାଞ୍ଚଳ, ସୋର ଓ ରେମୁଣା ଥାନା ରେ ମୋଟ ସାତୋଟି ମାମଲା ରୁଜୁ ହୋଇଥିବା ବେଳେ ସଞ୍ଜୟ ଓ ଶୁଭଙ୍କର ନାମ ରେ ଶିକ୍ଷା ଞ୍ଚଳ ଥାନା ରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଛି।ନାବାଳକ ହିଁ ନିଜ ସମ୍ପର୍କୀୟ ଭାଇ ପ୍ରତାପ ଦାସ କୁ ଟଙ୍କା ନେଉଥିବା ରିଲେସନ ଅଫିସର ସମ୍ପର୍କ ରେ ଖବର ଦେବା ପରେ ପ୍ରତାପ ଆଉ ଦୁଇ ଅପରାଧୀ ଙ୍କୁ ଧରି ଲୁଟ କରିଥିଲା। ନାବାଳକ କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖ ରେ ଓ ଅନ୍ୟ ତିନି ଆସାମୀ ଙ୍କୁ ସ୍ଥାନୀୟ ଅଦାଲତ ରେ ହାଜର କରାଯାଇଛି। ଆଜି ର ସାମ୍ବାଦିକ ସମ୍ମିଳନୀ ରେ ଶିକ୍ଷାଞ୍ଚଳ ଥାନା ଅଧିକାରୀ ରୋହିତ କୁମାର ବଳ ଓ ତଦନ୍ତକାରି ଅଧିକାରୀ ଏ ଏସ ଆଇ ଅଘୋର ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କାଠଗଡ଼ାରେ ଡିଜିପି ...

ପରେ ସେହି ତାଲିକାକୁ ବଢ଼ାଇ ୧୧ ଜଣଙ୍କ ନାଁ ସାମିଲ କରାଯାଇଥିଲା। ଏଥିରେ ଏଡିଜି ପାହ୍ୟା ଅଫିସରଙ୍କୁ ମଧ୍ୟ ସାମିଲ କରାଯାଇଥିବା ନେଇ ପ୍ରଶ୍ନ ଉଠିଛି। ଏହା ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ବିରୋଧୀ ବୋଲି ଦର୍ଶାଇଛନ୍ତି ପିଟିସନର୍ । ଅପରପକ୍ଷରେ ଓଡ଼ିଶା ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛି। ସରକାରଙ୍କ ଯୁକ୍ତି- ଅଫିସରଙ୍କ ପଦୋନ୍ନତି ଏକ ନିୟମିତ ସେବା ସମ୍ବନ୍ଧୀୟ ବିଷୟ ଓ ଡିଜିପି ଚୟନରେ କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ପୂର୍ବତନ ଡିଜିପି ୱାଇ. ବି. ଖୁରାନିଆ ଅଗଷ୍ଟ ୧୬ ରେ ଅବସର ନେଇଥିଲେ। ଏହା ପରଠାରୁ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଦାୟିତ୍ୱ ଦିଆଯାଇଛି। ଆଉ ଏବେ ସୁପ୍ରିମକୋର୍ଟଙ୍କ ସେପଟେମ୍ବର ୭ର ଶୁଣାଣି ଉପରେ ନଜର ରହିଛି ।

### ପିୟୁସିସି ଜରିମାନା କମାଇଲେ...

ନୂଆ ବିଜ୍ଞପ୍ତି ଅନୁଯାୟୀ, ପିୟୁସିସି ନଥିଲେ ମୋଟର ସାଇକେଲ୍ ପାଇଁ ପ୍ରଥମ ଥର ୧ ହଜାର ଏବଂ ଦ୍ୱିତୀୟ ଥର ୨ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ତିନି ଚକିଆ ଯାତ୍ରୀବାହୀ ଓ ମାଲବାହୀ ଗାଡ଼ି ପାଇଁ ମଧ୍ୟ ଜରିମାନା ରାଶି ସମାନ ରହିଛି। ମୋଟର କ୍ୟାବ୍, ମୋଟର କାର୍ ଓ ଜିପ୍ ପାଇଁ ପ୍ରଥମ ଥର ଉଲ୍ଲଂଘନ କ୍ଷେତ୍ରରେ ୨ ହଜାର ଏବଂ ଦ୍ୱିତୀୟ ଥର ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ ହୋଇଛି। ଟ୍ରାକ୍ଟର ଓ ଟ୍ରେଲର୍ ପାଇଁ ମଧ୍ୟ ରହିଛି ସମାନ ଜରିମାନା ବ୍ୟବସ୍ଥା। ଏସବୁ ବାଦ୍ ପରିବହନ କ୍ଷେତ୍ରରେ ନିୟୋଜିତ ଅନ୍ୟ ସମସ୍ତ ଗାଡ଼ିକୁ ପ୍ରଥମ ଥର ଉଲ୍ଲଂଘନ କଲେ ୩ ହଜାର ଓ ଦ୍ୱିତୀୟ ଥର ୬ ହଜାର ଟଙ୍କା ଦେବାକୁ ପଡ଼ିବ। ରାଜ୍ୟରେ ଗତ କିଛି ମାସ ତଳେ ଚଟଉଡ ନିୟମ ଓ ଜୋରଦାର ଚେକିଂକୁ ନେଇ ଖପ୍ପା ହୋଇଥିଲେ ସାଧାରଣ ଲୋକେ। ଏଥିସହିତ ଜରିମାନା ପରିମାଣ କମାଇବାକୁ ଦାବି କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ଫି' ପରିମାଣ ହ୍ରାସ କରିଥଇବାରୁ ଗାଡ଼ି ଚାଳକ ଓ ମାଲିକ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ସଡ଼କ ସୁରକ୍ଷା ବିଶେଷଜ୍ଞ କହିଛନ୍ତି, ଅନ୍ୟ ରାଜ୍ୟଗୁଡ଼ିକରେ କିଛି ବର୍ଷ ପୂର୍ବରୁ ଏହି ନିୟମ କୋହଳ କରିଥିଲେ। ଆମ ରାଜ୍ୟରେ ବିଳମ୍ବରେ ହେଲେ ବି ଏହା କାର୍ଯ୍ୟକାରୀ ହୋଇଛି। ତେବେ ୯୦ ଦିନରୁ ଅଧିକ ସମୟ ଧରି ଇ-ଚାଲାଣ ବକେୟା ରହିଲେ ଚଟଉଡ ମିଳିବ ନାହିଁ। ଜରିମାନା କୋହଳ କରାଯାଇଥିଲେ ମଧ ସବୁ ନିୟମ ମାନିବା ଉପରେ ଗୁରୁତ୍ୱ ଦେଇଛି ପରିବହନ ବିଭାଗ। ରାସ୍ତାକୁ ଗାଡ଼ି କାଢ଼ିବା ପୂର୍ବରୁ ଜଉ ବୁକଠାରୁ ଆରମ୍ଭ କରି ଏହାର ଫିଟନେସ୍, ପିୟୁସିସି ଓ ଇନ୍ସୁରାନ୍ସ ଆଦି କରାଇନେବାକୁ ମନ୍ତ୍ରୀ ଅପିଲ୍ କରିଛନ୍ତି। ସୂଚନା ଅନୁସାରେ ଏବେ ବି ରାଜ୍ୟର ପ୍ରାୟ ୪୦ ଲକ୍ଷ ଗାଡ଼ିର ଇନସୁରାନ୍ସ ନାହିଁ।

### ଜଳଶକ୍ତି ଶୀର୍ଷ ସମ୍ମିଳନୀରେ...

ବିଷୟରେ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଉଲ୍ଲେଖ କରିଥିଲେ। ୨୦୦୩-୦୪ରୁ ଅଟକି ରହିଥିବା ଏହି ପ୍ରକଳ୍ପର ସ୍ଥାନୀୟ ମା'' ଶାଳବଣୀ ଇଷ୍ଟଦେବୀଙ୍କ ପୀଠର ସମ୍ମାନଜନକ ସ୍ଥାନାନ୍ତର, ଏନ୍‌ଏଚ୍‌ଏଆଇ ସହ ସମନ୍ୱୟ ଏବଂ ସିଡବ୍ଲ୍ୟୁସି ଓ ଆଇଆଇଟି ରୁରକିର ବୈଷୟିକ ସହାୟତାରେ ପ୍ଲାଷ୍ଟିକ୍ କଟ୍-ଅଫ୍ ୱାଲ୍ ନିର୍ମାଣ କରି ସମସ୍ତ ସମସ୍ୟାର ସମାଧାନ କରାଯାଇଛି। ଅଗଷ୍ଟ ୩୧ ସୁଦ୍ଧା ଏହି ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱର୍କ ଶେଷ ହୋଇ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଝୀ କହିଥିଲେ।

### ରୁଷ ଏୟାରସ୍ପେସ ବ୍ୟବହାର ନକରିବାକୁ ସବୁ ...

ରୁଷ ଅଞ୍ଚଳ ମଧ୍ୟରେ ସାମରିକ ଏବଂ ଶକ୍ତି ପ୍ରତିଷ୍ଠାନକୁ ଟାର୍ଗେଟ କରିବା ପାଇଁ ୟୁକ୍ରେନ ଡ୍ରୋନ୍ ବ୍ୟବହାର କରୁଛି। ରୁଷ ୟୁକ୍ରେନୀୟ ସହର ଏବଂ ଭିତ୍ତିଭୂମି ଉପରେ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟ କରୁଛି। ଏଭଳି ଚେତାବନୀ ପରେ ଏବେ ବି ରୁଷିଆନ ଏୟାରସ୍ପେସ୍ ବ୍ୟବହାର କରୁଥିବା ଏୟାରଲାଇନ୍ସ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସେସବୁ ଏୟାରଲାଇନ୍ସଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆ ଅନ୍ତର୍ଭୁକ୍ତ, ଯାହା ୟୁରୋପ ଏବଂ ଆମେରିକାକୁ ଯାଉଥିବା କିଛି ରୁଟ୍‌ରେ ରୁଷିଆନ ଏୟାରସ୍ପେସ୍ ବ୍ୟବହାର କରିଆସୁଛି। ଚୀନ୍ ଏବଂ ଉପସାଗରୀୟ ଦେଶଗୁଡ଼ିକର ୨୪ରୁ ଅଧିକ ଏୟାରଲାଇନ୍ସ ମଧ୍ୟ ରୁଷିଆନ ଏୟାରସ୍ପେସ୍ ଦେଇ ଉଡ଼ାଣ କରୁଛନ୍ତି। ଯାହା ସେମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ। ଏହି ସମୟରେ, ଅନେକ ଆମେରିକୀୟ ଏବଂ ୟୁରୋପୀୟ ଏୟାରଲାଇନ୍ସ ପୂର୍ବରୁ ରୁଷିଆନ ଏୟାରସ୍ପେସ୍ ଏଡାଇ ଦେଇଛନ୍ତି।

### ଉତ୍ତର ଓଡ଼ିଶାକୁ ...

ପାଟଣାଠାରେ କାଣୀ ନଦୀରେ ସୃଷ୍ଟି ହୋଇଥିବା ଘାଇ ଏବଂ ଖରସ୍ରୋତାର ଶାଖା ନଦୀର ହଳଦୀଡିଅ ଠାରେ ହୋଇଥିବା ଘାଇ ମରାମତି ହୋଇପାରୁନି। ଘାଇ ଦେଇ ସାଇଁ ସାଇଁ ହୋଇ ପାଣି ମାଡ଼ି ଚାଲିଥିବାରୁ ଗାଁ ଗଣ୍ଡା, ଘରଦ୍ୱାର ସବୁଆଡେ ପାଣି। ବୈତରଣୀ ବନ୍ୟା ଯୋଗୁ ଭଦ୍ରକ ଜିଲ୍ଲାର ଆଖଣ୍ଡଳମଣୀ, କୁଆଖିଆ ଏବଂ ଆରଡି-ଚାନ୍ଦବାଲି ରାସ୍ତାରେ ବନ୍ୟାପାଣି ଢେଉ ମାରୁଛି।

### ସେପ୍ଟେମ୍ବର ୭ ରୁ କେଦାରନାଥ ...

ୟୁ. ସି. ଏ. ଡି. ଏ. ଅନୁଯାୟୀ, ଟିକିଟର କଳାବଜାରୀକୁ ରୋକିବା ଏବଂ ବୁକିଂ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଦିନର ଅବଧି ପାଇଁ ପର୍ଯ୍ୟାୟକ୍ରମେ ଟିକେଟ୍ ୧୫-୧୫ ଉପଲବ୍ଧ କରାଯିବ। କର୍ତ୍ତୃପକ୍ଷ ହେଲି ଅପରେଟରମାନଙ୍କ ସହିତ ଆବଶ୍ୟକ ବୈଠକ କରିଛନ୍ତି। ଏଥି ସହିତ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏବଂ ପାଣିପାଗ ବିଭାଗ ସହିତ ମଧ ସମନ୍ୱୟ ରକ୍ଷା କରାଯାଉଛି। ୟୁସିଏଡିଏ କହିଛି ଯେ ପାଣିପାଗ ପରିସ୍ଥିତି, ସୁରକ୍ଷା ମାନଦଣ୍ଡ ଏବଂ ଡିଜିସିଏର ଅନୁମତି ଅନୁଯାୟୀ ହେଲି ସେବା ପରିଚାଳିତ ହେବ। କେବଳ ଅଧିକୃତ ଚ୍ୟାନେଲ ମାଧ୍ୟମରେ ଟିକେଟ୍ ବୁକ୍ କରିବାକୁ କର୍ତ୍ତୃପକ୍ଷ ଭକ୍ତମାନଙ୍କୁ ନିବେଦନ କରିଛନ୍ତି। ଚାରିଧାମ ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଗୁପ୍ତକାଶୀ, ଫାଟା ଏବଂ ସିରସିରେ ହେଲିପ୍ୟାଡରୁ ଆଠଟି ହେଲି ଅପରେଟରଙ୍କ ମାଧ୍ୟମରେ କେଦାରନାଥକୁ ସେବା ପରିଚାଳିତ ହୋଇଥିଲା। ଏହି ସମୟରେ ପ୍ରାୟ ୬୭ ହଜାର ଭକ୍ତ ହେଲି ସେବାର ଲାଭ ଉଠାଇଥିଲେ।

# ଉଦ୍ଧାର ବେଳେ ବୁଡ଼ିଗଲା ଡଙ୍ଗା: ଅଳ୍ପକେ ବର୍ତ୍ତିଗଲା ୨୦ଜୀବନ



ବାଲେଶ୍ୱର, ୨/୯ (ନି.ପ୍ର): ଆଜି ସନ୍ଧ୍ୟା ପ୍ରାୟ ୬:୩୦ ମିନିଟ ସମୟରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ରସଲପୁର ଗ୍ରାମରେ ବନ୍ୟାପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ଯାଇଥିବା ଯନ୍ତ୍ରଚାଳିତ ଡଙ୍ଗାବୁଡ଼ିଯାଇଛି । ଡଙ୍ଗାରେ ୨୦ରୁ ଅଧିକ ଲୋକ ଥିବାବେଳେ ଗୃହପାଳିତ ପଶୁ ଓ ମଟରସାଇକେଲ ଥିଲା । ସୂଚନା ଅନୁସାରେ ଏବର୍ଷ ସୁବର୍ଣ୍ଣରେଖା ନଦୀର ତୃତୀୟ ବୃହତ୍ତମ ବନ୍ୟା ହୋଇଛି । ଏହି ବନ୍ୟାରପ୍ରକୋପରୁ ବାଦ୍ ପଡ଼ିନି ବିଷ୍ଣୁପୁର ପଞ୍ଚାୟତର ରସଲପୁର ଗ୍ରାମ । ଗ୍ରାମର ଦୁଇଶହରୁ ଅଧିକ ଲୋକଙ୍କ ଘରେ ପାଣି ପସିଯାଇଥିବାବେଳେ ୧୫୦୦ରୁ ଅଧିକ ଲୋକ ପ୍ରଭାବିତ ଅଛନ୍ତି । ଆଜି ସନ୍ଧ୍ୟାରେ ଏକ ଘରୋଇ ଯନ୍ତ୍ରଚାଳିତ ଡଙ୍ଗାସାହାଯ୍ୟରେ ଗ୍ରାମର କିଛି ସ୍ୱେଚ୍ଛାସେବୀ ଯୁବବର୍ଗ ପାଣିଘେରରେ ରହିଥିବା ଲୋକଙ୍କ ଉଦ୍ଧାର ପାଇଁ ଯାଇଥିଲେ । ୨୦ରୁ ଅଧିକ ଲୋକ, ଗୃହପାଳିତ ପଶୁ ଓ ଆସବାବପତ୍ର ସହ ମଟର ସାଇକେଲୁ ନେଇ ଆସୁଥିବାବେଳେ ପ୍ରବଳ ସ୍ରୋତରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା । ସୌଭାଗ୍ୟ ବସତଃ କୌଣସି ଜୀବନ ହାନି ହୋଇନଥିବାବେଳେ କେତେକ ଆସବାବପତ୍ର ଓ ଗୋଟିଏ ମଟରସାଇକେଲ ପାଣିରେ ଭାସିଯାଇଛି । ଜନସାଧାରଣଙ୍କ କହିବା ଅନୁସାରେ ତିନିଦିନହେବ ବନ୍ୟାପାଣି ବୁଡ଼ିରହିଥିଲେମଧ୍ଯ ଏଯାଏଁ ଲୋକଙ୍କ ପାଖରେ ରନ୍ଧାଖାଦ୍ୟ ପହଞ୍ଚି ନାହିଁ । ଏବାବଦରେ ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ ଯୋଗାଯୋଗ କରାଯିବାପରେ ଆସନ୍ତାକାଲି ସକାଳେ ରନ୍ଧା ଖାଦ୍ୟ ଓ ଦମକଳ ବାହିନୀର ଡଙ୍ଗା ଯୋଗାଇଦିଆଯିବା କଥା କହିଥିଲେ । ସୂଚନା ଥାଉକି ରସଲପୁର ଗ୍ରାମଟି ବାଲିଆପାଳ ବ୍ଲକ ଅଧିନରେ ଥିଲେବି ଭୋଗରାଇପଟେ ରହୁଥିବାରୁ ଉଭୟ ବ୍ଲକପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି ଓ ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେବାସହ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ।

ଗୁରୁବାର, ସେପ୍ଟେମ୍ବର ୦୩, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଅଜଣା ଶବ ଉଦ୍ଧାର : ମିଳିଲା ପରିଚୟ

ଜଳେଶ୍ୱର,୨/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରେ ଭାସୁଥିବା ଅଜଣା ମୃତଦେହଟିକୁ ଗତ କାଲି ନମକାନା ନଦୀ କୂଳରୁ ଉଦ୍ଧାର କରାଯାଇଥିଲା। ରାଇବଣିଆ ଥାନା ଗୁରୁଦାସପୁର ନିକଟସ୍ଥ ସୁବର୍ଣ୍ଣରେଖା ନଦୀରେ ଏକ ଅଜଣା ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଜଳେଶ୍ୱର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।ମାତ୍ର ନଦୀରେ ପ୍ରଖର ସ୍ରୋତ ଓ ଜଳସ୍ତର ଅଧିକ ଥିବାରୁ ମୃତଦେହଟି ଗଭୀର ପାଣିରେ ଭାସି ନିଖୋଜ ହୋଇଯାଇଥିଲା। ତେବେ ପୋଲିସ ଓ ଅଗ୍ନିଶମ ବିଭାଗ ନଦୀର ନିମ୍ନ ଅଞ୍ଚଳଗୁଡ଼ିକରେ କଡ଼ା ନଜର ରଖିଥିବା ବେଳେ,ଗତ କାଲି ପ୍ରାୟ ଦିନ ୧୦ଟା ସମୟରେ ପଶ୍ଚିମବାଡ଼ ପଞ୍ଚାୟତର ନମକାନା ଠାରେ ନଦୀ କୂଳରେ ଶବଟି ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଏ ନେଇ ଜଳେଶ୍ୱର ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ଉଦ୍ଧାର କରି ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ଫ୍ରିଜ୍‌ରେ ସୁରକ୍ଷିତ ରଖାଯାଇଥିଲା।ମୃତ ବ୍ୟକ୍ତିଙ୍କ ପରିଚୟ ଓ ଶବଟି କେଉଁ ଅଞ୍ଚଳରୁ ଭାସି ଆସିଛି,ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନ ଥିଲା।ଜଳେଶ୍ୱର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରିଥିଲା। ତେବେ ବିଭିନ୍ନ ଗଣ ମାଧ୍ୟମ ରେ ଖବର ପ୍ରସାରଣ ହେବା ପରେ ଆଜି ମୟୁରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ଚାନ୍ଦୁଆ ଗ୍ରାମର ସାଗେନ୍ଦ୍ର ବେହେରା ଙ୍କ ୩୨ ବର୍ଷର ପୁଅ ରାସବିହରି ବେହେରା ଙ୍କ ବୋଲି ଜଣା ପଡ଼ିଥିଲା। ତେବେ ଗତ ୩୦ ତାରିଖ ଦିନ କୌଣସି କାରଣ ନାହିଁ ମୟୁରଭଞ୍ଜ ଜିଲ୍ଲା ର ଜାମଶୁଳା ଡ୍ୟାମ ପାଖରୁ ନିଖୋଜ ଥିଲେ। ସେଥିପାଇଁ ଚାନ୍ଦୁଆ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଥିଲା।ଆଜି ଘର ଲୋକ ମାନେ ଜଳେଶ୍ୱର ତହସିଲ ର ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ ଓ ନାମ୍ପୋ ଫାଣ୍ଡିର ସବ ଇନ୍ସପେକ୍ଟର କରନ ମାରାଣ୍ଡି ଙ୍କ ଉପସ୍ଥିତିରେ ମୃତ ଶରୀର ଡାହାଣ ହାତ ରେ ଟାଟୁ ରେ (ଆର ଏସ) ଲେଖା ଥିବା ଦେଖି ତାଙ୍କ ବାପା ତାଙ୍କ ପୁଅ ବୋଲି ଚିହ୍ନଟ କରିଥିଲେ।

## ନୀଳଗିରି ନକଲି ସାର ଘଟଣାର ନୂଆ ମୋଡ

- ■ମୁହଁ ଖୋଲିଲେ ସିଇଓ, କହିଲେ କେଉଁଠୁ ଆଣିଥିଲେ ସାର
- ■ପୋଲିସ ସ୍କାନରରେ ସାର ବ୍ୟବସାୟୀ
- ■ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ଚାଷୀ




ନୀଳଗିରି, ୨/୯ (ନି.ପ୍ର): ନୀଳଗିରିରେ ଚାଷୀଙ୍କ ଚିନ୍ତା ବଢାଇଛି ନକଲି ସାର।ନକଲି ସାର ଘଟଣାରେ ଏବେ ନୂଆମୋଡ ସାମ୍ନାକୁ ଆସିଛି। ଅଗ୍ରିମ ବେଲ୍ ନେଇଥିବା ସିଇଓ ସସ୍ମିପ୍ରଭା ରାଉତ ପୋଲିସର ପଚରାଉଚୁରାରେ ସତ କଥା ସାମ୍ନାକୁ ଆଣିଛନ୍ତି।ସାର ଆଣିଥିବା ଡିପୋର ତଥ୍ୟ ପୋଲିସକୁ ପ୍ରଦାନ କରିଛନ୍ତି ଶ୍ରୀମତୀ ରାଉତ। ସୂଚନା ମୁତାବକ ଗତ ଅଗଷ୍ଟ ମାସ ୬ତାରିଖରେ ନୀଳଗିରି ବ୍ଲକର ବେଗୁନିଆ ଓ ମଛୁଆ ପଞ୍ଚାୟତରେ ଓରମାସର ଏଫ୍ ?ପିଓ ସଂସ୍ଥା ପକ୍ଷରୁ ସିଇଓ ,କୃଷିମିତ୍ର ଓ ଏମ୍‌ବିକେଙ୍କ ଜରିଆରେ ଚାଷୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନିଆଯାଇ ଚାଷୀଙ୍କୁ ୟୁରିଆ,ପଟାସ ଓ ଡିଏପି ସାର ପ୍ରଦାନ କରାଯାଇଥିଲା।ହେଲେ ସାର ଗୁଡିକ ନକଲି ବୋଲି ସନ୍ଦେହକରି ଚାଷୀମାନେ ନୀଳଗିରି ବ୍ଲକ ପରିସରରେ ଅଗଷ୍ଟ ୧୦ ତାରିଖରେ ଅନୁଷ୍ଠିତ ଜନଶୁଣାଣୀ ଅଭିଯୋଗ ଶିବିରରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।ପରେ ସାର ଜବତ ହୋଇ ଲ୍ୟାବ ଟେଷ୍ଟ ପାଇଁ ନିଆଯାଇଥିଲା।ଲ୍ୟାବ ରିପୋର୍ଟ ଆସିବାପରେ ସବୁ ସତ ସାମ୍ନାକୁ ଆସିଥିଲା। ପଟାସ ଓ ଡିଏପି ସାର ନନ୍ ଷ୍ଟାଣ୍ଡାର୍ଡ ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା।ପରେ କୃଷିବିଭାଗ ପକ୍ଷରୁ ଏଫିଓ ସଂସ୍ଥା ବିରୋଧରେ ଥାନାରେ ଏତଲା ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧୯ ତାରିଖଠାରୁ ଏଫିଓ ସଂସ୍ଥାର ସିଇଓ କେଉଁଆଡେ ଗାୟବ ହୋଇଯାଇଥିଲେ। ଗତକାଲି ତାଙ୍କୁ ନୀଳଗିରି ପୋଲିସ ନୀଳଗିରିରେ ପାଇବାପରେ ପଚରାଉଚୁରା କରିଥିଲା। ପୋଲିସ ସମ୍ମୁଖରେ ସବୁ ସତ ଓଗାଳିଛନ୍ତି ସିଇଓ ସଶ୍ମିପ୍ରଭା। ବାବୁଲା ବିଶ୍ୱାଳ ନାମକ ଜଣେ ସାର ଦୋକାନୀଠାରୁ ସାର ଆଣିଥିବା କହିଛନ୍ତି।ଆଜି ପୋଲିସ ବାବୁଲାଙ୍କ ଫୋନ ଟ୍ରାକିଂକରି ବାବୁଲାଙ୍କ ସାର ଦୋକାନରେ ପହଞ୍ଚିଥିଲା।ହେଲେ ଉଭୟ ବାବୁଲା ଏବଂ ତାଙ୍କ ବାପା ଦୋକାନରେ ଉପସ୍ଥିତ ନଥିଲେ। ଅସୁସ୍ଥତା କାରଣରୁ ବାବୁଲା ଏବଂ ତାଙ୍କ ବାପା ମେଡିକାଲରେ ଥିବା କହିଛନ୍ତି ଦୋକାନରେ ଥିବା କର୍ମଚାରୀ। ପୋଲିସର ସ୍କାନରରେ ବାବୁଲା ବିଶ୍ୱାଳ ଥିବାବେଳେ ଅଧିକ ତଦନ୍ତ ଜାରିରହିଥିବା କହିଛନ୍ତି ନୀଳଗିରି ଆଇଆଇସି ଗୋବର୍ଦ୍ଧନ ବିଶ୍ୱାଳ।

## ଧୀରେ ଉଛୁଳିଛି ସୁବର୍ଣ୍ଣରେଖା: ଜଳ ସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳରେ ବଢୁଛି ଚିନ୍ତା



ବାଲିଆପାଳ , ୨/୯ (ନି.ପ୍ର): ମଙ୍ଗଳବାର ଠାରୁ ସୁବର୍ଣ୍ଣରେଖା ଯେତିକି ଫୁଲିଛି ଲୋକଙ୍କ ଦୁର୍ଦ୍ଦଶା ସେତିକି ବଢୁଛି। ୧୫ ଦିନ ମଧ୍ୟରେ ତିନି ଥର ବନ୍ୟା। ତୃତୀୟ ବନ୍ୟା ସବୁ ଠାରୁ ବଡ ବୋଲି ଆକଳନ କରାଯାଇଛି। ଝାଡ଼ଖଣ୍ଡ ସରକାରଙ୍କ ସୁଚନା ଅନୁସାରେ ୧୨ଙ୍କରେ ଜଳସ୍ତର ପ୍ରଭାବିତ ହେବାର ସୁଚନା ରହିଥିବା ଜଣାପଡିଛି। ତେବେ ରାଜଘାଟ ଠାରେ ବିପଦ ସଂକେତ ୧୦.୩୬ ରହିଥିବା ବେଳେ ମଙ୍ଗଳବାର ଠାରୁ ଜଳ ସ୍ତର ବୃଦ୍ଧି ପାଇଁ ବୁଧବାର ସନ୍ଧ୍ୟା ପାଞ୍ଚଟା ସୁଦ୍ଧା ୧୧. ୬୫ ରେ ପ୍ରଭାବିତ ହେଉଛି। ଯଦି ରାତି ରେ ଜଳସ୍ତର ବୃଦ୍ଧି ପାଇବ ତାହେଲେ ସ୍ଥିତି ଗମ୍ଭୀର ହେବ । ସୁଚନା ଥାଉ କି ଝାଡ଼ଖଣ୍ଡର ଉପରମୁଣ୍ଡରେ ପ୍ରବଳ ବର୍ଷା ଏବଂ ଗାଲୁଡିହି ବ୍ୟାରେଜରୁ ୯ ଟି ଗେଟ୍ ଦେଇ ଜଳନିଷ୍କାସନ ହେଉଥିବାରୁ ସୁବର୍ଣ୍ଣ ରେଖାରେ ଜଳସ୍ତର ବୃଦ୍ଧି ପାଉଛି। ବାଲିଆପାଳ ବ୍ଲକରେ ୧୦ଟି ପଞ୍ଚାୟତର ପ୍ରାୟ ୪୦ ରୁ ପଚାଶ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମୁକୁଳା ନଦୀ ବନ୍ଧ ପାଇଁ ଦୁଇ ଦିନ ଧରି ପାଣି ଘରେ ଘରେ ପାଣି ପଶିଥିଲା ଏବେ ପୁଣି ବନ୍ୟା ପାଣି ରେ ଲୋକେ ଉବୁଟୁବୁ ହେଉଛନ୍ତି। ଚାରି ଦିନ ଧରି ଲୋକଙ୍କ ଚୁଲି ଲାଗି ନାହିଁ। ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଚୁଡା ଏବଂ ଗୁଡ ଦିଆଯାଇଥିଲେ ମଧ ତାହା ସବୁ ଜାଗାରେ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଜାମ କୁଣ୍ଡା, ବିଷ୍ଣୁପୁର , ଅସ୍ତି, ବାଲିଆପାଳ, ମଧୁପୁରା, ନିଖିରା,କୁମ୍ଭାରୀ ପଞ୍ଚାୟତର ୩୫ ସେଣ୍ଟରରେ ପ୍ରାୟ ୧୨୦୦୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ବ୍ଲକ୍ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ବିଡିଓ ରାଧାରଞ୍ଜନ ଦାଶ କହିଛନ୍ତି। ନଦୀ ବନ୍ଧ ଦୂର୍ବଳ ଥିବାରୁ ଇରିଗେସନ ବିଭାଗ ପକ୍ଷରୁ ବାଲିବସ୍ତା ମହଜୁଦ୍ ରଖାଯାଇ ନଜର ରଖାଯାଇଛି। ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପହଞ୍ଚି ବନ୍ୟା ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଉପ ଜିଲ୍ଲାପାଳ ଶିବ ମାଳାଭୀୟ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗ ହେମନ୍ତ ସିଂ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ ଉପସ୍ଥିତ ଥିଲେ।

## ଜୀବନକୁ ବାଜି ଲଗାଇ ସେବା ଯୋଗାଇ ଦେଉଛନ୍ତି ଅଙ୍ଗନୱାଡ଼ି ଦିଦି

ଉଦଳା , ୨/୯ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଜାମଡ଼ିହା ଗ୍ରାମରେ କାର୍ଯ୍ୟରତ ଅଙ୍ଗନୱାଡ଼ି ଦିଦି ମାଇନ ବାସ୍କେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇ ଦେଉଥିବାର କଥା ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବାକୁ ହେଲେ ଦିଦିଙ୍କୁ ନଦୀ ପାରି ହେବାକୁ ପଡ଼ିଥାଏ । ବର୍ଷା ଦିନ ହେଲେ ଦିର୍ଘ ୪ ମାସ ଏପରି ଦୃଶ୍ୟ ଦେଖିବାକୁ ମିଳେ । ଶିମିଳିପାଳରୁ ବାହାରିଥିବା ଏହି ନଦୀର ନାମ 'ଦେଓ'ଅଟେ । ପ୍ରଖର ସ୍ରୋତ ଯୋଗୁଁ ପାଦରେ ଚାଲି ଏହି ନଦୀ ପାରିହେବା ଖୁବ୍ ବିପଦପୂର୍ଣ୍ଣ ଅଟେ । ତେବେ ବିପଦକୁ ଖାତିର ନକରି ଆଜକୁ ୩୦ ବର୍ଷ ଧରି ଅଙ୍ଗନୱାଡ଼ି ଦିଦି ଲୋକଙ୍କୁ ସେବା ଯୋଗାଇ ଦେବା



ପାଇଁ ନିୟମିତ ନଦୀ ପାରି ହେଉଛନ୍ତି । କେତେବେଳେ ଆଣ୍ଠୁଏତ ପୁଣି କେତେବେଳେ ଅଂଟାଏ ପାଣିରେ ନଦୀ ପାରି ହେବାକୁ ପଡୁଥିବାର ଦେଖିବାକୁ ମିଳେ । ନଦୀ ପାରିହେବା ପାଇଁ ତାଙ୍କୁ ତାଙ୍କର ସ୍ୱାମୀ ସାଗରାମ ହାଁସଦା ସାହାଯ୍ୟ କରିଥାନ୍ତି । ଦିଦିଙ୍କର ଦୃଢ଼ ମନୋବଳ ଓ ସାହସ ଦେଖି ଲୋକେ ଖୁବ୍ ଆଶ୍ଚର୍ଯ୍ୟ ହେବା ସହ ପ୍ରଶଂସା କରିବାକୁ କେହି ପଛାଉ ନାହାଁନ୍ତି । ବହୁ ସ୍ୱେଚ୍ଛାସେବି ସଂଗଠନ ଅଙ୍ଗନୱାଡ଼ି ଦିଦି ମାଇନ ବାସ୍କେ ଏବେ ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି ବୋଲି କହି ତାଙ୍କୁ ପୁରସ୍କୃତ କରିବାର ଆବଶ୍ୟକତା ରହିଛି ମତ ଦେଇଛନ୍ତି । କର୍ତବ୍ୟରେ ନିଷ୍ଠା, ଦୃଢ଼ମନୋବଳ ଓ ସାହସ ଆଗରେ କିପରି ସବୁପ୍ରକାର ପ୍ରତିକୂଳ ପରିସ୍ଥିତି ହାର ମାନିଥାଏ ଏହା ହେଉଛି ତାର ଜ୍ୱଳନ୍ତ ଉଦାହରଣ ବୋଲି ଅନେକ କହିଛନ୍ତି । ବର୍ଷା ଦିନରେ ଚାରି ମାସ ପାଇଁ ଦିଦିଙ୍କୁ ଏକ ଲାଇଫ ଜାକେଟ ପ୍ରଦାନ କରାଯାଉ ବୋଲି କେତେଜଣ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

## ରାଜ୍ୟସ୍ତରୀୟ ୩୯ ତମ ଯୁବ ବାସ୍କେଟବଲ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲାର ବାଳକ ଓ ବାଳିକା ଦଳ ଘୋଷିତ

ଭଦ୍ରକ, ୨/୯ (ନି.ପ୍ର): ଭୁବନେଶ୍ୱର ର ଟି ଏସ ଜି ଗୁରୁକୁଳ ସ୍କୁଲ ଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟ ସ୍ତରୀୟ ଯୁବ ବାସ୍କେଟବଲ ପ୍ରତିଯୋଗିତା ଟି ୩ ସେପ୍ଟମ୍ବର ରୁ ଆରମ୍ଭ ହୋଇ ୬ ସେପ୍ଟମ୍ବର ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ତାର ୧୨ ଜଣ ଲେଖାଏଁ ବାଳକ ଓ ବାଳିକା ଖେଳାଳୀ ଙ୍କ ନାମ ଘୋଷଣା କରିଛି । ଏହି ଦଳ କୁ ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆଶୋସିଏସନ୍ ର ସଂପାଦକ ଧିରେନ୍ ପଲାଇ , ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ଜିଲ୍ଲା କ୍ରିଡା ଅଧିକାରୀ ଦେବଦତ ମହାପାତ୍ର ଓ ଓ ଏ ସ୍




ଡି ସ୍ପୋର୍ଟସ ରମେଶ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ,ସଂଘର ସମସ୍ତ ସଦସ୍ୟ ଓ ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ପ୍ରମୁଖ ଖେଳାଳୀ ମାନଙ୍କୁ ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି .ଏହି ଦଳ ସହିତ ମଧୁସ୍ମିତା ନାୟକ ଓ ସିଧାର୍ଥ ମହାନ୍ତି କୋଚ୍ ଓ ସ୍ୱାଗତ ନାୟକ ମ୍ୟାନେଜର ଭାବରେ ଯାତ୍ରା କରୁଛନ୍ତି । ବାଳକ ଖେଳାଳୀ ଙ୍କ ନାମ -- ଧର୍ମେଶ ନାରାୟଣ ସାହୁ,ତନ୍ମୟ ପ୍ରଧାନ , ମହାବୀର ପାତ୍ର , ସତ୍ୟଜିତ ଜେନା, ଡି ପି ଅଶ୍ମିତ୍ କୁମାର ଜିତେନ୍ଦ୍ର ଦାଶ୍ , ଓମ ପ୍ରକାଶ ବଳ, ସତ୍ୟଜିତ ସେଠୀ, ଏସ କେ ଅରମାନ୍ ,ନିଲ୍ ଦାଖ୍, ଦିବ୍ୟାଙ୍ଗ ଜେନା, ରିଷବ୍ ସେଠୀ .. ବାଳିକା ଦଳ- ବିଶ୍ୱରୂପା ସାହୁ, ଅଙ୍କିତା ସାହୁ , ଜିସ୍ମୟୀ ନାୟକ, ସ୍ୱାଗତିକା ସ୍ୱାଇଁ ,ରଶ୍ମିତା ବେହେରା , ଶ୍ରାବଣୀ ନାୟକ, ସୁଗନ୍ଧା ସାହୁ ଲକ୍ଷ୍ମୀପ୍ରିୟା ସାହୁ ,ସୂର୍ଣମୟୀ , ପ୍ରଗତିକା ସ୍ୱାଇଁ ,ସୁନିଲତା ବେହେରା ଯାସିରା ଅଲ୍ଲୀ ପ୍ରମୁଖ ଦଳ ସହିତ ଯାତ୍ରା କରୁଛନ୍ତି ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର: କେନ୍ଦୁଝର ସ୍ଥାନାନ୍ତର

ଚମ୍ପୁଆ, ୨/୯ (ନି.ପ୍ର): ଚମ୍ପୁଆ ବ୍ଲକ ଅଡଙ୍ଗାପାଳ ଗାଁରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଉଛନ୍ତି ମଙ୍ଗଳପୁର ଗାଁର ବିଲବିଲା ମୁଣ୍ଡା। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ପ୍ରାୟ ୧୫ଟି ହାତୀ ଥିବା ଏକ ହାତୀପଲ ଅଡଙ୍ଗାପାଳ ଗାଁ ନିକଟସ୍ଥ ଜଙ୍ଗଲକୁ ଚାଲିଆସିଥିଲେ। ଆଜି ବିଲବିଲା ସେହି ହାତୀପଲକୁ ଦେଖିବା ପାଇଁ ଯାଇଥିବା ବେଳେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦଳରୁ ଅଲଗା ହୋଇ ରହିଥିବା ଏକ ଦନ୍ତା ହାତୀ ତାଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ଜୀବନ ବିକଳରେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତଳେ ପଡ଼ିଯାଇଥିଲେ ଏବଂ ହାତୀଟି ତାଙ୍କୁ ଗୋଇଠା ମାରି ଆହତ କରିଥିଲା।

## ୪୮ ବର୍ଗ ଅନୁଦାନ ବର୍ଗ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଅଧ୍ୟାପକ କର୍ମଚାରୀଙ୍କ ସରକାର ନିକଟରେ ଦାବି

ବାଲିଆପାଳ , ୨/୯ (ନି.ପ୍ର): ବୁଧବାର ବାଲିଆପାଳ ସ୍ଥିତ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସରକାର ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି ।ଆଜକୁ ଦୀର୍ଘ ଅଠର ଦିନ ଧରି ଅଧ୍ୟାପକ , ଶିକ୍ଷକ,କର୍ମଚାରୀ ଚାକିରୀ ସର୍ତ୍ତାବଳୀ, ପ୍ରମୋଶନ ଓ ପେନସନ ଦାବିରେ ଅହରାତ୍ର ରାଜରାସ୍ତାରେ ଧାରଣାରେ ବସିଛନ୍ତି। ସମସ୍ତେ ଉକ୍ତ ଦାବିକୁ ସମର୍ଥନ ଜଣାଇବା ସହିତ ଦାବୀ ପୂରଣ ନହେଲେ ଆସନ୍ତା ଗୁରୁ ଦିବସରେ ସମସ୍ତ ଅଧ୍ୟାପକ କର୍ମଚାରୀ ଭୁବନେଶ୍ୱର ରାଜରାସ୍ତାରେ ଧାରଣାରେ ବସିବାକୁ ନିଷ୍ପତି ନେଇଛନ୍ତି । ଉକ୍ତ ସମ୍ମିଳନୀ ରେ ଅଧ୍ୟାପକ ଗଣେଶ ଚନ୍ଦ୍ର ସୀ, ମୋନୋଜ କୁମାର ମହାପାତ୍ର, ଡ: କୃଷ୍ଣ ଚନ୍ଦ୍ର ପ୍ରଧାନ,ସତ୍ୟ ନାରାୟଣ ସାହୁ, ଅକ୍ଷୟ କୁମାର ଗିରି,ବେଣୁଧର ନାୟକ,ସୁବଳ କୁମା ଗିରି,ରଞ୍ଜନ କୁମାର ପାଢ଼ୀ,ଦୁର୍ଗ ଶଙ୍କର ପ୍ରଧାନ,ଶାନ୍ତି ରଞ୍ଜନ ପ୍ରଧାନ,ବିଜୟ କୁମାର ମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟାଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି

ବାଲେଶ୍ୱର, ୨/୯ (ନି.ପ୍ର): ବାଲେଶ୍ୱର ପୌରପାଳିକାର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ଅଗ୍ନିଶମ ସେବା ବାହିନୀର ଦଳଗୁଡ଼ିକ ସକ୍ରିୟ ଭାବେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଟକି ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହିତ ଆବଶ୍ୟକତା ଥିବା ଲୋକଙ୍କୁ ସମୟୋପଯୋଗୀ ସହାୟତା ଯୋଗାଇ ଦିଆଯାଉଛି। ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ମାଗଣା ରନ୍ଧନଶାଳା ପରିଚାଳନା କରାଯାଇ ରହିଛି। ଏହା ମାଧ୍ୟମରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସଦ୍ୟ ପ୍ରସ୍ତୁତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ପଦକ୍ଷେପ ଦ୍ୱାରା ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସମୟୋଚିତ ଭାବେ ପୁଷ୍ଟିକର ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇବା ସୁନିଶ୍ଚିତ କରାଯାଉଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ବାଲେଶ୍ୱର ବର୍ତ୍ତମାନ ଭୋଗରାଇ ବ୍ଲକରେ ରହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ଏଥିସହିତ, ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଭାବେ ରନ୍ଧା ଖାଦ୍ୟ ଓ ଆବଶ୍ୟକ ସହାୟତା ବଣ୍ଟନ ସୁନିଶ୍ଚିତ କରିବା ପାଇଁ ମାଗଣା ରନ୍ଧନଶାଳାଗୁଡ଼ିକର କାର୍ଯ୍ୟକଳାପ ମଧ ନିରୀକ୍ଷଣ କରୁଛନ୍ତି। ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ମାଗଣା ରନ୍ଧନଶାଳାଗୁଡ଼ିକ କାର୍ଯ୍ୟକ୍ଷମ ରହିଛି। ଏହା ମାଧ୍ୟମରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସଦ୍ୟ ପ୍ରସ୍ତୁତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସମୟୋଚିତ ଖାଦ୍ୟ ସହାୟତା ଏବଂ ନିରନ୍ତର ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯାଉଛି।




## ଅତ୍ୟାଧୁନିକ ଚକାଚକ୍ ଲଣ୍ଡ୍ରି ଉଦ୍‌ଘାଟିତ

ବାସୁଦେବପୁର, ୨/୯ (ନି.ପ୍ର): ବାସୁଦେବପୁର ସହରରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସାମ୍ନାରେ ନାଥ ବିଲ୍ଡିଙ୍ଗ ପରିସରରେ ମହା ସମାରୋହରେ ନୂତନ ଭାବେ ଅତ୍ୟାଧୁନିକ ଚକାଚକ୍ ଲଣ୍ଡରି ଉଦଘାଟିତ ହୋଇ ଯାଇଛି। ଏହି ଉଦଘାଟନ ଉତ୍ସବରେ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସମ୍ପାଦକ ତଥା କବି ଓ ବିଶିଷ୍ଟ ସମାଜ ସେବୀ କୈଳାସ ଚନ୍ଦ୍ର ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉତ୍ସବକୁ ଫିତା କାଟି ଉଦଘାଟନ କରିଥିଲେ। ଏହି ଉତ୍ସବରେ ଏହି ଚକାଚକ୍ ଲଣ୍ଡରି ଡ୍ରାଏ କ୍ଲିନିଙ୍ଗର ମୁଖ୍ୟ ପ୍ରପାଇଟର ତଥା ନିର୍ଦ୍ଦେଶକ ଚିନ୍ମୟ କୁମାର ନାଥ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଯେଉଁ ନୂତନ ଅନୁଷ୍ଠାନ ଉଦଘାଟନ ହେଲା ସେଥିରେ ବିଭିନ୍ନ ପ୍ରକାରର ସୁବିଧା ରହିଛି ଯଥା ପ୍ରିମିୟମ ଲଣ୍ଡ ରି, ଡ୍ରାଏ କ୍ଲିନ୍, ସୋଜ କ୍ଲିନିଙ୍ଗ, ହୋମ୍ ଏସେନ୍ସିଆଲ,କ୍ଲିନିଙ୍ଗ, ଏକ୍ସପ୍ରେସ ୱାସ । ଏହି ଅନୁଷ୍ଠାନରେ ଇୟୁରୋପିଆନ୍ ଟେକ୍ନୋଲୋଜିରେ ଡ୍ରାଏ କ୍ଲିନିଙ୍ଗ ସୁବିଧା ସମସ୍ତଙ୍କ ପାଇଁ ଉପଲବ୍ଧ ରହିଛି। ଏହି ଉଦଘାଟନ ବାସୁଦେବପୁର ସହରରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଚିନ୍ମୟ କୁମାର ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida